
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୩ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 23 JUNE 2025
Vol.No. 36 ■ No.164 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ତୃତୀୟ ବିଶ୍ୱଯୁଦ୍ଧ ମୁହାଁ ମଧ୍ୟପ୍ରାଚ୍ୟ ଲଢ଼େଇ

■ଇରାନ ଉପରେ ଆମେରିକାର ଆକ୍ରମଣ ବଢ଼ାଇଲା ଭୟ
■ଯୁଦ୍ଧ ଭିତରେ ଇରାନ ରାଷ୍ଟ୍ରପତିଙ୍କ ସହ ମୋଦୀଙ୍କ ଆଲୋଚନା



ନୂଆଦିଲ୍ଲୀ,୨୨/୬ : ରବିବାର ଭୋର ପ୍ରାୟ ୪ଟା ୩୦ମିନିଟରେ ଇରାନର ବାୟୁସୀମା ଲଙ୍ଘି ଲକ୍ଷ୍ୟଭେଦ କରିଛି ଆମେରିକାର ଲଢ଼ୁଆ ଯୁଦ୍ଧ ବିମାନ । ଇରାନର ୩ଟି ପରମାଣୁ ଘାଟି ଫେର୍ଡୋ, ନତାଞ୍ଜ ଓ ଏସ୍‌ଫାହାନ୍ ଉପରେ ବଙ୍କର ବ୍ଲଷ୍ଟର ବୋମାଦ୍ୱାରା କରିଛି ପ୍ରଚଣ୍ଡ ଆକ୍ରମଣ । ମଧ୍ୟପ୍ରାଚ୍ୟ ଲଢ଼େଇକୁ ଲମ୍ଫ ମାରି ଯୁଦ୍ଧସ୍ଥିତିକୁ ଆହୁରି ଅଡୁଆ କରିଛି ଆମେରିକା । ତେବେ ବଡ଼ ଆକ୍ରମଣ ନେଇ ସୂଚନା ଦେବା ସହ ଇରାନ୍ ଯୁଦ୍ଧ ବନ୍ଦ ନକଲେ ପୁଣିଥରେ ଆକ୍ରମଣ କରିବୁ ବୋଲି ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏବେ ଇରାନକୁ ଶାନ୍ତିର ରାସ୍ତାରେ ଆସିବାକୁ ହେବ, ଯୁଦ୍ଧ ଶେଷ କରିବାକୁ ପଡ଼ିବ । ଆମେ ଶାନ୍ତି ଚାହୁଁ ସଂଘର୍ଷ ନୁହେଁ ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି । ଏହାସହିତ ଆକ୍ରମଣ ପରେ ଯୁଦ୍ଧ ବିମାନ ସୁରକ୍ଷିତ ଭାବେ ଇରାନରୁ ଫେରିଥିବା ଆମେରିକା ପକ୍ଷରୁ କୁହାଯାଇଛି । ପ୍ରଥମେ ଆମେରିକା ଏବଂ ଇସ୍ରାଏଲର ଗୁଇନ୍ଦା ସଂସ୍ଥା ମିଶି ଇରାନର ପରମାଣୁ ସ୍ଥାନଗୁଡ଼ିକୁ ନିରୂପଣ କରିଥିଲେ । ଦୃଢ଼ ସୂଚନା ମିଳିବା ନେଇ ନିଶ୍ଚିତ ହେବା ମାତ୍ରେ ଆମେରିକା ଆକ୍ରମଣ ଯୋଜନାକୁ ଲକ୍ କରିବା ସହ କାର୍ଯ୍ୟକାରୀ କରିଥିଲା । ଅପରେସନର ପୂରା ପ୍ରକ୍ରିୟାକୁ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ବିଶ୍ୱସ୍ତ ପରାମର୍ଶଦାତାମାନଙ୍କ ସହିତ ୱାର ରୁମ୍‌ରେ ବସି ନିରୀକ୍ଷଣ କରିଥିଲେ । ତେବେ ଆମେରିକାର ଏହି ଅପରେସନରେ ବି-୨ ବମ୍ବର ସବୁଠୁ ଆଧୁନିକ ଏୟାରକ୍ରାଫ୍ଟର ରହିଛି ପ୍ରମୁଖ ଭୂମିକା । ଜାଣନ୍ତୁ କଣ ଏହାର ବିଶେଷତ୍ୱ । ବି-୨ ବମ୍ବର ଅତ୍ୟାଧୁନିକ ଏୟାରକ୍ରାଫ୍ଟ । ଏହାକୁ ରାଡାର ସହଜରେ ଧରିପାରି ନଥାଏ । ୧୮ ହଜାର କିଲୋ ମାରଣାସ୍ତ୍ର ବୋହି ନେବାର କ୍ଷମତା । ଏକାସଙ୍ଗେ ୧୬ଟି ପରମାଣୁ ବୋମା ଓ ୮୦ଟି ମିସାଇଲ୍ ନେବାର କ୍ଷମତା । ଗଭୀର ମାଟି ତଳେ ଥିବା ଟାର୍ଗେଟ୍‌କୁ ଧ୍ୱଂସ କରିପାରେ । ୬୧ ମିଟର ଗଭୀର ପର୍ଯ୍ୟନ୍ତ ଲକ୍ଷଭେଦ କରିପାରେ । ଦିନ ରାତି ଓ ଝଡ଼ତୋଫାନରେ ମଧ ଉଡ଼ିପାରିବ । ଘଣ୍ଟାପ୍ରତି ୧ ହଜାର ୧୦ କିଲୋମିଟର ବେଗରେ ଯାଇପାରେ । ୧୯୯୯ କୋସୋଭୋ ଯୁଦ୍ଧରେ ପ୍ରଥମେ ବ୍ୟବହାର ହୋଇଥିଲା । ସେପଟେ ପରମାଣୁ ଘାଟି ଗୁଡ଼ିକ ଉପରେ ଆକ୍ରମଣ ନେଇ ବଡ଼ ବୟାନ ରଖିଛି ଇରାନ । ଆମେରିକା ଯେଉଁ ଫୋର୍ଡୋ ସ୍ଥଳରେ ବୋମା ପକାଇଥିଲା, ଇରାନ ସେଠାରୁ ୟୁରାନିୟମ ହଟାଇ ସାରିଥିଲା ବୋଲି ସ୍ଥାନୀୟ ସାଂସଦ କହିଛନ୍ତି । ଏହି ଅଞ୍ଚଳର ଲୋକମାନଙ୍କୁ ମଧ ଆଶ୍ୱସ୍ତ କରିଛନ୍ତି ଯେ, ଆମେରିକା ଆକ୍ରମଣ ପରେ ▶▶ପୃଷ୍ଠା ୭

## ସୁସ୍ଥ ହେଲେ ମହାପ୍ରଭୁ: ସୁସମ୍ବାଦ ନେଇ ରାଜନଅର ଗଲେ ସେବାୟତ



ପୁରୀ, ୨୨/୬ (ନି.ପ୍ର): ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁ ସ୍ନାନ ମଣ୍ଡପରେ ସୁବାସିତ ଜଳରେ ସ୍ନାନ କଲାପରେ ଜ୍ୱରରେ ପୀଡିତ ହୋଇ ଅଣସର ଘରେ ରହିଥିଲେ । ଅଣସର ଘରେ ଚତୁର୍ଦ୍ଧାମୂରତିଙ୍କର ଗୁପ୍ତ ସେବା ହୋଇଥିଲା । ଅନେକ ସେବାସୁଶ୍ରୁଷା ପାଇ ଧୀରେ ଧୀରେ ମହାପ୍ରଭୁ ସୁସ୍ଥ ହେଉଛନ୍ତି । ଆଜି ଦ୍ୱାଦଶୀରେ ମହାପ୍ରଭୁଙ୍କ ସୁସ୍ଥତାର ଖବର ଆଦ୍ୟ ସେବକ ଗଜପତିଙ୍କୁ ପ୍ରଦାନ କରିବାକୁ ରାଜପ୍ରାସାଦ ଯାଇଛନ୍ତି । ଦଇତାପତି ସେବକ, ପତିମହାପାତ୍ର ସେବକ ମାନେ ଆଜି ରୁପା ଥାଳିରେ ଶ୍ରୀଜିଉଙ୍କ ଶ୍ରୀଅଙ୍ଗ ଚନ୍ଦନ, କରାଳ ଓ ପାଟଡୋର ନେଇ ଶ୍ରୀମନ୍ଦିରରୁ ଶ୍ରୀନହରକୁ ଯାଇଛନ୍ତି । ଗଜପତି ମହାରାଜାଙ୍କୁ ମହାପ୍ରଭୁଙ୍କର ସୁସ୍ଥତାର ବାର୍ତ୍ତା ଦେଇଛନ୍ତି । ଗତକାଲି ଏକାଦଶୀ ତିଥିରେ ଦଶମୂଳ ମୋଦକ ଲାଗି ହେବା ପରେ ସୁସ୍ଥ ହେଉଛନ୍ତି ଶ୍ରୀଜିଉ । ଦଶମୀରେ ଶଯ୍ୟା ଛାଡି ଅଣସର ଘରେ ଚକାରେ ବିଜେ ହୋଇଥିଲେ ଶ୍ରୀଜିଉ । ପଞ୍ଚମୀରେ ଫୁଲୁରି ତେଲ ଲାଗି ପରେ ଷଷ୍ଠୀରୁ ନବମୀ ଧରି ଶ୍ରୀଅଙ୍ଗରେ ଓଷ ଲାଗି ପରେ ଧୀରେ ଧୀରେ ଜ୍ୱରରୁ ଉପଶମ ହୋଇଛନ୍ତି ମହାପ୍ରଭୁ । ଖଳି ଲାଗି ଏକାଦଶୀଠୁ ଠାକୁରମାନଙ୍କୁ ଖଳି ଲାଗି କରାଯାଇଛି । ଦଇତା ଓ ପତିମହାପାତ୍ର ସେବାୟତ ତିନି ବାଡ଼ରେ ଶ୍ରୀଅଙ୍ଗରେ ଚନ୍ଦନ ଲେପନ କରିବେ । ଚନ୍ଦନରେ କର୍ପୂର , କେଶର ଓ ଆବଶ୍ୟକ ପରିମାଣର କସ୍ତୁରୀ ମିଶାଯାଇ ଶ୍ରୀବିଗ୍ରହ ମାନଙ୍କୁ ଲାଗି କରାଯିବାର ବିଧି ରହିଛି । ଗୋଟେପଟେ ମହାପ୍ରଭୁଙ୍କ ସୁସ୍ଥତାର ବାର୍ତ୍ତା ଶ୍ରୀନଅରକୁ ଯାଇଛି । ଅନ୍ୟ ଅର୍ଥରେ ଏଥର ରଥଯାତ୍ରା ପାଇଁ ତତ୍ପର ହେବାକୁ ଗଜପତିଙ୍କୁ ବାର୍ତ୍ତା ମିଳିଛି । ରଥଯାତ୍ରା ପାଇଁ ପ୍ରସ୍ତୁତି ବି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ।

## ଖରିଫରେ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବୁ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର ୨୨।୬: ଖରିଫରେ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବୁ । ଏମିତି ପ୍ରତିକ୍ରିୟା ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ମନ୍ତ୍ରୀ କହିଛନ୍ତି, ରବିରେ ଆମ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିଲୁ । ଆମର ଉଦ୍ଦେଶ୍ୟ ହେଉଛି ଚାଷୀଙ୍କର ଟୋକନ ଲାପସ ନ ହେଉ । ଚାଷୀ ହଇରାଣ ନ ହୁଅନ୍ତୁ । ବର୍ଷା ହେବ । ଆମେ କ'ଣ କରିପାରିବୁ । ଏହା ପ୍ରକୃତିର ନିୟମ । ବର୍ଷା ହେଲେ ଧାନ ଉଠି ପାରିବ ନାହିଁ । ଧାନ ଓଦା ହୋଇଯିବ କେମିତି ଉଠାଇବୁ । ଧାନ ଓଦା ହୋଇଗଲେ ଆଦ୍ରତା ବଢ଼ିଯିବ । ଆଉ ସେ କିଛି ହୋଇପାରିବ ନାହିଁ । ଜୁନ୍ ୩୦ ସୁଦ୍ଧା ସବୁ ଧାନ ଉଠାଇଦେବୁ । ଧାନ କିଣା ଏବେ ଜୋରସୋରରେ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି । ସେପଟେ ବିଜେଡ଼ି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି, ଅନେକ ମଣ୍ଡିରେ ଧାନ ଉଠାଇବା ବନ୍ଦ ହୋଇଗଲାଣି । ମଣ୍ଡିରେ ତାଲା ପକେଇଦେଲେଣି । ଚାଷୀଙ୍କୁ ମନା କରୁଛନ୍ତି ଆଉ ମଣ୍ଡିକୁ ଧାନ ଆଣ ନାହିଁ । ଜୁଲାଇ ୧୫ ଯାଏ ଧାନ କିଣା ଅବଧି ବଢାନ୍ତୁ ସରକାର । ଚାଷୀଙ୍କର ସବୁ ଧାନ ଉଠାନ୍ତୁ । ଚାଷୀ ଟୋକନ ଧରି ବସିଛନ୍ତି । ଧାନ ବିକିପାରୁ ନାହାନ୍ତି । ଚାଷୀଙ୍କର ଯଦି ଧାନ ନ ଉଠାଇବେ ମନ୍ତ୍ରୀଙ୍କୁ ଗାଁରେ ପୁରାଇଦେବୁ ନାହିଁ ବୋଲି ବିଧାୟକ କହିଛନ୍ତି । ଜୋରଦାର ଆନ୍ଦୋଳନ କରିବୁ । ବର୍ଷାରେ ଯଦି ଧାନ ଉଠାଇନପାରିବେ ତାହେଲେ ଗାଡି ଛାଡ଼ନ୍ତୁ ସରକାର ।

## ବଗିରୁ ଅଲଗା ହେଲା ହୀରାଖଣ୍ଡ ଏକ୍ସପ୍ରେସ୍

ଭୁବନେଶ୍ୱର, ୨୨/୬ (ନି.ପ୍ର): ଦୁଇ ଖଣ୍ଡ ହୋଇଗଲା ଭୁବନେଶ୍ୱର ଆସୁଥିବା ଟ୍ରେନ । ବଗିରୁ ଅଲଗା ହେଲା ଅନ୍ୟ ବଗି । ଅଧାରେ ଅଟକି ରହିଛି ହୀରାଖଣ୍ଡ ଏକ୍ସପ୍ରେସ୍ । ଆଜି ଅପରାହ୍ଣ ପ୍ରାୟ ୫ଟାରେ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ଜଗଦଲପୁର ଛାଡ଼ିବା ପରେ ଆମଗୁଡ଼ାରେ ଅଟକି ରହିଛି । ବଗିରୁ ବଗି ଅଲଗା ହୋଇଯିବାରୁ ଅଧାରେ ଅଟକି ରହିଛି ଟ୍ରେନ୍ । ବୈଷୟିକ ତ୍ରୁଟି ଯୋଗୁଁ ହୀରାଖଣ୍ଡ ଏକ୍ସପ୍ରେସ୍ ବଗି ଅଲଗା ହୋଇଯାଇଥିବା ଜଣାପଡିଛି । ତେବେ ଘଟଣାରେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା କୁହାଯାଉଛି । ବର୍ତ୍ତମାନ ରେଲୱେ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ଟ୍ରେନ୍ ମରାମତି ଜାରି ରଖିଛନ୍ତି । ମରାମତି ଟିମ୍ ଓ ରେଲୱେ କର୍ମଚାରୀ ଅଲଗା ହୋଇଥିବା ବଗି ଯୋଡିବାକୁ ନଚେତ୍ ବଦଳାଇବା କାର୍ଯ୍ୟରେ ଲାଗିଛନ୍ତି । ସୂଚନା ମୁତାବକ, ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ସାଧାରଣତଃ ଅପରାହ୍ନ ୪ଟା ୩୦ରୁ ଛତିଶଗଡ଼ ଜଗଦଲପୁରରୁ ବାହାରି ପରଦିନ ସକାଳ ପ୍ରାୟ ୮ଟା ୨୦ରେ ଭୁବନେଶ୍ୱରରେ ପହଞ୍ଚେ । ଆଜି ଏହି ଏକ୍ସପ୍ରେସ ଜଗଦଲପୁରରୁ ବାହାରିବା ପରେ ପ୍ରାୟ ୫ଟା ବେଳେ ଛତିଶଗଡ଼ ଆମଗୁଡା ନିକଟରେ ଏହାର ଗୋଟିଏ ବଗି ଅନ୍ୟ ବଗିରୁ ଅଲଗା ହୋଇଯାଇଥିଲା । ଫଳରେ ଟ୍ରେନଟି ଆମଗୁଡା ଅଟକି ରହିଛି ।

## ରାଜ୍ୟର ୧୩ ଜିଲ୍ଲାରେ ତିଆରି ହେବ ଇଣ୍ଡୋର ସୁଇମିଂ ପୁଲ: ସୂଚନା ଦେଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୨୨/୬ (ନି.ପ୍ର): ରାଜ୍ୟର ୧୩ ଜିଲ୍ଲାରେ ତିଆରି ହେବ ସୁଇମିଂ ପୁଲ୍ । ରବିବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିୟନସିପ୍ର ଶୁଭାରମ୍ଭ ଅବସରରେ ଏହି ସୂଚନା ଦେଇଛନ୍ତି କ୍ରୀଡାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ । ଇଣ୍ଡୋର ସୁଇମିଂ ପୁଲ୍ ନିର୍ମାଣ ହେବାକୁ ଥିବା ୧୩ ଜିଲ୍ଲା ହେଉଛି ବରଗଡ଼, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଜଗତସିଂହପୁର, କନ୍ଧମାଳ, କେନ୍ଦ୍ରାପଡ଼ା କେନ୍ଦୁଝର, ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର ଏବଂ ରାୟଗଡ଼ା ।

## ତ୍ରୁଟିଶୂନ୍ୟ ରଥଯାତ୍ରାକୁ ପ୍ରାଥମିକତା: ଚୂଡ଼ାନ୍ତ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨/୬ (ନି.ପ୍ର): ୨୭ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ପୁରୀରେ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏନେଇ ପୁରୀ ପୌର ସଦନଠାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ମୁଖ୍ୟମନ୍ତ୍ରୀଙ୍କ ସହ ୨ ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବାବେଳେ ଆଇନ ମନ୍ତ୍ରୀଙ୍କ ସମେତ ବହୁ ମନ୍ତ୍ରୀ ସାମିଲ ହୋଇ ଆଲୋଚନା କରିଛନ୍ତି । ଏହାସହ ମୁଖ୍ୟ ଶାସନ ସଚିବ, ଡିଜିପି ଓ ଅଗ୍ନିଶମ ଡିଜି ଉପସ୍ଥିତ ରହି ପ୍ରସ୍ତୁତି ବିଷୟରେ ଆଲୋଚନା କରିଛନ୍ତି । ପୁରୀ ଜିଲ୍ଲାର ସମସ୍ତ ବିଧାୟକ ଓ ୨ ସାଂସଦ ମଧ ଏହି ବୈଠକରେ ଉପସ୍ଥିତ । ପରିମଳ, ସ୍ୱାସ୍ଥ୍ୟ, ସୁରକ୍ଷା ଓ ଗମନାଗମନ ନେଇ ସମୀକ୍ଷା ହୋଇଛି । ଶୃଙ୍ଖଳିତ ନୀତିକାନ୍ତି ଓ ସୁବ୍ୟବସ୍ଥିତ ଦର୍ଶନ ନେଇ ଆଲୋଚନା ହୋଇଛି । ରଥଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ । ରଥଯାତ୍ରାରେ କୁଇକ୍ ରେସପନ୍ସ ଟିମ୍ ଓ ଡ୍ରୋନ ସହାୟତା ନିଆଯିବ । ସମୁଦ୍ର ତଟରେ ମୁତୟନ ହେବେ କୋଷ୍ଟ ଗାର୍ଡ । ୬୯ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୬୪ଟି ଆମ୍ବୁଲାନ୍ସ ଓ ୨୬୫ଟି ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା ହୋଇଛି । ଏହାସହ ୩୭୮ ଅତିରିକ୍ତ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ରହିବେ । ଏମସର ବିଶେଷଜ୍ଞ ଡାକ୍ତର ସେବା ଯୋଗାଇବେ । ଏନେଇ ସୂଚନା ଦେଇଛନ୍ତି ପୋଲିସ ଡିଜି ୱାଇ ବି ଖୁରାନିଆ ।

▶▶ପୃଷ୍ଠା ୭

## ଓଡ଼ିଶାକୁ ବଦନାମ କଲେ ଟ୍ରମ୍ପ୍: କହିଲେ, ଏକାକୀ ବୁଲନ୍ତୁ ନାହିଁ ମହିଳା

ନୂଆଦିଲ୍ଲୀ, ୨୨/୬ (ନି.ପ୍ର): ଭାରତ ପାଇଁ ହଠାତ୍ ବଦଳି ଯାଇଛି ଆମେରିକା । ପର୍ଯ୍ୟଟକଙ୍କ ପାଇଁ ଆଣିଛି ନୂଆ ମାର୍ଗଦର୍ଶିକା । ଓଡ଼ିଶା ସମେତ ୬ ରାଜ୍ୟରେ ଏକାକୀ ମହିଳା ନ ବୁଲିବାକୁ ଟ୍ରମ୍ପ ସରକାର କହିବା ପରେ ଆରମ୍ଭ ହୋଇଛି ବିବାଦ । ଶାନ୍ତିପ୍ରିୟ ଓଡ଼ିଶାକୁ ଟ୍ରମ୍ପ୍ ବଦନାମ କରୁଥିବା ଅଭିଯୋଗ ହୋଇଛି । ସେପଟେ ରାଜ୍ୟରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ବି ଉଠିଛି ବଡ଼ ପ୍ରଶ୍ନ । ଓଡ଼ିଶା ସମେତ ୬ ରାଜ୍ୟରେ ନିଜ ନାଗରିକଙ୍କ ଲାଗି କଠୋର ମାର୍ଗଦର୍ଶିକା ଆଣିଛି ଟ୍ରମ୍ପ ସରକାର । ପର୍ଯ୍ୟଟନସ୍ଥଳୀରେ ବଢ଼ି ଚାଲିଛି ଦୁଷ୍କର୍ମ, ହିଂସା ଓ ଆତଙ୍କବାଦ କାର୍ଯ୍ୟକଳାପ । ତେଣୁ ନିଜ ନାଗରିକଙ୍କୁ ସତର୍କ କରାଇଛି ଆମେରିକା । ଖାସକରି ମହିଳାମାନେ ଏକୁଟିଆ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି । ଭାରତରେ ଦୁଷ୍କର୍ମ ଦ୍ରୁତ ଗତିରେ ବଢୁଛି । ପର୍ଯ୍ୟଟନସ୍ଥଳୀରେ ଯୌନ ନିର୍ଯାତନା ବୃଦ୍ଧି ପାଉଛି । ଯାହାକୁ ନେଇ ଓଡ଼ିଶାରେ ଝଡ଼ ଉଠିଛି । ୨୦୨୪ ଓ ୨୫ର ସଂଖ୍ୟା ଯଦିଓ ସରକାର ଦେଇନାହାନ୍ତି । ହେଲେ ତାଲିକା ଲମ୍ବା ଥିବ ବୋଲି ଆଶା । ୨୦୨୨ ଓ ୨୩ରେ ୯୮୭୩ ଜଣ ଆମେରିକୀୟ ପର୍ଯ୍ୟଟକ ଓଡ଼ିଶା ବୁଲିବାକୁ ଆସିଛନ୍ତି । ଲମ୍ବା ସମୟ ଧରି ବିଦେଶୀ ପର୍ଯ୍ୟଟକ ତାଲିକାରେ ଆମେରିକାର ଯୋଗଦାନ ସବୁଠୁ ଅଧିକ । ତେଣେ ଓଡ଼ିଶାରେ ଅପରାଧ ତାଲିକା ବି ଛୋଟ ନୁହେଁ । ନିକଟରେ ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ରାଜ୍ୟର ମୁଣ୍ଡ ତଳକୁ କରିଛି ।

## ମାଓବାଦୀଙ୍କ ସହ କୌଣସି ଆଲୋଚନା ହେବନି, ମୌସୁମୀରେ ବି ଜାରି ରହିବ ଅଭିଯାନ: ଅମିତ ଶାହ



ନୂଆଦିଲ୍ଲୀ,୨୨/୬ : କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ରବିବାର ଛତିଶଗଡ଼ ପହଞ୍ଚି ନକ୍ସଲବାଦ ସମାପ୍ତ କରିବାର ନିଜର ସଂକଳ୍ପକୁ ପୁଣି ଦୋହରାଇଛନ୍ତି । ସେ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ, ମାଓବାଦୀଙ୍କ ସହ କୌଣସି ଆଲୋଚନା କରାଯିବ ନାହିଁ । ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀଙ୍କ ମୂଳପୋଛ କରିବାର ଡେଡଲାଇନରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ଶାହ ସଙ୍କେତ ଦେଇଛନ୍ତି । ନକ୍ସଲବାଦ ବିରୋଧରେ ଅଭିଯାନ ବର୍ଷା ଅର୍ଥାତ ମୌସୁମୀ ସିଜିନରେ ଜାରି ରହିବ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରବିବାର ଛତିଶଗଡ଼ର ନ୍ୟୁ ରାୟପୁର ଅଟଳ ନଗରରେ ରାଷ୍ଟ୍ରୀୟ ଫରେନ୍ସିକ ବିଜ୍ଞାନ ବିଶ୍ୱ ବିଦ୍ୟାଳୟ ପରିସରରେ ଏକ ଫରେନ୍ସିକ ବିଜ୍ଞାନ ପ୍ରୟୋଗଶାଳର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ଏଥର ତ ମୌସୁମୀ ଋତୁରେ ବି ମାଓବାଦୀଙ୍କୁ ଶାନ୍ତି ମିଳିବ ନାହିଁ । କାରଣ ସେମାନଙ୍କ ବିରୋଧରେ ଅଭିଯାନ ବର୍ଷାରେ ବି ଜାରି ରହିବ । ନିଜ ସମ୍ବୋଧନରେ ଶାହ ମାଓବାଦୀଙ୍କୁ କେବଳ ଗୋଟିଏ ବିକଳ୍ପ ଦେଇଛନ୍ତି । ନକ୍ସଲଙ୍କୁ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ବିକାଶର ଯାତ୍ରାରେ ସାମିଲ ହେବାକୁ ଅପିଲ୍ କରିଛନ୍ତି । ▶▶ପୃଷ୍ଠା ୭

## ପହଲଗାମ ଆତଙ୍କୀଙ୍କୁ ଘରେ ରଖିଥିଲେ: ଦୁଇଜଣଙ୍କୁ ବାନ୍ଧିଲା ଏନଆଇଏ



ନୂଆଦିଲ୍ଲୀ, ୨୨/୬ : ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସାମିଲ ଥିବା ଆତଙ୍କୀଙ୍କୁ ଘରେ ସାହାରା ଦେବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ରାଷ୍ଟ୍ରୀୟ ଯାଞ୍ଚ ଏଜେନ୍ସି ବା ଏନ୍‌ଆଇଏ । ଖାଲି ସେତିକି ନୁହେଁ, ତିନିଜଣ ଆତଙ୍କବାଦୀଙ୍କ ପରିଚୟ ବି ମିଳିଥିବା ନେଇ ଏନ୍‌ଆଇଏ ସୂଚନା ଦେଇଛି । ଏପ୍ରିଲ ୨୨ ତାରିଖରେ ଜମ୍ମୁ-କାଶ୍ମୀରର ପହଲଗାମରେ ବର୍ବରକାଣ୍ଡ ଘଟାଇଥିଲେ ଆତଙ୍କବାଦୀମାନେ । ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ଜୀବନ ଚାଲିଯାଇଥିଲା । ଏହି ବୀଭତ୍ସକାଣ୍ଡର ଦୁଇମାସ ପରେ ଅର୍ଥାତ ଆଜି(ରବିବାର) ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି ଏନ୍‌ଆଇଏ । ଯାଞ୍ଚ ଏଜେନ୍ସି ଦୁଇଜଣଙ୍କୁ ଗିରଫ କରିଛି । ଏମାନେ ଆତଙ୍କବାଦୀଙ୍କୁ ଘରେ ରଖିବା ସହ ସେମାନଙ୍କୁ ଅନ୍ୟାନ୍ୟ ସାହାଯ୍ୟ କରିଥିଲେ । ଜାତୀୟ ମିଡିଆ ରିପୋର୍ଟ ମୁତାବକ ଦୁଇଜଣ ଅଭିଯୁକ୍ତ ପରବେଜ ଅହମ୍ମଦ ଜୋଥର ଓ ବଶୀର ଅହମ୍ମଦ ଜୋଥର ବୋଲି ଜଣା ପଡ଼ିଛି । ▶▶ପୃଷ୍ଠା ୭

## ପାକିସ୍ତାନର ବଲୁଚିସ୍ତାନରେ ବୋମା ବିସ୍ଫୋରଣ: ୨ ସୁରକ୍ଷାକର୍ମୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୨/୬ : ପାକିସ୍ତାନର ଦକ୍ଷିଣ-ପଶ୍ଚିମ ବଲୁଚିସ୍ତାନ୍ ଅଂଚଳର କାଲାତ୍ ଜିଲ୍ଲାରେ ଶନିବାର ଦିନ ଘଟିଥିବା ଏକ ବୋମା ବିସ୍ଫୋରଣରେ ଦୁଇଜଣ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ଘଟିଛି ଏବଂ ଚାରିଜଣ ଅନ୍ୟ ଲୋକ ଆହତ ହୋଇଛନ୍ତି । ଏହି ସୂଚନା ଜଣେ ସୁରକ୍ଷା ଅଧିକାରୀ ଦେଇଛନ୍ତି । ଘଟଣା କାଲାତ୍ ଜିଲ୍ଲାର ମାଙ୍ଗୋଚର୍ ଅଂଚଳର ଗ୍ରାମୀଣ ଯୋବାନ୍ ଅଂଚଳରେ ଘଟିଥିଲା, ଯେତେବେଳେ ସୁରକ୍ଷା ବଳଙ୍କ ଏକ ଯାନ ଯାଉଥିଲା । ସେତେବେଳେ ରାସ୍ତା ପାଖରେ ଲୁଚାଇ ରଖାଯାଇଥିବା ଗୋଟିଏ ବିସ୍ଫୋରକ ଉପକରଣକୁ ଅଜଣା ଆକ୍ରମଣକାରୀମାନେ ରିମୋଟ୍ ଦ୍ୱାରା ବିସ୍ଫୋରଣ କରିଥିଲେ । ଘଟଣା ପରେ ସୁରକ୍ଷା ବଳ ଓ ଉଦ୍ଧାର ଦଳ ତୁରନ୍ତ ସ୍ଥଳରେ ପହଂଚି ଆହତ ଓ ମୃତକଙ୍କୁ ନିକଟସ୍ଥ ହାସ୍ପିଟାଲକୁ ପଠାଇଥିଲେ ।

# ସେଲ, ରାଉରକେଲା ଇସ୍ପାତ କାରଖାନାରେ ଉଚ୍ଚତା ସୁରକ୍ଷା ପ୍ରୋଟୋକଲ ସୁଦୃଢ଼ କରିବା ନିମନ୍ତେ ନୂତନ ଉଚ୍ଚତା ରିଗ୍ କାର୍ଯ୍ୟକ୍ଷମ




ରାଉରକେଲା, ୨୨/୬ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସୁରକ୍ଷା ଇଞ୍ଜିନିୟରିଂ ବିଭାଗରେ ଜୁନ ୧୯ ତାରିଖ ଦିନ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ଏକ ନୂତନ ବିକଶିତ ଉଚ୍ଚତା ରିଗ୍ ଉଦଘାଟନ କରିଥିଲେ। ଶ୍ରମିକମାନଙ୍କୁ ଉଚ୍ଚତା ପାସ୍ ଜାରି ହେବା ପୂର୍ବରୁ ସେମାନଙ୍କର ମୂଲ୍ୟାଙ୍କନ ପାଇଁ ଏକ ବ୍ୟବହାରିକ ମୂଲ୍ୟାଙ୍କନ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବା ପାଇଁ ଏହି ସୁବିଧା ଡିଜାଇନ୍ କରାଯାଇଛି, ଯାହା କେବଳ ପ୍ରଶିକ୍ଷିତ ବ୍ୟକ୍ତିମାନଙ୍କୁ ଉଚ୍ଚତାରେ କାର୍ଯ୍ୟ କରିବାର ଅନୁମତି ପ୍ରଦାନ ସୁନିଶ୍ଚିତ କରିବ। ଏହି ଅବସରରେ ମେକାନିକାଲ ଏଣ୍ଡ ସପ ବିଭାଗର ସିଜିଏମ ଇନ-ଚାର୍ଜ ଶ୍ରୀ ଆର ଏନ୍ ରାଜେନ୍ଦ୍ରନ୍, ଏନ ପି ଏମ୍ ଏଣ୍ଡ ଏସ ପି ପି ବିଭାଗର ସିଜିଏମ୍ ଶ୍ରୀ ଆର କେ ବିସାରେ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ, ଶ୍ରୀମତୀ ଆଶା ଏସ୍ କାର୍ଥା, ସୁରକ୍ଷା ବିଭାଗ ର ଜିଏମ୍; ଶ୍ରୀ ଅବକାଶ ବେହେରାଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ, ଏଏସଓ ଏବଂ ଡିଏସ ଓ, ଏଜେନ୍ସି ସୁରକ୍ଷା କର୍ମଚାରୀ ଏବଂ ବହୁ ସଂଖ୍ୟକ ଠିକା ଶ୍ରମିକ ଉପସ୍ଥିତ ଥିଲେ।

ଶ୍ରୀ ପଲାଇ ନିଜର ଅଭିଭାଷଣରେ ଆରଏସପି ଭଳି ଏକ ଶିଳ୍ପ ପରିବେଶରେ ଉଚ୍ଚତାରେ କାର୍ଯ୍ୟ କରିବା ସମୟରେ ସୁରକ୍ଷା ପ୍ରୋଟୋକଲର ଅନୁପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଏପରି ପଦକ୍ଷେପଗୁଡ଼ିକ ସମ୍ଭାବ୍ୟ ଦୁର୍ଘଟଣାଗୁଡିକୁ ରୋକିବା ସହିତ ଜୀବନକୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ ।

ଶ୍ରୀ ଆର କେ ବିସାରେ ତାଙ୍କ ବକ୍ତବ୍ୟରେ ଉଚ୍ଚତା ସମ୍ବନ୍ଧୀୟ କାର୍ଯ୍ୟ ସହିତ ଜଡିତ ବିପଦ ଏବଂ ସୁରକ୍ଷା ତାଲିମର ଆବଶ୍ୟକତା ଉପରେ ଜୋର ଦେଇ ଥିଲେ। ସେହିଭଳି ଶ୍ରୀମତୀ ଆଶା ଏସ କାର୍ଥା ନୂତନ ହାଇଟ୍ ରିଗ୍ କେବଳ ମୂଲ୍ୟାଙ୍କିତ କର୍ମଚାରୀମାନଙ୍କୁ ଉଚ୍ଚତାରେ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିବା ସହ ଆରଏସପିର ସୁରକ୍ଷା ଢାଞ୍ଚାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିବ ବୋଲି ଉଲ୍ଲେଖ କରିଥିଲେ।

ଶ୍ରୀ ଅବକାଶ ବେହେରା, ତାଙ୍କ ଅଭିଭାଷଣରେ ସମସ୍ତ ସୁରକ୍ଷା ଅଧିକାରୀଙ୍କୁ ଏହି ସୁବିଧାକୁ ସକ୍ରିୟ ଭାବରେ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ସେ ବ୍ୟବହାରିକ ସୁରକ୍ଷା ମୂଲ୍ୟାଙ୍କନ ଏବଂ ସଚେତନତା ଓ ହାଇଟ୍ ରିଗର ଉପଯୋଗିତା ଉପରେ ଆଲୋଚନା କରିଥିଲେ।

ସୁରକ୍ଷା ସଚେତନତାକୁ ଆହୁରି ସୁଦୃଢ କରିବା ଲକ୍ଷ୍ୟରେ ମେସର୍ସ ଏଲ ଏଣ୍ଡ ଟି ଦ୍ୱାରା ପୂର୍ଣ୍ଣ-ବଡି ହାର୍ନେସ୍ ବ୍ୟବହାର କରିବା ସହିତ ଉଚ୍ଚତାରେ କାମ କରିବା ସମୟରେ ତିନି-ପଏଣ୍ଟ କଣ୍ଟାକ୍ଟ ବଜାୟ ରଖିବାର ସଠିକ୍ ପଦ୍ଧତି ଉପରେ ଏକ ଲାଇଭ୍ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର କର୍ମଚାରୀମାନେ ଉଚ୍ଚତା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଫିଟନେସ୍ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ ଏକ ସ୍ଥିର ଏବଂ ସ୍ୱାସ୍ଥ୍ୟ ଗତ କ୍ଷମତା ପରୀକ୍ଷା କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ଏ ଜି ଏମ୍ ଶ୍ରୀ ବି.କେ. ପାଢୀ, ଡେପୁଟି ମ୍ୟାନେଜର, ଶ୍ରୀ ସି. ସାବତ, ଏବଂ ଡେପୁଟି ମ୍ୟାନେଜର ଶ୍ରୀ ସି.କେ. ସାସମଲ, ସଂଯୋଜନା କରିଥିଲେ।

## ଗତକାଲି କୁମାରୀ ଗ୍ରାମରୁ ମିଳିଥିବା ସନ୍ଦିଗ୍ଧ ବ୍ୟାଗରୁ ଗଞ୍ଜେଇ ଜବତ

ଧର୍ମଶାଳା, ୨୨/୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା କୁମାରୀ ପଂଚାୟତ ଲକ୍ଷ୍ମୀ ମଣ୍ଡପଠାରେ ଜଣେ ସନ୍ଦିଗ୍ଧ ମହିଳା ଦୁଇଗୋଟି ଏୟାର ବ୍ୟାଗ ଜଣଙ୍କ ଘର ପଛପଟ ବାରଣ୍ଡାରେ ରଖି କେଉଁ ଆଡେ ଫେରାର ହୋଇଯାଇଛି । ଏହି ବ୍ୟାଗ ଗତକାଲି ଦିନ ଦୁଇଟାକୁ ରାତି ପର୍ଯ୍ୟନ୍ତ ଜଣକ ଘର ପଛ ବାରଣ୍ଡାରେ ରହିଥିବା ବେଳେ ସ୍ଥାନୀୟ ପୁଲିସ ବ୍ୟାଗ ନିକଟକୁ ଯିବା ପାଇଁ ଭୟ କରିଥିଲା । ଫଳରେ ପୁଲିସ କିଛି ଦୁରରେ ରହି ବ୍ୟାଗକୁ ଜଗିରହିଥିଲା । ବିଳମ୍ବିତ ରାତିରେ ଏକ୍ସପର୍ଟ ପୁଲିସ ଆସି ବ୍ୟାଗକୁ ଖୋଲିବା ପରେ ସେଥିରେ ଗଞ୍ଜେଇ ରହିଥିବା ଜଣାପଡିଥିଲା । ପରେ ପୁଲିସ ଗଞ୍ଜେଇ ଭର୍ତି ଉକ୍ତ ବ୍ୟାଗ ଦୁଇଟିକୁ ଜବତ କରି ଥାନାକୁ ନେଇ ଥିଲା । ଆଜି ଏହାକୁ ଓଜନ କରିବା ପରେ ଉଭୟ ବ୍ୟାଗରେ ୯ କିଲୋରୁ ଉର୍ଦ୍ଧ ଗଞ୍ଜେଇ ରହିଥିବା ଜଣାପଡିଥିଲା । ତେବେ କିଏ କେଉଁ ପରିସ୍ଥିତିରେ ଏଠାରେ ଗଞ୍ଜେଇ ଭର୍ତୀ ବ୍ୟାଗ ରଖି ଫେରାର ହୋଇଗଲା ତାହାକୁ ନେଇ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ମାଲକାନଗିରି ମୁଖ୍ୟଶାଖା ପରିସରରେ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ମାଲକାନଗିରି, ୨୨/୬ (ନି.ପ୍ର): ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖା ତରଫରୁ ବ୍ୟାଙ୍କ ପରିସରରେ ଶନିବାର ଦିନ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ ହୋଇଯାଇଛି। ଆଜିର ଏହି ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ରୂପେ ସୁବାସ ଚନ୍ଦ୍ର ବେହେରା ଆଂଚଳିକ ପ୍ରବନ୍ଧକ ଜୟପୁର ଆଂଚଳିକ କାର୍ଯ୍ୟାଳୟ ଯୋଗଦାନ କରି ରକ୍ତଦାନ ଶିବିରର ଆଭିମୁଖ୍ୟ ଷ୍ଟେଟ ବ୍ୟାଙ୍କ ପ୍ରତିଷ୍ଠା ଦିବସରେ ଭାରତୀୟ ଷ୍ଟେଟ ବ୍ୟାଙ୍କ କାର୍ଯ୍ୟଶୈଳୀ ଉପରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବ୍ରଜବନ୍ଧୁ ଦାସ ଯୋଗଦାନ କରି ରକ୍ତଦାନର ଉପକାରିତା ଉପରେ କହିଥିଲେ । ଏହି ରକ୍ତଦାନ ଶିବିରରେ ସମ୍ମାନୀତ ଅତିଥି ଭାବେ ସୁନୀଲ କୁମାର ବେହେରା ଚତୁର୍ଥଏସଏସବିଏନ କମାଣ୍ଡାଂଟ, ଡ଼ଃ. ଏମ. ଡି.ଅବିଦ ହୁସେନ ଡିପିଏଚଓ, ଡ଼ଃ. ସାଗର ବାଲା ବ୍ଲଡ଼ ବ୍ୟାଙ୍କ ଅଧିକାରୀ, ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଯୁବ ରେଡକ୍ରସ ଆବାହକ, ସତ୍ୟପ୍ରିୟ ବିଶ୍ୱାଳ, ସଂରକ୍ଷିତ ନିରୀକ୍ଷକ ମାଲକାନଗିରି, ପ୍ରଶାନ୍ତ ବେହେରା ଜିଲ୍ଲା ସିପାହୀ ସଂଘ ସଭାପତି ଉପସ୍ଥିତ ରହି ରକ୍ତଦାତାକୁ ଉତ୍ସାହିତ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ରକ୍ତଦାତାଙ୍କୁ ପୁରସ୍କାର ସହ ପୁଷ୍ପଗୁଚ୍ଛ ଏବଂ ମାନପତ୍ର ଦେଇ ସମ୍ମାନ କରିଥିଲେ । ରକ୍ତ ନମୁନା ସଂଗ୍ରହ କରିବା ପାଇଁ ସୁଜାତା ରୟ, ତ୍ରିନାଥ ପଣ୍ଡା, ମୋହନ ଖେମୁଣ୍ଡୁଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ। ମୋଟ ଉପରେ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ବ୍ୟାଙ୍କ ର ଏହିଭଳି ରକ୍ତଦାନ ଶିବିର ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ହଇଜା ସଂକ୍ରମଣକୁ ଦୃଷ୍ଟିରେ ବିଭିନ୍ନ ହୋଟେଲରେ ଚଢ଼ଉ: ୧୫ ହଜାର ଟଙ୍କା ଜୋରିମାନା ଆଦାୟ

ମାଲକାନଗିରି, ୨୨/୬ (ନି.ପ୍ର): ସାରା ଓଡ଼ିଶାରେ ହଇଜା ସଂକ୍ରମଣକୁ ଦୃଷ୍ଟିରେ ରଖି ଆଜି ମାଲକାନଗିରି ଜିଲା ସଦର ମହକୁମାରେ ଥିବା ବିଭିନ୍ନ ଫାଷ୍ଟ ଫୁଡ, ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢଉ କରାଯାଇଛି। ଜିଲା ଖାଦ୍ୟ ସୁରକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକାର ମିଳିତ ଚଢଉ କରାଯାଇ ବାସି ଖାଦ୍ୟ ସହ ବିଭିନ୍ନ ଦୋକାନରେ ବ୍ୟବହାର ହେଉଥିବା ପାଣିର ନମୁନା ସଂଗ୍ରହ କରାଯାଇଛି। ସମସ୍ତ ହୋଟେଲ ଓ ଦୋକାନ ମାଲିକମାନେ ସରକାରୀ ନିୟମ ପାଳନ କରି ସ୍ୱଚ୍ଛ ପରିବେଶ ମଧ୍ୟରେ ଖାଦ୍ୟ ପ୍ରସ୍ତୁତ କରିବେ ସେ ନେଇ ତାଗିଦ୍ କରାଯାଇଛି। ବିଭିନ୍ନ ଦୋକାନ ଗୁଡିକରୁ ସଂଗ୍ରହ ଖାଦ୍ୟ ଓ ପାଣି ନମୁନା ଯାଞ୍ଚ ହେବ ବୋଲି ଅଧିକାରୀ ମାନେ ପ୍ରକାଶ କରିଛନ୍ତି। ଯେଉଁ ଦୋକାନୀ ବେନିୟମ କାର୍ଯ୍ୟ ତଥା ବିନା ଅନୁମତିରେ ଦୋକାନ ଚଳାଉଥିଲେ, ସେମାନଙ୍କ ଠାରୁ ୧୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ବିଶୁଦ୍ଧ ପାନୀୟ ଜଳ ସହ ସଜ ଖାଦ୍ୟ ପରିବେଷଣ ପାଇଁ ବିଭାଗ ପକ୍ଷରୁ ତାଗିଦ୍ କରାଯାଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ମହାମାରୀ ବିଶେଷଜ୍ଞ ଡାକ୍ତର ରାଜ ପ୍ରମୁଖ ପ୍ରକାଶ କରିଛନ୍ତି।

# ଅଗ୍ନିପଥ ସ୍କିମ୍ ଏବଂ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୩୦ ଜୁନ୍ ୨୦୨୫ ରୁ ୧୦ ଜୁଲାଇ ୨୦୨୫ ପର୍ଯ୍ୟନ୍ତ

ବଲାଙ୍ଗିର, ୨୨/୬ (ନି.ପ୍ର): ଅଗ୍ନିପଥ ସ୍କିମ୍ ଏବଂ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୩୦ ଜୁନ୍ ୨୦୨୫ ରୁ ୧୦ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଭାରତୀୟ ସେନାରେ ନିଯୁକ୍ତି ବର୍ଷ ୨୦୨୫-୨୬ ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। କୋଲକାତାର ନିଯୁକ୍ତି କ୍ଷେତ୍ରର ପରୀକ୍ଷା ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ୧୮ଟି ସହରର ୨୨ଟି କେନ୍ଦ୍ରରେ ଅନୁଷ୍ଠିତ ହେବ। ପଶ୍ଚିମ ଓଡ଼ିଶାର ପରୀକ୍ଷା ଢେଙ୍କାନାଳର ଆଇଅନ ଡିଜିଟାଲ ଜୋନ ବନମାଳୀପ୍ରସାଦ, ରାଉରକେଲାର ଆଇଅନ ଡିଜିଟାଲ ଜୋନ ସେକ୍ଟର ୪, ସମ୍ବଲପୁର ଆଇଅନ ଡିଜିଟାଲ ଜୋନ ମାଝିପାଲିରେ ଅନୁଷ୍ଠିତ ହେବ । ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିବା ପାଇଁ ପଞ୍ଜିକରଣ ୱିଣ୍ଡୋ ୨୫ ଏପ୍ରିଲ ୨୦୨୫ ରୁ ଶେଷ ହୋଇଯାଇଛି । ପ୍ରାର୍ଥୀମାନେ ଅଫିସିଆଲ ୱେବସାଇଟରୁ ସେମାନଙ୍କର ଆଡମିଟ୍ କାର୍ଡ ଯାଂଚ୍ ଏବଂ ଡାଉନଲୋଡ୍ କରିପାରିବେ। ସଫଳତାର ସହ ପଞ୍ଜିକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ଆଡମିଟ୍ କାର୍ଡ ପାଇ ନାହାଁନ୍ତି, ସେମାନେ ସେମାନଙ୍କ ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟକୁ ଯୋଗାଯୋଗ କରିପାରିବେ। କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷା ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ ୱେବସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ, ଚୟନିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ରାଲି ବିଷୟରେ ସୂଚିତ କରାଯିବ। ପ୍ରାର୍ଥୀମାନଙ୍କୁ କୌଣସି ଦଲାଲଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି। ଯେକୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ସେମାନଙ୍କ ନିକଟସ୍ଥ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ଉଚିତ ବୋଲି କୁହାଯାଇଛି ।

## କାଟିଙ୍ଗିଆ ଗ୍ରାମପଂଚାୟତରେ ବିକାଶ ରଥକୁ ସ୍ୱାଗତ

କନ୍ଧମାଳ, ୨୨/୬ (ନି.ପ୍ର): ଦାରିଙ୍ଗବାଡି ବ୍ଲକ କାଟିଙ୍ଗିଆ ଗ୍ରାମପଂଚାୟତ ଠାରେ ବିକାଶ ରଥକୁ ସ୍ୱାଗତ କରାଗଲା। ଏଠାରେ ବ୍ଲକ ନୋଡାଲ ଅଫିସର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ପୃଷ୍ଟି, କାଟିଙ୍ଗିଆ ସରପଂଚ, କାଟିଙ୍ଗିଆ ପିଇଓ କବିରାଜ କହଁର ବିଏଫଟି ଅନନ୍ତ ବଳିୟାର ସିଂ, ସିଏଚ୍ଓ ସମୀକ୍ଷା ମନ୍ତ୍ରୀ, ଏମବିକେ। ତିଳତମା ବେହେରା, ବନ ବିଭାଗ. ଆଶିଷ କୁମାର ପ୍ରଧାନ ଓ ଷ୍ଟାଫ, ଏଗ୍ରିକଲଚର ଗ୍ରାମସେବକ ଷ୍ଟାଫ ବିନାୟକ ଡିପିସି ରଂଜିତ ଦିଗଲ ୱାର୍ଡ ମେମ୍ବର, ନାଏବ ସରପଂଚ, ଅଙ୍ଗନବୋଡି କର୍ମୀ, ଜିଏସ୍ ବନ୍ଧୁ ମାନେ ଓ ଅନେକ ଉପଭୋକତା ଏବଂ ବୁଦ୍ଧିଜିବୀ ଉପସ୍ଥିତ ଥିଲେ। ଏହାପରେ ଉପଭୋକ୍ତାମାନଙ୍କୁ ରାସନ କାର୍ଡ, ଭତା, ଚାରା ବଂଟନ କରାଯାଇଥିଲା। ପରେ ବିକାଶ ରଥ କୁମ୍ଭାରୀଗାଁ ଗ୍ରାମପଂଚାୟତ ଦିଗକୁ ଗଡ଼ିଥିଲା ।

# ଯୋଗ ଦିବସ ପାଳିତ



ବସ୍ତା , ୨୨/୬ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟ,ଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟ ଏବଂ ଆଶା ଫିଜିଓ ଥେରାପି ସେଣ୍ଟରରେ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଆଶାର ପ୍ରତିଷ୍ଠାତା ସମ୍ପାଦକ ତଥା ଯୁବ ସମାଜ ସେବୀ ଶ୍ରୀଯୁକ୍ତ ଅମର କୁମାର ପାଲ ପୌରହିତ କରିବା ସହିତ ପୂର୍ବତନ ସମ୍ପାଦିକା ମଞ୍ଜୁବତି ବିଶ୍ୱାଳ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ପାଲ ଯୋଗ ଦିବସ ର ମହତ୍ତ୍ୱ ତଥା ଆଦିର ଦୈନନ୍ଦିନ ଜୀବନରେ ଏହାର ତାତ୍ପର୍ଯ୍ୟ ବାବଦରେ ଉପାଦେୟ ତଥ୍ୟ ମାନ ଉପସ୍ଥାପନ କରିବା ସହିତ ପ୍ରତେହ ସର୍ବନିମ୍ନ ୩୦ ମିନିଟ ଯୋଗ କରିବା ଜରୁରୀ ବୋଲି କହିଥିଲେ।ପୂର୍ବତନ ସମ୍ପାଦିକା ଶ୍ରୀ ମତି ବିଶ୍ୱାଳ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଉତ୍ତମ ସ୍ୱାସ୍ଥ୍ୟ ତଥା ସୁସ୍ଥ ଏବଂ ନିରୋଗ ଜୀବନ ଯାପନ କରିବାକୁ ହେଲେ ଯୋଗର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ତଥା ଆମେ ସମସ୍ତେ ପ୍ରଥମେ ଶପଥ କରିବା ଯେ ପ୍ରତ୍ୟେକ ଦିନ ଯୋଗ କରି ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଙ୍କ ବାର୍ତ୍ତା କୁ ଯଥା ଯୋଗ ହିଁ ଜୀବନ ବୋଲି ସମସ୍ତଙ୍କର ପାଖରେ ପହଞ୍ଚାଇବା ଦରକାର ବୋଲି ବ୍ୟକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଶିକ୍ଷକ ଶ୍ରୀଯୁକ୍ତ ଅରୁଣ କୁମାର ଦାସ ,ଚନ୍ଦନ କୁମାର ବିଶ୍ୱାଳ, ନିର୍ମଳା ବାସିନୀ ସେନାପତି, ସ୍ମୀତାରାନୀ ମହାପାତ୍ର, ପ୍ରଦୀପ କୁମାର ସାହୁ,ଗଜେନ୍ଦ୍ରନାଥ ପ୍ରଧାନ, ସରସ୍ୱତୀ ସାହୁ,ଜୟଶ୍ରୀ ସ୍ୱାଇଁ, ଅଶୋକ ବିଶ୍ୱାଳ,ସନ୍ଧ୍ୟାରଣି ଦାସ,ହର୍ଷ ବର୍ଦ୍ଧନ ଧଳ,ପ୍ରଜ୍ଞା ପ୍ରକାଶ ପାଲ , ସୁମନା ପରିଡ଼ା, ଗୋପାଳ ଆଇଚ, ଗୌରଙ୍ଗ ଚରଣ ଦାସ, ରତିକାନ୍ତ ପରିଡ଼ା, ଅପର୍ଣ୍ଣା ରାଉତ, ଅଜୟ କୁମାର ଦଳାଇ,ହେମଙ୍ଗିନି ମାହାର୍ଣ୍ଣ, ଅଞ୍ଜୁରାନି ଦାସ,ପଞ୍ଚାନନ ବେହେରା,ଏଲିନା ଏଲିଶା ପାଲ,ପ୍ରଦ୍ୟୁମ୍ନ ଗିରି ପ୍ରମୁଖ ଉପସ୍ଥିତ ରହି ଯୋଗ ଶିକ୍ଷକ ଶ୍ରୀଯୁକ୍ତ ଅରୁଣ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଯୋଗ କରିବା ସହିତ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତିଙ୍କ ଦ୍ୱାରା ଧନ୍ୟବାଦ୍ ଅପର୍ଣ୍ଣ କରାଯାଇ ସଭା ସାଙ୍ଗ କରାଗଲା।

# ମିଲର୍ସଙ୍କ ମନମାନୀ, ଦେଉଳପଦର ପେକ୍ସରୁ ଧାନ ଉଠିପାରୁନାହିଁ: ୪ ହଜାର ବସ୍ତା ଧାନ ପଡିରହିଛି

ସୁବର୍ଣ୍ଣପୁର, ୨୨/୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ଦେଉଳପଦର ପେକ୍ସରେ ଧାନକିଣାରେ ଅବ୍ୟବସ୍ଥା ଦେଖାଦେଇଛି । ମିଲର୍ସଙ୍କ ମନମାନୀ କାରଣରୁ ପେକ୍ସରୁ ଧାନ ଉଠିପାରୁନାହିଁ ଓ ପ୍ରାୟ ୪ ହଜାର ବସ୍ତା ଧାନ ପଡିରହିଛି । ପେକ୍ସ ପକ୍ଷରୁ ଏହି ପେକ୍ସକୁ ଟେଗ କରାଯାଇଥିବା ଶୀତଲ ଏଗ୍ରୋ ଓ ଲଲିତା ରାଇସମିଲର ମାଲିକଙ୍କୁ ଯେତେ ଫୋନ କଲେ ମଧ ସେ ଧାନ ଉଠାଇବାକୁ ଟ୍ରକ ପଠାଉନଥିବା ଅଭିଯୋଗ ହୋଇଛି । ଏନେଇ ପେକ୍ସର ସଭାପତି ରାଜେନ୍ଦ୍ର ପଣ୍ଡା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ଖବର ନେବାରୁ ଜଣାପଡିଛି ଯେ, ଦେଉଳପଦର ପେକ୍ସରେ ଚଳିତ ରବିଋତୁରେ ୩୫୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ମିଳିଥିଲା । ସେଥିରୁ ଆଉ ୧୬୨ କ୍ୱିଣ୍ଟାଲ ବାକି ରହିଛି । କିନ୍ତୁ, ସେପଟେ ନିକଟସ୍ଥ ପୁଆ ପେକ୍ସରେ ଭିତିଭୂମୀ ନଥିବାରୁ ସେହି ପେକ୍ସର ଚାଷିମାନେ ଦେଉଳପଦର ପେକ୍ସରେ ଧାନ ବିକ୍ରୀ କରିବାକୁ ନିର୍ଦ୍ଦେଶ ହୋଇଛି । ପୁଆ ପେକ୍ସକୁ ଚଳିତ ରବିରେ ୧୧,୦୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଛି । ପୁଆ ପେକ୍ସର ଚାଷିମାନେ ଦେଉଳପଦର ପେକ୍ସରେ ଆସି ଧାନ ଦେଇଛନ୍ତି । ଏବେ ପ୍ରାୟ ୪୦୦୦ ବସ୍ତା ଧାନ ପେକ୍ସରେ ପଡିରହିଥିବା ଜଣାପଡିଛି । ଗତ ତିନିଦିନ ହେଲା ମିଲର୍ସ ଗାଡି ପଠାଉନାହାଁନ୍ତି । ତେଣୁ ଧାନ ଉଠିପାରୁନାହିଁ କି ଅନ୍ୟ ଚାଷୀ ମାନଙ୍କର ଧାନ ବିକ୍ରୀ ହୋଇପାରୁନାହିଁ । ମିଲର୍ସଙ୍କ ଏଭଳି ମନମାନୀକୁ ନେଇ ଚାଷି ମହଲରେ ଅସନ୍ତୋଷ ଦେଖାଦେଇଛି । ମିଲର୍ସଙ୍କ ଏଭଳି ମନମାନୀକୁ ନେଇ ଦେଉଳପଦର ପେକ୍ସର ସଭାପତି ରାଜେନ୍ଦ୍ର ପଣ୍ଡା ସୋନପୁର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏନେଇ ଲଲୀତା ରାଇସମିଲର ମାଲିକ ମନୀଷ ଅଗ୍ରୱାଲଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ରିସିଭ କରିନଥିଲେ ।

# ଚୋରା ବାଲି ଚାଲାଣର ହାଇୱା ଚାଳକ ଅଦାଲତ ଚାଲାଣ

କୋରେଇ, ୨୨/୬ (ନି.ପ୍ର): ବୈତରଣୀ ନଦୀରୁ ପ୍ରତିଦିନ ହଜାର ହଜାର ଟ୍ରିପ ଚୋରା ବାଲି ହାଇୱା ମାଧ୍ୟମରେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ ହେଉଥିବା ବେଳେ ରାଜ୍ୟ ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇଛନ୍ତି। ତେବେ ଯାଜପୁର ଜିଲ୍ଲା ଖଣି ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ଖଣି ଅଧିକାରୀ ଦିପ୍ତୀ ସୁନ୍ଦର ସେଠୀ ପାଣିକୋଇଲିରେ ଚଢାଉ କରି ଦୁଇ ଚୋରା ବାଲି ବୋଝେଇ ହାଇୱାକୁ ଜବତ କରିଥିଲେ। ଜବତ ବାଲି ଗାଡି ବେଆଇନ ଭାବେ ଚାଲାଣ ହେଉଥିବାରୁ ଖଣି ବିଭାଗ ଏନେଇ ମାମଲା କରିବାକୁ ଥାନାରେ ଦେଇଥିଲେ । ଏନେଇ ମାମାଲା ୧୭୨/୨୫ ରେ ଚାଳକ କେନ୍ଦ୍ରାପଡା ଜିଲ୍ଲା କେନ୍ଦ୍ରାପଡା ଥାନା ବନ୍ଧାଲୋ ଗ୍ରାମର କାର୍ତିକେଶ୍ୱର ସ୍ୱାଇଁ(୨୧) ଓ ଅନ୍ୟ ମାମଲା ୧୭୬/୨୫ରେ ଚାଳକ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ବଜରପଡା ଗ୍ରାମର ସୌମ୍ୟ କବି (୨୪)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

## ସର୍ପାଘାତରେ ଜଣଙ୍କର ମୃତ୍ୟୁ

କୋରେଇ, ୨୨/୬ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ନୂଆପଦା ଗ୍ରାମରେ ସାପକାମୁଡାରେ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରକାଶଯେ ନୂଆପଦା ଗ୍ରାମର ମାଧବ ସେଠୀଙ୍କ ପୁଅ ଶର୍ଙ୍କଷଣ ସେଠୀ (୫୪) ଗୁରୁବାର ରାତ୍ରୀରେ ଖାଇ ସାରି ଘରେ ଶୋଇଥିଲେ । ଶୋଇଥିବା ଅବସ୍ଥାରେ ତାଙ୍କୁ ଏକ ସାପ କାମୁଡିଥିଲା। ଫଳରେ ପରିବାର ପକ୍ଷରୁ ତାଙ୍କୁ ସଂଗେ ସଂଗେ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ପଠାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ରାତ୍ରୀରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ଗ୍ରାମରେ ପ୍ରଚାରିତ ହେବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'ଆନ୍ତର୍ଜାତୀୟ ଯୋଗଦିବସ' ପାଳିତ




ମୟୂରଭଂଜ, ୨୨/୬ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ଯୋଗଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ,ଯୋଗ ସୁସ୍ଥ ଜୀବନର ମୂଳମନ୍ତ୍ର। ନିୟମିତ ଯୋଗାଭ୍ୟାସ ମନୁଷ୍ୟର ଶରୀର ଓ ମନକୁ ସୁସ୍ଥ ରଖିଥାଏ । କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗର ସଂଯୋଜକ ପ୍ରଫେସର ପ୍ରମୋଦ କୁମାର ଶତପଥୀ। ବିଶ୍ୱବିଦ୍ୟାଳୟର ଦୁଇଶହ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଯୋଗାଭ୍ୟାସ କରାଯାଇଥିଲା। ପରବର୍ତ୍ତୀ ସମୟରେ ସ୍ୱାମୀ ବିବେକାନନ୍ଦ ଯୋଗ ଓ ରିସର୍ଚ୍ଚ ସେଣ୍ଟର, ବାରିପଦା ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଯୋଗ ବିଭାଗର ମିଳିତ ଉଦ୍ୟମରେ ଛାତ୍ରଛାତ୍ରୀମାନେ ଯୋଗ ପ୍ରଦର୍ଶନ କରିଥିଲେ। ଆନ୍ତର୍ଜାତୀୟ ଯୋଗଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଅଂଶିକା ବରାଳ, ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ, ସୀମାଲତା ସାହୁ ଏବଂ ପୋଷ୍ଟର ପ୍ରସ୍ତୁତିରେ ଅର୍ଜୁନ କୁମାର ବାରିକ, ପ୍ରଜ୍ଞା ପାରମିତା ନାୟକ, ଅଂଶିକା ବରାଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରାକୃତିକ ଯୋଗାସନ ପ୍ରତିଯୋଗିତାରେ ମହିଳା ବର୍ଗରେ ଅଂଶିକା ବରାଳ, ରଞ୍ଜନା ସିଂ, ସୁରଭି ମହାନ୍ତ ଏବଂ ପୁରୁଷ ବର୍ଗରେ ଯଥାକ୍ରମେ ଅଭିଷେକ ଦାସ, କିଶୋର ମହାନ୍ତ, ଅନନ୍ତ ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ କୁଳପତିଙ୍କଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ, କୁଳସଚିବ ସୁମିତା ସିଂ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରାଇ, ବିଶ୍ୱବିଦ୍ୟାଳୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଅନାମ ଚରଣ ରାଉଳ, ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ବିଷ୍ଣୁପ୍ରିୟା ହାଁସଦା, ଏବଂ ଡକ୍ଟର ଶିଶିର ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗର ସହକାରୀ ପ୍ରଫେସର ସୁଜାତା ଜେନା, ସାଗର ମନ୍ତ୍ରୀ ଏବଂ କରମଚାନ୍ଦ ବଇଠା କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ଡକ୍ଟର ବିଷ୍ଣୁପ୍ରିୟା ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ପ୍ରଶାସନିକ ଅଧିକାରୀ, ଅଣଶିକ୍ଷକ କର୍ମଚାରୀ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ସମେତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ ମହାବିଦ୍ୟାଳୟ, ଶ୍ରୀମା ମହାବିଦ୍ୟାଳୟ, ଶ୍ରୀରାମଚନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ,ଏମ୍ ସି ଏ ଏମ୍ ପ୍ରଭୃତି ମହାବିଦ୍ୟାଳୟର ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଥିଲେ।

# ବଲାଙ୍ଗିରରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲ ଟପ ଏକ୍ସରସାଇଜ ବୈଠକ

ବଲାଙ୍ଗିର, ୨୨/୬ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଆଜି ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଟେବୁଲ ଟପ ଏକ୍ସରସାଇଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ଟେବୁଲ ଟପ ଏକ୍ସରସାଇଜର ମୂଳ ଉଦ୍ଦେଶ୍ୟ ରହିଥିଲା ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ ବନ୍ୟା, ବାତ୍ୟା, ସାପକାମୁଡା, ବଜ୍ରପାତ ସମୟରେ ଜନସାଧରଣଙ୍କ ଧନ ଜୀବନକୁ ହ୍ରାସ କରିବା । ବଲାଙ୍ଗିର ଜିଲ୍ଲାରେ ସଫଳ ଭାବେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ, ବ୍ଲକ ସ୍ତରୀୟ ଓ ସମସ୍ତ ପୌରାଚଂଳର ଅଧିକାରୀ ମାନଙ୍କର କାର୍ଯ୍ୟଦକ୍ଷତା ଏବଂ କୁଶଳତାକୁ ସଠିକ ଭାବେ ବିକାଶ କରି ଉପଯୋଗ କରାଯିବା ପାଇଁ ଆଲୋଚନା ହୋଇଥିଲା।

ବିଜ୍ଞାପନ

ସେଆର ବଜାରରେ କେଉଁଠି ଲାଭ ହେବ ପ୍ରତିଦିନ ଜାଣିବାପାଇଁ ହ୍ୱାଟ୍ସଅପ କରନ୍ତୁ STOCK 9827609021.

# ଗର୍ଭଧାରଣରେ ଅକ୍ଷମତା: କାରଣ ଓ ପ୍ରତିକାର



ଗର୍ଭଧାରଣ ବା ପ୍ରଜନନ ଜନିତ ଅକ୍ଷମତା ଆଜିକାଲି ଏକ ବଡ଼ ସମସ୍ୟା। ପରିବର୍ତ୍ତିତ ଜୀବନଶୈଳୀ, ସାମାଜିକ ଓ ପାରିପାର୍ଶ୍ୱିକ ଅବସ୍ଥିତି ତଥା କେତେକ ଚିକିତ୍ସାଗତ ସମସ୍ୟା ଏହାର ପ୍ରମୁଖ କାରଣ। ଆବଶ୍ୟକତା ଠାରୁ କମ୍ କିମ୍ବା ଅଧିକ ଓଜନର ମହିଳାଙ୍କ



କ୍ଷେତ୍ରରେ ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହରମନ ଏଥିପାଇଁ ଦାୟୀ। ଏହି ହରମନ ଋତୁସ୍ରାବ ପାଇଁ କାର୍ଯ୍ୟକରେ। କମିଗଲେ ପ୍ରଜନନ କ୍ଷମତା ହ୍ରାସପାଏ। ବିଶେଷ କ୍ଷେତ୍ରରେ ପତଳୀମାନେ ଗର୍ଭଧାରଣରେ ଅସୁବିଧା ଭୋଗକରନ୍ତି। ଗର୍ଭରୋଧକ ଟୀକା, ଦୀର୍ଘକାଳ ଧରି ବଟିକା ସେବନ,ଇଞ୍ଜେକସନ ଗ୍ରହଣ ଦ୍ୱାରା ପ୍ରଜନନ କ୍ଷମତା ହ୍ରାସପାଏ। ମେଦ ବହୁଳତା ଦ୍ୱାରା ଆବଶ୍ୟକ ହରମନ ନିର୍ଗତରେ ବାଧା ଉପୁଜେ ଓ ଗର୍ଭଧାରଣ ସମ୍ଭବ ହୁଏନାହିଁ। କମ ବୟସରେ ଅନିୟମିତ ଋତୁସ୍ରାବ ସମସ୍ୟା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏହାଚଢ଼ା ପଞ୍ଚତିରିଶ ବର୍ଷପରେ ସ୍ୱାଭାବିକ ଭାବେ ଡିମ୍ବାଣୁ ସଂଖ୍ୟା କମିଯାଉଥିବାରୁ ପ୍ରଜନନ କ୍ଷମତା ମଧ୍ୟ କମିଯାଏ। ଯୌନାଙ୍ଗ ସଂକ୍ରମଣ, ପ୍ରମେହ



ଆଦି ଯୌନରୋଗ, ଥାଇରଏଡ଼ ସମସ୍ୟା ପ୍ରଜନନ କ୍ଷମତାକୁ କମାଇଦିଏ। ଆଜିକାଲି ସୌନ୍ଦର୍ଯ୍ୟ ସଚେତନ ମହିଳା ଓ ଯୁବତୀମାନେ ଡାଏଟିଂ ଜିମ ବ୍ୟାୟାମ ଆଦି ଅଭ୍ୟାସ କରୁଛନ୍ତି। ସିଧାସଳଖ ପ୍ରଶିକ୍ଷକ କିମ୍ବା ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଉ ନାହାନ୍ତି। ଏ ବାବଦରେ ଟେଲିଭିଜନରେ ପ୍ରସାରିତ କାର୍ଯ୍ୟକ୍ରମ ଗୁଡ଼ିକ ଦେଖି ଘରେ ଅଭ୍ୟାସ କରୁଛନ୍ତି। ଶରୀର ପାଇଁ ଏହା କ୍ଷତିକାରକ। ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼େ ଓ ଗର୍ଭାଶୟ ପ୍ରଭାବିତ ହୁଏ। ପତଳୀ ହେବା ପାଇଁ ସପ୍ତାହକୁ ପାଂଚଘଂଟାରୁ ଅଧିକ ସମୟ ବ୍ୟାୟାମ କଲେ ପ୍ରଜନନ କ୍ଷମତା କମିଯାଏ। ମାତୃତ୍ୱ ଲାଭରୁ ବଂଚିତ ହେବାକୁ ପଡ଼େ। ସୁରା ଓ ଧୂମପାନ, ନିଶା ସେବନ ମଧ୍ୟ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏଥିପ୍ରତି ସତର୍କ ରହିବା ଜରୁରୀ। ସୁସ୍ଥ ଓ ସୁନ୍ଦର ରହିବା ପାଇଁ ଆବଶ୍ୟକ ସୁଷମ ଖାଦ୍ୟ ଖାଆନ୍ତୁ, ଅଧିକ ନୁହେଁ କିମ୍ବା କମ ନୁହେଁ। ଫାଷ୍ଟ ଫୁଡ୍, ଅଧିକ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ପରାମର୍ଶରେ ବ୍ୟାୟାମ କରନ୍ତୁ। ଠିକ ଭାବେ ବିଶ୍ରାମ ନିଅନ୍ତୁ। ଦୁଶ୍ଚିନ୍ତା ଠାରୁ ନିଜକୁ ଦୂରେଇ ରଖନ୍ତୁ। ସୁନିଦ୍ରା ଓ ଉତମ ଭାବନା ମନରେ ପୋଷଣ କରନ୍ତୁ। ଏହାଦ୍ୱାରା ହରମୋନ ସନ୍ତୁଳିତ ରହେ ଓ ପ୍ରଜନନ କ୍ଷମତା ବଢ଼େ। ମାଆ ବନିବାର ସୌଭାଗ୍ୟ ମିଳେ। ଆବଶ୍ୟକ ସ୍ଥଳେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।

# ପ୍ଲାଷ୍ଟିକ୍ ବୋତଲରୁ ପାଣି ପିଉଥିଲେ ସାବଧାନ: ଜଳ ସାଜିପାରେ ଜହର, ହୃଦୟ ପାଇଁ ହାନିକାରକ



ମଣିଷ ତା ନିଜ ଜୀବନରେ ଜାଣତରେ ହେଉ କି ଅଜାଣତରେ ପ୍ଲାଷ୍ଟିକ ସହିତ ଏତେ ଜଡିତ ହେଇଗଲାଣି ଯେ, ଚାହିଁଲେ ବି ପ୍ଲାଷ୍ଟିକକୁ ତା ବ୍ୟବହାରରୁ ଏବଂ ଜୀବନରୁ ବାହାର କରିପାରୁନି । ପ୍ଲାଷ୍ଟିକ ବୋତଲରେ ପାଣି ପିଇବା ଠାରୁ ପ୍ଲାଷ୍ଟିକ ପ୍ଲେଟରେ ଖାଦ୍ୟ ଖାଇବା । ମଣିଷ ଏବେ ପ୍ଲାଷ୍ଟିକ ଉପରେ ଅନେକ ନିର୍ଭରଶୀଳ । ମାତ୍ର ସାବଧାନ, ଅତ୍ୟଧିକ ପ୍ଲାଷ୍ଟିକ ବ୍ୟବହାର ହୋଇପାରେ ହାନିକାରକ । ପ୍ଲାଷ୍ଟିକ ବୋତଲରେ ପାଣି ପିଇବା ବି ଜୀବନ ପ୍ରତି ବିପଦ ଆଣିପାରେ କାରଣ ଆମେ ପିଉଥିବା ୧ ଲିଟର ପ୍ଲାଷ୍ଟିକ୍ ବୋତଲ ପାଣିରେ ୨ ଲକ୍ଷ ୪୦ ହଜାର ନାନୋ ପ୍ଲାଷ୍ଟିକ ଥାଏ । ଆଉ ଏହି ନାନୋ ପ୍ଲାଷ୍ଟିକ ହୃଦରୋଗ ବି ସୃଷ୍ଟି କରେ ତା ସହ ପ୍ଲାଷ୍ଟିକ ବୋତଲରେ ପାଣି ହୃଦରୋଗୀଙ୍କ ପାଇଁ ବି ଅଧିକ ସମସ୍ୟା ଆଣିପାରେ । ଆମେରିକାର ଏକ ରିସର୍ଚ୍ଚ ସଂସ୍ଥାର କହିବା ଅନୁସାରେ ଆମ ଖାଦ୍ୟରେ, ଆମ ପାନୀୟରେ ଏବଂ ଆମ ନିଶ୍ୱାସରେ ଭିତରକୁ ଯାଉଥିବା ପ୍ଲାଷ୍ଟିକ କଣିକା ହୃଦୟ ଉପରେ ବଡ ପ୍ରଭାବ ପକାଇ ବ୍ଲକେଜ୍ ଭଳି ସମସ୍ୟା ସୃଷ୍ଟି କରେ । ତେଣୁ ହୃଦରୋଗୀମାନେ ଯେତେ କମ୍ ପ୍ଲାଷ୍ଟିକ ବୋତଲରୁ ପାଣି ପିଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ତେବେ ପ୍ଲାଷ୍ଟିକ ବୋତଲର ପାଣି ସ୍ଲୋ ପଏଜନ ପରି ଏହା ଧିରେ ଧିରେ ଆମ ଶୀରରରେ ପ୍ରଭାବ ପକାଏ । ବଜାରରେ ମିଳୁଥିବା ସୁନ୍ଦର ପ୍ଲାଷ୍ଟିକ ବୋତଲର ପ୍ରଚୁର କେମିକାଲ ଓ ବ୍ୟାକ୍ଟେରିଆ ଥାଏ । ଏସବୁ ବୋତଲରୁ ଫ୍ଲୋରାଇଡ୍ ଏବଂ ଆର୍ସେନିକ ପରି ହାନିକାରକ ପଦାର୍ଥ ବାହାରେ ଯାହା ଶରୀର ପାଇଁ ସ୍ଲୋ ପଏଜନ ପରି । ପ୍ଲାଷ୍ଟିକ ବୋତଲର ପାଣି ସ୍ତନ କର୍କଟ, ଡାଏବେଟିସ, ମେଦବହୁଳତା, ଲିଭର କ୍ୟାନ୍ସର, ମାଇଗ୍ରାନ ପରି ସମସ୍ୟା ସୃଷ୍ଟି କରେ । ତେଣୁ ଯେତେ ସମ୍ଭବ ପ୍ଲାଷ୍ଟିକ ବୋତଲର ପାଣି ଠାରୁ ଦୂରେଇ ରୁହନ୍ତୁ ଏବଂ ମାଟି ପାତ୍ର କିମ୍ବା କାଚ ବୋତଲରୁ ପାଣି ପିଅନ୍ତୁ ।



# ନିମ୍ନ ରକ୍ତଚାପରେ ଘରୋଇ ଉପଚାର

- ମଣ୍ଡ ବୁଲାଇବା, ହାଲିଆ ଲାଗିବା, ବସିବା ଜାଗାରୁ ହଠାତ୍ ଉଠିପଡ଼ିଲେ ଅନ୍ଧାର ଦିଶିବା ଆଦି ନିମ୍ନ ରକ୍ତଚାପର ଲକ୍ଷଣ।
- ଜଳ ଶୁଷ୍କତା ନିମ୍ନ ରକ୍ତଚାପର ଏକ କାରଣ। ଏଣୁ ଅଧିକ ଜଳ ପିଅନ୍ତୁ। କ୍ଳାନ୍ତି ଦୂର ହେବ। ଆରାମ ଲାଗିବ।
- ଖାଦ୍ୟରେ ଲୁଣ ପରିମାଣ ବଢ଼ାନ୍ତୁ। ଜଳରେ ଲୁଣ ଫେଂଟି ପିଅନ୍ତୁ। ରକ୍ତଚାପ ସନ୍ତୁଳନ ରହିବ।
- ଦୁଇ ତିନି ଚାମଚ ବିଟ ରସ ଦିନକୁ ଦୁଇଥର ଲେଖାଏ ସପ୍ତାହେ ପର୍ଯ୍ୟନ୍ତ ପିଇବା ଦ୍ୱାରା ନିମ୍ନ ରକ୍ତଚାପରୁ ଉପଶମ ମିଳେ।
- କଫି ସେବନ ଓ ଡାର୍କ ଚକଲେଟ ଖାଇବା ଦ୍ୱାରା ସାମୟିକ ଭାବେ ନିମ୍ନ ରକ୍ତଚାପରୁ ମୁକ୍ତି ମିଳୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ତେବେ, କ୍ରମାଗତ ଏହି ସମସ୍ୟା ଭୋଗୁଥିଲେ ଦିନକୁ ଦୁଇଥର କଫି ସେବନ କଲେ ସୁଫଳ ମିଳେ।
- ଦଶ, ବାରଟି ତୁଳସୀ ପତ୍ର ରସରେ ଏକ ଚାମଚ ମହୁ ଫେଣ୍ଟି ସକାଳେ ଖାଲିପେଟରେ ପିଅନ୍ତୁ, ନିମ୍ନ ରକ୍ତଚାପ ନିୟନ୍ତ୍ରଣରେ ରହିବ।

# ଚର୍ବି ଖସାଇବାକୁ କେବଳ ଲେମ୍ବୁ ମିଶ୍ରିତ ଉଷୁମ ପାଣି ପିଅନ୍ତୁନି, ମିଶାନ୍ତୁ ଟିକେ ହଳଦୀ

ଉଷୁମ ପାଣିରେ ଲେମ୍ବୁ ମିଶାଇ ପିଇବା ଦ୍ୱାରା ଶରୀରର ଅତିରିକ୍ତ ଚର୍ବି କମ୍ ହୋଇଥାଏ ବୋଲି ଆମେ ସମେସ୍ତ ଜାଣନ୍ତି। ମାତ୍ର ଚର୍ବି ଖସାଇବାର ଏହା ଏକମାତ୍ର ଉପାୟ ନୁହେଁ। ଆହୁରି ବି ଅନେକ ଉପାୟ ରହିଛି।

ଯଦି ଆପଣ ଏହି ଉଷୁମ ପାଣୀ, ଲେମ୍ବୁ ମିଶ୍ରଣରେ ଟିକେ ହଳଦୀ ମିଶାଇ ପିଇବା ଆରମ୍ଭ କରିବେ, ତେବେ ଆପଣଙ୍କ ଶରୀରରେ ରହିଥିବା ଅନେକ ବଡ଼ ବଡ଼ ସମସ୍ୟାର ସମାଧାନ ଖୁବ୍ ସହଜରେ ହୋଇଯିବ । ଗୋଟେ ଗ୍ଲାସ୍‌ରେ ଅଧା ଲେମ୍ବୁ ଚିପୁଡ଼ି ସେଥିରେ ହଳଦୀ ଏବଂ ଉଷୁମ ପାଣି ମିଶାନ୍ତୁ । ଏହା ପରେ ସେଥିରେ ୧/୪ ଟି ଚାମଚ ମହୁ ମିଶାନ୍ତୁ । ତପରେ ଏହାକୁ ପିଅନ୍ତୁ । ପ୍ରତିଦିନ ଏପରି କରିବା ଦ୍ୱାରା ଆପଣଙ୍କ ଶରୀରକୁ କ'ଣ ସବୁ ଫାଇଦା ମିଳିବ ଆସନ୍ତୁ ଜାଣିବା ।



■ ହଳଦୀ ମସ୍ତିଷ୍କ ପାଇଁ ଲାଭଦାୟକ ହୋଇଥାଏ । ଯଦି ସକାଳୁ ଉଠି ଆପଣମାନେ ହଳଦୀ, ଲେମ୍ବୁ ଏବଂ ମହୁକୁ ଉଷୁମ ପାଣିରେ ମିଶାଇ ପିଉଛନ୍ତି, ତେବେ ଅପଣଙ୍କ ମସ୍ତିଷ୍କ ଶାନ୍ତ ଏବଂ ସକ୍ରିୟ ହୋଇ ଯାଇଥାଏ। ଯଦି ଆପଣଙ୍କର ସ୍ମରଣ ଶକ୍ତି ହ୍ରାସ ସମସ୍ୟା ରହିଛି, ତେବେ ଏହି ମିଶ୍ରଣକୁ ପିଇବା ଆରମ୍ଭ କରନ୍ତୁ ।

■ଏହି ମିଶ୍ରଣକୁ ପିଇବା ଦ୍ୱାରା ଯକୃତ ସୁସ୍ଥ ମଧ ରହିଥାଏ ।

■ନିୟମିତ ଭାବରେ ଏହି ମିଶ୍ରଣକୁ ସେବନ କରିବା ଦ୍ୱାରା ପେଟଜନିତ ସମସ୍ୟା ଦୂର ହେବା ସହ ପାଚନକ୍ରିୟା ସୁସ୍ଥ ରହିଥାଏ।

■ହଳଦୀରେ କରକ୍ୟୁରିନ୍ ନାମକ କେମିକାଲ ରହିଥାଏ, ଯାହା କର୍କଟ ରୋଗ ସୃଷ୍ଟିକାରୀ କୋଷିକାଗୁଡ଼ିକ ସହ ଲଢ଼ିଥାଏ ।

# ଗହମ ପ୍ରୋଟିନ୍ ପ୍ରତି ରୁହନ୍ତୁ ସତର୍କ

ଏଭଳି ଏକ ପ୍ରୋଟିନ ଅଛି ଯାହା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ବୈଜ୍ଞାନିକମାନଙ୍କ ମତରେ ଗହମରେ ରହିଥିବା ପ୍ରୋଟିନ୍ 'ଦି ଆମିଲେସ-ଟ୍ରାଇପସନ୍ ଇନହିବିଟର୍ସ (ଏଟିଆଇ) ଶରୀରର ବିଭିନ୍ନ ଅଂଶରେ କୁପ୍ରଭାବ ପକାଇଥାଏ। ବିଶେଷକରି କିଡ଼ନୀ, ପେଟ ଉପରେ ଥିବା କୋଶିକାରେ ଘା' ଆଜମା, ଫ୍ୟାଟି ଲିଭର ଏସିଡ୍, ଅର୍ଥାଇଟିସ ଆଦି ରୋଗ ସୃଷ୍ଟି କରିଥାଏ। ଏହି ପ୍ରୋଟିନ ୪ ପ୍ରତିଶତରୁ ଅଧିକ ହେଲେ ଶରୀରରୁ ପ୍ରତିରୋଧକ ଶକ୍ତିକୁ କ୍ଷତି ପହଂଚାଇଥାଏ ଓ ପେଟର ପ୍ରତିକ୍ରିୟାକୁ ଶରୀରର ଅନ୍ୟ କୋଶିକାକୁ ବ୍ୟାପିବାରେ ସାହାଯ୍ୟ କରିଥାଏ। ଏ ସମ୍ବନ୍ଧରେ ସବିଶେଷ ତଥ୍ୟ ଦେଇଛନ୍ତି, ମୁଖ୍ୟ ଗବେଷକ ତଥା ଜର୍ମାନୀର ଜୋହେନ୍ସ ଗୁଟେନବର୍ଗ ୟୁନିଭର୍ସିଟିର ପ୍ରଫେସର ଡେଲେଫ ସ୍କୁପନ। ପୂର୍ବରୁ ଗୁଟନ ଓ ଏହାର ଶରୀରର ହଜମଶକ୍ତି ଉପରେ ପ୍ରଭାବ ସମ୍ପର୍କରେ କୁହାଯାଉଥିଲା। କିନ୍ତୁ ଏହି ନୂତନ ରିସର୍ଚ୍ଚ ଏଟିଆଇ ଉପରେ ଦୃଷ୍ଟିକୋଣ ବଦଳାଇଛି।

# ସ୍ତନ୍ୟଦାତ୍ରୀଙ୍କ ଲାଗି ଖାଦ୍ୟ...

> ସ୍ତନ୍ୟଦାତ୍ରୀ ପୂର୍ବରୁ ଖାଉଥିବା ଖାଦ୍ୟଠାରୁ ଦୈନିକ ଭାତ ୬୦ ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ ଗ୍ରାମ୍, ତେଲ, ଘିଅ ୧୦ ଗ୍ରାମ ଏବଂ ଚିନି, ଗୁଡ଼ ୧୦ଗ୍ରାମ୍ ଅଧିକ ଖାଇବା ଆବଶ୍ୟକ।



ଶିଶୁ ପାଇଁ ମା' କ୍ଷୀର ଅମୃତ। ତେଣୁ ଶିଶୁ ଜନ୍ମ ପୂର୍ବରୁ ହିଁ ପ୍ରକୃତି ମା' ସ୍ତନରେ ତା'ର ସନ୍ତାନ ପାଇଁ ଖାଦ୍ୟ ଭରି ଦେଇଥାଏ। ଯେଉଁଥିରେ କି ଶିଶୁର ଅଭିବୃଦ୍ଧି ନିମନ୍ତେ ଭରି ରହିଥାଏ ସମସ୍ତ ପୋଷକ ତତ୍ତ୍ୱ ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତି। ତେଣଉ ଜନ୍ମର ଅତି କମରେ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ସ୍ତନ୍ୟପାନ କରାଇବା ଲାଗି ପରାମର୍ଶ ଦିଆଯାଉଛି। ଯଦି ଶିଶୁଟି କେବଳ



ମା' କ୍ଷୀର ଖାଇବା ଦ୍ୱାରା ତା ଶରୀରରେ ବୃଦ୍ଧି ଘଟୁଛି ଏବଂ ଓଜନ ମଧ୍ୟ ବୃଦ୍ଧି ପାଉଛି, ଏହାର ଅର୍ଥ ଶିଶୁ କାର୍ବୋହାଇଡ୍ରେଟ୍, କ୍ୟାଲସିୟମ ପ୍ରୋଟିନ, ମିନେରାଲ୍ସ, ଭିଟାମିନ୍ସ ଭଳି ଆବଶ୍ୟକ ପୋଷକତତ୍ତ୍ୱ 1ର ଆକାରରେ ମା' ଶରୀରରୁ ଗ୍ରହଣ କରି ବଢୁଛି। ତେବେ ପିଲା କ୍ଷୀର ଖାଇବା ଦ୍ୱାରା ଏସବୁ ମା' ଶରୀରରୁ ହ୍ରାସ ପାଉଛି। ଯାହାକୁ ଭରଣା କରିବା ଆବଶ୍ୟକ। କାରଣ ଯଦି ସ୍ତନ୍ୟପାନଦ୍ୱାରା ମା' ଶରୀରରୁ କ୍ୟାଲସିଅମ କମୁଛି ତେବେ ମା'ର ହାଡ଼ ଦୁର୍ବଳ ହେବ, ଆଇରନ କମିଗଲେ ରକ୍ତହୀନତା ଦେଖାଦେବ, ପ୍ରୋଟିନ କମିଗଲେ ପ୍ରୋଟିନ ଅଭାବଜନିତ ରୋଗ ହେବ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ, ଯାହାକି ଉଭୟ ମା' ଏବଂ ଶିଶୁଙ୍କ ଲାଗି କ୍ଷତିକାରକ। ତେଣୁ ଉଭୟେ ସୁସ୍ଥ ରହିବା ଲାଗି ମା'କୁ ଦୈନିକ ପୂର୍ବାପେକ୍ଷା ୫୦୦ କ୍ୟାଲୋରି ଅଧିକ ଆବଶ୍ୟକ। ତେବେ ପ୍ରଶ୍ନ ଆସୁଛି ଏହାକୁ ଭରଣା କରାଯିବ କିପରି ? ଏହାର ଏକମାତ୍ର ଉପାୟ ହେଉଛି ମା'ର ଖାଦ୍ୟବୃଦ୍ଧି। ଅନେକେ ଏଥିପାଇଁ ବିଭିନ୍ନ ଭିଟାମିନ ଔଷଧ, ପ୍ରୋଟିନ ପାଉଡ଼ର, ଆଡ଼ିଶନାଲ, ଫଡ଼୍ ସପ୍ଲିମେଣ୍ଟ ଗ୍ରହଣ କରିଥାନ୍ତି। ହେଲେ ଏସବୁ ଖାଦ୍ୟରେ ବିକଳ୍ପ ନୁହେଁ। କାରଣ ଜଣେ ଅସୁସ୍ଥ ବ୍ୟକ୍ତିକୁ ସୁସ୍ଥ ହେବା ଲାଗି ଔଷଧ ଖାଇବାକୁ ଦିଆଯାଇଥାଏ। କିନ୍ତୁ ଜଣେ ସୁସ୍ଥ ବ୍ୟକ୍ତି ଲାଗି ଖାଦ୍ୟ ହିଁ ଯଥେଷ୍ଟ। ତେଣୁ ସ୍ତନ୍ୟଦାତ୍ରୀ ମା'କୁ ଅଧିକ ଖାଦ୍ୟ ଯୋଗାଇଦେବାର ଅର୍ଥ ନୁହେଁ ଯେ, କୌଣସି ଆଡିଶନାଲ ଫୁଡ୍ ସପ୍ଲିମେଣ୍ଟ କିମ୍ବା ଔଷଧ ଦେବା। ତେଣୁ କ୍ଷୀର ଆକାରରେ ଶିଶୁ ଶରୀରକୁ ଯାଉଥିବା ଉପାଦାନଗୁଡ଼ିକ ଯେପରି ମା' ଶରୀରରୁ ହ୍ରାସ ନପାଏ ତାହାକୁ ଭରଣା କରିବା ଲାଗି ତା'ଣ ଦୈନନ୍ଦିନ ଖାଦ୍ୟର ପରିମାଣ ବୃଦ୍ଧି କରାଇବା ଦରକାର। ଯେଉଁଥିଲାଗି ସେ ପୂର୍ବରୁ ଖାଉଥିବା ଖାଦ୍ୟଠାରୁ ଦୈନିକ ଭାତ ୬୦ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ଗ୍ରାମ, ତେଲ, ଘିଅ୧୦ଗ୍ରାମ ଏବଂ ଚିନି, ଗୁଡ଼ ୧୦ଗ୍ରାମ ଅଧିକ ଖାଇବା ଆବଶ୍ୟକ। ସାଧାରଣତଃ ଅନେକଙ୍କ ମନରେ ଧାରଣା ଥାଏ ଯେ, ପ୍ରତିଦିନ ଗୋଟିଏ ଫଳ କିମ୍ବା ଅନ୍ୟ କେତେକ ଖାଦ୍ୟ ଖାଇବା ଦରକାର। ଅନ୍ୟ କେତେକ ମଧ୍ୟ ଏହି ଖାଦ୍ୟ ଖାଇବା ଠିକ୍ ନୁହେଁ, ଏହାକୁ ଖାଇଲେ ଶିଶୁର ଝାଡ଼ା ହେବ, ଦେହ ଖରାପ ହେବ ଇତ୍ୟାଦି କହିଥାନ୍ତି। ହେଲେ ବାସ୍ତବରେ ଏସବୁ ଏକ ଭ୍ରାନ୍ତ ଧାରଣା ଯାହାକୁ ଆମେ ସୋସିଓ କଲ୍ଚରାଲ ଆସ୍ପେକ୍ଟସ ଅଫ ଫୁଡ୍ ବା ଆମ ଖାଦ୍ୟ ଅଭ୍ୟାସରେ ସାମାଜିକ ଓ ସାଂସ୍କୃତିକ କାଚଗୁଡ଼ିକର ପ୍ରଭାବ ବୋଲି କହିପାରିବା। କାରଣ ପ୍ରକୃତି ମା' କ୍ଷୀରକୁ ଏଭଳି ଭାବେ ପ୍ରସ୍ତୁତ କରିଛି ଯାହାକୁ ବୈଜ୍ଞାନିକମାନେ ଏତେ ଚେଷ୍ଟା କଲା ପରେ ବି ପ୍ରସ୍ତୁତ କରିବାରେ ଅସଫଳ ହୋଇଛନ୍ତି। ତେଣୁ ମା' ଖାଉଥିବା ଖାଦ୍ୟ କ୍ଷୀର ଆକାରରେ ଶିଶୁ ଦେହକୁ ଯାଇ ତା'ର କୌଣସି ଅସୁବିଧା କରାଇ ନଥାଏ। କେବଳ କୋତୋଟି ଔଷଧ ଏ ସମୟରେ ଖାଇବା ଶିଶୁ ପାଁ ଠିକ ନୁହେଁ। ଏହା ବ୍ୟତୀତ ସ୍ତନ୍ୟଦାତ୍ରୀ ଭାତ, ଡାଲି, ଋଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାର ପ୍ରସ୍ତୁତ ଖାଦ୍ୟ, ଫଳରସ, ତେଲ, ଘିଅଠାରୁ ଆରମ୍ଭ କରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ହେଲେ ଖାଦ୍ୟ ସୁଷମ ସୁସ୍ୱାଦୁ ଏବଂ ସୁପ୍ରାଚ୍ୟ ବୋ ଜରୁରୀ। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ତେବେ ସାଧାରଣତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକପାଉଥିବା ଅଧକ ଥଣ୍ଡା, ତେଲ ମସଳା ଖାଦ୍ୟ, ଫାଷ୍ଟଫୁଡ଼ ଜାତ୍ୟ ଖାଦ୍ୟ ନଖାଇବା ଭଲ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତରେ ତଥ୍ୟ ବିଶ୍ୱସନୀୟତାର ସଙ୍କଟ

କୌଣସି ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ସଠିକ ଓ ନିର୍ଭୁଲ ତଥ୍ୟ ଶାସନର ମେରୁଦଣ୍ଡ ସଦୃଶ । ଏହା କେବଳ ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣର ମାଧ୍ୟମ ନୁହେଁ, ବରଂ ଜନସାଧାରଣଙ୍କ ପାଇଁ ସରକାରଙ୍କୁ ଉତ୍ତରଦାୟୀ କରିବାର ଏକ ଶକ୍ତିଶାଳୀ ଅସ୍ତ୍ର। ତଥ୍ୟର ସତ୍ୟତା କେବଳ ପରିସଂଖ୍ୟାନର ବିଷୟ ନୁହେଁ, ଏହା ଶାସନ ଏବଂ ସମାଜର ସ୍ୱାସ୍ଥ୍ୟର ପ୍ରତିବିମ୍ବ। କିନ୍ତୁ ଯେତେବେଳେ ଏହି ତଥ୍ୟର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ, ସେତେବେଳେ ଶାସନ ବ୍ୟବସ୍ଥାର ମୂଳଦୁଆ ଦୋହଲିଯାଏ। ଦୁର୍ଭାଗ୍ୟବଶତଃ, ଆଜି ଭାରତ ଏକ ଗମ୍ଭୀର ତଥ୍ୟ ବିଶ୍ୱସନୀୟତାର ସଙ୍କଟ ଦେଇ ଗତି କରୁଛି। ଭାରତରେ ଏହି ସତ୍ୟତାର ଅଭାବ ଅନେକ କ୍ଷେତ୍ରରେ ପରିଲକ୍ଷିତ ହେଉଛି, ଯାହା ସମସ୍ୟାଗୁଡ଼ିକୁ ସଠିକ୍ ଭାବେ ବୁଝିବା ଏବଂ ସମାଧାନ କରିବାରେ ବାଧା ସୃଷ୍ଟି କରୁଛି। ସରକାରୀ ସଂଖ୍ୟା ଏବଂ ବାସ୍ତବତା ମଧ୍ୟରେ ବଢୁଥିବା ପାର୍ଥକ୍ୟ କେବଳ ଏକ ପରିସଂଖ୍ୟାନର ତ୍ରୁଟି ନୁହେଁ, ବରଂ ଏହା ଏକ ଗଭୀର ବ୍ୟବସ୍ଥିତ ସମସ୍ୟାର ସଙ୍କେତ ଦେଉଛି, ଯାହା ଶାସନିକ ସ୍ୱଚ୍ଛତା ଏବଂ ଜବାବଦେହିତାକୁ କ୍ଷୁର୍ଣ୍ଣ କରୁଛି।

ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଉତ୍ତରପ୍ରଦେଶରେ ମହାକୁମ୍ଭ ମେଳା ସମୟରେ ଘଟିଥିବା ଦଳାଚକଟା ଜନିତ ମୃତ୍ୟୁସଂଖ୍ୟାକୁ ନେଇ ହୋଇଥିବା ବିବାଦ। ଅଭିଯୋଗ ଅନୁଯାୟୀ, ପ୍ରୟାଗରାଜରେ ହୋଇଥିବା ଏହି ଦୁର୍ଘଟଣାରେ ପ୍ରକୃତ ମୃତ୍ୟୁସଂଖ୍ୟାକୁ ଉତ୍ତରପ୍ରଦେଶ ସରକାର ଯୋଜନାବଦ୍ଧ ଭାବେ ଲୁଚାଇ ଦେଇଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଦଳାଚକଟାରେ ୮୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସରକାରୀ ଭାବେ ମାତ୍ର ୩୭ ଜଣଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା । ପିପୁଲ୍ସ ୟୁନିଅନ୍ ଫର୍ ସିଭିଲ୍ ଲିବର୍ଟିଜ୍ (ପିୟୁସିଏଲ୍) ଭଳି ସଂଗଠନ ଦାବି କରିଛି ଯେ, ମୃତଦେହଗୁଡ଼ିକୁ ଭିନ୍ନ ଭିନ୍ନ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଯାଇ ଏବଂ କିଛି ମାମଲାରେ ମୃତ୍ୟୁର ତାରିଖ ଓ ସ୍ଥାନରେ ହେରଫେର କରାଯାଇ ପ୍ରକୃତ ସଂଖ୍ୟାକୁ ଲୁଚାଇ ଦିଆଯାଇଛି। ଯେତେବେଳେ ଏକ ପବିତ୍ର ସମାଗମରେ ଘଟିଥିବା ମାନବୀୟ ଦୁଃଖଦ ଘଟଣାର ସତ୍ୟତାକୁ ନେଇ ଏପରି ପ୍ରଶ୍ନ ଉଠେ, ଏହା ସରକାରଙ୍କ ନୈତିକତା ଏବଂ ସମ୍ବେଦନଶୀଳତା ଉପରେ ପ୍ରଶ୍ନ ଉଠାଏ ।

ଏହି ଘଟଣା କୌଣସି ଏକକ ଉଦାହରଣ ନୁହେଁ। ଗ୍ରୀଷ୍ମ ପ୍ରବାହ ଯୋଗୁଁ ହେଉଥିବା ମୃତ୍ୟୁସଂଖ୍ୟାରେ ମଧ୍ୟ ସମାନ ଧରଣର ଅସଙ୍ଗତି ଦେଖିବାକୁ ମିଳୁଛି। ବିଭିନ୍ନ ସରକାରୀ ଏଜେନ୍ସି ଦ୍ୱାରା ପ୍ରଦତ୍ତ ତଥ୍ୟରେ ଆକାଶ ପାତାଳ ଫରକ ରହୁଛି । ଉଦାହରଣ ସ୍ୱରୂପ, ୨୦୨୩ ମସିହାରେ ଉତ୍ତରପ୍ରଦେଶର ବଲିଆ ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହରେ ୬୮ ଜଣଙ୍କ ମୃତ୍ୟୁ ହୋଇଥିବା ଡାକ୍ତରମାନେ ଦାବି କରିଥିବା ବେଳେ, ପ୍ରଶାସନ ମାତ୍ର ଦୁଇଜଣଙ୍କର ମୃତ୍ୟୁ ଅଂଶୁଘାତରେ ହୋଇଥିବା ସ୍ୱୀକାର କରିଥିଲା । ୨୦୨୪ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସାରା ଦେଶରେ ୧୪୩ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା କହିଥିବା ବେଳେ, ଗଣମାଧ୍ୟମ ଦ୍ୱାରା ରାଜ୍ୟ ସ୍ତରରୁ ସଂଗୃହିତ ତଥ୍ୟ ଅନୁସାରେ ଏହି ସଂଖ୍ୟା ୪୪୮ରୁ ଅଧିକ ଥିଲା । ବିଶେଷଜ୍ଞମାନେ ଆକଳନ କରନ୍ତି ଯେ, ଭାରତରେ ପ୍ରତିବର୍ଷ ଗ୍ରୀଷ୍ମ ପ୍ରବାହ କାରଣରୁ ହେଉଥିବା ଅତିରିକ୍ତ ମୃତ୍ୟୁସଂଖ୍ୟା ପ୍ରାୟ ୧,୫୦,୦୦୦ ହୋଇପାରେ, କିନ୍ତୁ ସରକାରୀ ଖାତାରେ ଏହା ନଗଣ୍ୟ। ଏହି ତଥ୍ୟକୁ ଲୁଚାଇବା ଦ୍ୱାରା ସମସ୍ୟାର ପ୍ରକୃତ ଗମ୍ଭୀରତାକୁ ଅଣଦେଖା କରାଯାଉଛି, ଯାହା ଫଳରେ ଉପଯୁକ୍ତ ସ୍ୱାସ୍ଥ୍ୟଗତ ପଦକ୍ଷେପ ଏବଂ ସମ୍ବଳ ଆବଣ୍ଟନରେ ଗୁରୁତର ଅବହେଳା ହେଉଛି।

ଆଉ ଏକ ଗମ୍ଭୀର ଦିଗ ହେଉଛି ଆତ୍ମହତ୍ୟା ଜନିତ ମୃତ୍ୟୁର ତଥ୍ୟ । ସାମାଜିକ କଳଙ୍କ ଏବଂ ଆଇନଗତ ଜଟିଳତାର ଭୟ ହେତୁ ଭାରତରେ ଆତ୍ମହତ୍ୟା ମାମଲାଗୁଡ଼ିକ ବ୍ୟାପକ ଭାବେ କମ୍ ରିପୋର୍ଟ କରାଯାଏ । ଫଳରେ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ଦ୍ୱାରା ପ୍ରକାଶିତ ପରିସଂଖ୍ୟାନ ଏବଂ ବାସ୍ତବ ସ୍ଥିତି ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ରହିଥାଏ । ଏକ ଅଧ୍ୟୟନ ଅନୁସାରେ, ୨୦୦୫ରୁ ୨୦୧୫ ମଧ୍ୟରେ NCRB ତଥ୍ୟ ତୁଳନାରେ ଗ୍ଲୋବାଲ ବର୍ଡେନ ଅଫ୍ ଡିଜିଜ୍ (GBD) ଷ୍ଟଡିରେ ୮,୦୨,୬୮୪ ଅଧିକ ଆତ୍ମହତ୍ୟା ମାମଲା ଦର୍ଜ କରାଯାଇଥିଲା, ଯେଉଁଥିରେ ମହିଳାଙ୍କ କ୍ଷେତ୍ରରେ ୫୦% ଏବଂ ପୁରୁଷଙ୍କ କ୍ଷେତ୍ରରେ ୨୭% କମ୍ ରିପୋର୍ଟିଂ ହୋଇଥିବା ଜଣାପଡିଛି । ଏହି ତଥ୍ୟର ଅଭାବ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ଗଭୀରତାକୁ ଲୁଚାଇ ରଖେ ଏବଂ ଏକ ଜାତୀୟ ଆତ୍ମହତ୍ୟା ନିରାକରଣ ରଣନୀତିର ବିକାଶରେ ବାଧା ସୃଷ୍ଟି କରେ ।

ଏହି ଧାରା କେବଳ ମୃତ୍ୟୁସଂଖ୍ୟାରେ ସୀମିତ ନାହିଁ, ବରଂ ପରିବେଶ ପ୍ରଦୂଷଣର ତଥ୍ୟରେ ମଧ୍ୟ ଏହାର ପ୍ରତିଫଳନ ଦେଖାଯାଏ। ଦିଲ୍ଲୀ ଏବଂ ଆଗ୍ରା ଭଳି ସହରରେ ବାୟୁ ଗୁଣବତ୍ତା ସୂଚକାଙ୍କ (AQI) ତଥ୍ୟରେ ହେରଫେର କରାଯାଉଥିବାର ଅଭିଯୋଗ ସାମ୍ନାକୁ ଆସିଛି। ଦିଲ୍ଲୀରେ ଅଧିକ ପ୍ରଦୂଷିତ ଅଞ୍ଚଳକୁ ଛାଡି ସବୁଜ ଅଞ୍ଚଳରେ ବାୟୁ ଗୁଣବତ୍ତା ମନିଟରିଂ ଷ୍ଟେସନ ସ୍ଥାପନ କରାଯାଇ ସହରର ପ୍ରଦୂଷଣ ସ୍ତରକୁ କମ୍ ଦେଖାଇବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ ହୋଇଛି । ସେହିପରି ଆଗ୍ରାରେ ବାୟୁ ଗୁଣବତ୍ତା ମାପକ ଯନ୍ତ୍ର ଉପରେ ପାଣି ସିଞ୍ଚନ କରି କୃତ୍ରିମ ଭାବେ AQI କମାଇବାକୁ ଚେଷ୍ଟା କରାଯାଇଥିଲା । ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ଜୀବନ ପ୍ରତ୍ୟାଶା ହାରାହାରି ୫.୩ ବର୍ଷ କମିଯାଉଥିବା ବେଳେ ଏହାର ମୁକାବିଲା ପାଇଁ ସଠିକ ଏବଂ ସମୟୋଚିତ ତଥ୍ୟର ଆବଶ୍ୟକତା ରହିଛି । ଏପରି କାର୍ଯ୍ୟକଳାପ କେବଳ ଜନସାଧାରଣଙ୍କୁ ଭ୍ରମିତ କରେ ନାହିଁ, ବରଂ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନୀତିଗତ ପଦକ୍ଷେପକୁ ମଧ୍ୟ ଦୁର୍ବଳ କରିଦିଏ।

ତଥ୍ୟର ଏହି ସଙ୍କଟ ଆହୁରି ଗଭୀର। ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ଜିଡିପି (GDP) ଆକଳନକୁ ନେଇ ବାରମ୍ବାର ପ୍ରଶ୍ନ ଉଠିଛି ।୨୦୧୭-୧୮ର ଗୁରୁତ୍ୱପୂର୍ଣ୍ଣ ଉପଭୋକ୍ତା ଖର୍ଚ୍ଚ ସର୍ଭେ (HCES) ରିପୋର୍ଟକୁ ଦାରିଦ୍ର୍ୟ ବୃଦ୍ଧି ଦେଖାଉଥିବାରୁ ପ୍ରକାଶ କରାଗଲା ନାହିଁ । ସବୁଠାରୁ ଚିନ୍ତାର ବିଷୟ ହେଉଛି ୧୮୮୧ ମସିହାରୁ ନିରବଚ୍ଛିନ୍ନ ଭାବେ ଚାଲିଆସିଥିବା ଦଶବାର୍ଷିକ ଜନଗଣନାରେ ବ୍ୟତିକ୍ରମ । ୨୦୨୧ରେ ହେବାକୁ ଥିବା ଜନଗଣନା ଏଯାଏଁ ସମ୍ପୂର୍ଣ୍ଣ ହୋଇପାରିନାହିଁ, ଯାହାଫଳରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ନିଜର ନୀତି ନିର୍ଦ୍ଧାରଣ ପାଇଁ ଦେଢ ଦଶନ୍ଧି ପୁରୁଣା ତଥ୍ୟ ଉପରେ ନିର୍ଭର କରୁଛି । ଏହା ଦର୍ଶାଉଛି ଯେ ସମସ୍ୟା କେବଳ ତଥ୍ୟ ଲୁଚାଇବାର ନୁହେଁ, ବରଂ ଆବଶ୍ୟକ ତଥ୍ୟ ସଂଗ୍ରହ ନକରିବାର ମଧ୍ୟ । ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସତ୍ୟ ଏବଂ ସ୍ୱଚ୍ଛତା ଅପରିହାର୍ଯ୍ୟ। ତଥ୍ୟ ଲୁଚାଇବା କିମ୍ବା ଏଥିରେ ହେରଫେର କରିବା ଏକ ଆତ୍ମଘାତୀ ପଦକ୍ଷେପ। ଏହା ସମସ୍ୟାର ସଠିକ ଆକଳନ କରିବାକୁ ଦିଏ ନାହିଁ ଏବଂ ଦେଶର ପ୍ରଗତିରେ ବାଧକ ସାଜେ । ସରକାରୀ ପରିସଂଖ୍ୟାନର ସ୍ୱାଧୀନତା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ସ୍ୱାଧୀନ ସଂସ୍ଥା ଦ୍ୱାରା ତଥ୍ୟର ଅଡିଟ୍, ସ୍ୱଚ୍ଛ ତଥ୍ୟ ସଂଗ୍ରହ ପ୍ରଣାଳୀ ଏବଂ ଜନସାଧାରଣଙ୍କ ନିକଟରେ ସହଜରେ ତଥ୍ୟ ଉପଲବ୍ଧ କରାଇବା ହିଁ ଏହି ବିଶ୍ୱସନୀୟତାର ସଙ୍କଟରୁ ମୁକୁଳିବାର ଏକମାତ୍ର ପଥ।

# ମୋ ଆଖିରେ ତୁ... (୭)



ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଧୀରେ ଧୀରେ ଭିତରକୁ ତୁ ପ୍ରବେଶ କରିବା ଲକ୍ଷ୍ୟକରି ନବବଧୂଟିଏ ପରି ମହାଲକ୍ଷ୍ମୀ ସ୍ମିତହାସ୍ୟ ଦେଉଥିଲେ। ମହାମାନବୀୟ ମହାଲୀଳାର ସମାପନ ହେବାକୁ ଯାଉଥିଲା। ସାରା ସଂସାର ସାକ୍ଷୀ ରହିଥିଲା କିପରି ତୁ ମାନବ ସମାଜକୁ ସମାନତାର ଶିକ୍ଷା ଦେବାକୁ ଚାହୁଁଥିଲୁ... ତାହା ଦେଖିବା ପାଇଁ। ଜଣେ ଆଦର୍ଶ ପତ୍ନୀ ପରି ମା ତୋର ପଦକ୍ଷାଳନ କରି ସେହି ପାଦୁକ ପାଣିକୁ ଗର୍ଭକୁ କ୍ଷେପିଥିଲେ..!!

କାଳିଆରେ... ତୋର ଏଇ ପଦଧୁଆ ପ୍ରସଙ୍ଗ ସତରେ କେତେ ଅଦ୍ଭୁତ ନା...??ଶ୍ରୀରାମ ଅବତାରରେ ତୁ ଯେତେବେଳେ ପିତୃସତ୍ୟ ପାଳନ କରିବା ଉଦ୍ଦେଶ୍ୟରେ ଅଯୋଧ୍ୟା ତ୍ୟାଗ କରି ବନଗମନ ପାଇଁ ସୀତା ଆଉ ଲକ୍ଷ୍ମଣଙ୍କ ସହିତ ବାହାରିଥିଲୁ... ସେତେବେଳେ ଗଙ୍ଗାନଦୀ ପାର ହେବା ପାଇଁ କେଉଟକୁ କହିଥିଲୁ..!! ଇୟେ ଅତୀତର ସେହି ନାବିକ ଥିଲେ ଯେ କି ତୋର କଚ୍ଛପ ଅବତାରରେ ଖୋଳରୁ ବାହାରିଥିବା ତୋର ପାଦ ଧୋଇବାକୁ ଚେଷ୍ଟା କରି ଅସଫଳ ହୋଇଥିଲେ। ସେଥିପାଇଁ ସେ କଠିନ ତପସ୍ୟା କରିବା ସହ ଥରୁଟିଏ ମାତ୍ର ତୋ ପାଦ ଧୋଇବାକୁ ବରଦାନ ମାଗିଥିଲେ। ସେଇଥିପାଇଁ ତ୍ରେତାରେ ତୁ ତାଙ୍କରି ନାବ ନିକଟକୁ ଆସି ନଦୀ ପାର କରେଇ ଦେବାକୁ ଆଗ୍ରହ ପ୍ରକାଶ କରିଥିଲୁ।

କେଉଟ ମଧ ବହୁତ୍ ଚାଲାକ୍ ଥିଲେ। ସେଇଥିପାଇଁ ସେ ତୋ ପାଦ ନ ଧୋଇଲେ ତୋତେ ନାଆ ଉପରକୁ ଚଢ଼େଇ ଦେବେନି ବୋଲି ସିଧା ମନା କରିଦେଲେ। ତୁ ପରା ସେହି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଯିଏ ନିଜ ରାସ୍ତାରେ ମାତା ଅହଲ୍ୟାଙ୍କୁ ତାଙ୍କ ପାଶାଣ ସ୍ୱରୁପରୁ ମୁକ୍ତି ଦେଇଥିଲେ...!! କାଳ କାଳ ଧରି ପଥର ହୋଇ ପଡ଼ିରହି ଗୌତମ ପତ୍ନୀ ଅହଲ୍ୟା ଚାହିଁ ବସିଥିଲେ ତୋ ଆସିବା ବାଟକୁ। ଆଉ ତୁ ମଧ ଆସିଥିଲୁ। ଯିଏ ବି ତୋତେ ମନ ଦେଇ ଡାକିଲେ ତୁ ଚାଲି ଆସୁ ନା...!! ଅହଲ୍ୟା କିଛି ଦୋଷ ନ କରି ମଧ ଗୌତମ ଋଷି ତାଙ୍କୁ ଭୁଲ୍ ବୁଝିଥିଲେ। ଇନ୍ଦ୍ର ଅହଲ୍ୟାଙ୍କର ସୋନ୍ଦର୍ଯ୍ୟରେ ବିମୋହିତ ହୋଇ ଗୌତମ ମୁନି ଆଶ୍ରମରେ ନ ଥିବା ସମୟରେ ଛଦ୍ମବେଶରେ ତାଙ୍କରି ରୂପ ନେଇ ଆସି ଯାଇଥିଲେ ଆଶ୍ରମ ଭିତରକୁ। ଆଉ କଳଙ୍କିତ କରି ଦେଇଥିଲେ ମହାସତୀ ଅହଲ୍ୟାଙ୍କୁ...!! କାଳିଆରେ... ଗୌତମ ମୁନି ଏତେ ସିଦ୍ଧ ଯୋଗୀ ହୋଇ ମଧ କଣ ଜାଣି ପାରିଲେନି ତାଙ୍କ ପତ୍ନୀ କେତେବଡ ଷଡ଼ଯନ୍ତ୍ରର ଶିକାର ହୋଇ ସାରିଛନ୍ତି ବୋଲି...!! ତଥାପି ସେ ଅଭିଶାପ ଦେଇଦେଲେ ଯେ ଅହଲ୍ୟା ପଥର ହୋଇ ପଡ଼ି ରହିବେ ଚିରକାଳ ପାଇଁ। ଯେଉଁଦିନ ପ୍ରଭୁ ଚରଣର ପାବନ ସ୍ପର୍ଶ ମିଳିବ ସେଦିନ ଯାଇ ସେ ଜୀବନ ଫେରି ପାଇବେ...!

ସତରେ ସବୁ ଖରାପ୍ ପଛରେ କିଛି ଭଲ ନିଶ୍ଚୟ ଲୁଚି ରହିଥାଏ। ଏଇ ଯେମିତି ଅହଲ୍ୟା ପଥର ହୋଇଯିବା ପଛରେ ସେ ତୋ ସାନିଧ ଲାଭ କରିବା ପରି ସୌଭାଗ୍ୟ ନିହିତ ଥିଲା...!!

ସନ୍ତାନ ଯେପରି ମା ପେଟ ଭିତରେ ରହି ତାକୁ ନିଜ ପଦାଘାତ କରି ନିଜ ଉପସ୍ଥିତି ଦ୍ୱାରା ତା ଅସ୍ତିତ୍ୱକୁ ପରିପୂର୍ଣ୍ଣ କରିଥାଏ... ଠିକ୍ ସେହିପରି ଶ୍ରୀରାମରୂପୀ ତୁ ଅହଲ୍ୟାଙ୍କୁ ମାତା ବୋଲି ସମ୍ବୋଧନ କରି ତାଙ୍କୁ ନିଜ ପଦ ସ୍ପର୍ଶ କରି ପୁନଃ ଜୀବନ୍ତ କରି ଦେଇଥିଲୁ। ସତରେ କାଳିଆ...ସନ୍ତାନ ହିଁ ତ ମାତାକୁ ଜୀବନ୍ତ କରିଥାଏ ନା...!! ତୋ ସତ୍ତାର ସ୍ପର୍ଶ ତ କଡ଼କୁ ଚେତନ ଦେଇଥାଏ...ଏହା ହିଁ ଏହି ଦିବ୍ୟ ଲୀଳାର ସନ୍ଦେଶ ବୋଧେ ଥିଲାରେ ଜଗା...!! ଆଉ ସେଇୟା ହିଁ ହେଲା। ବିଭୁକୃପା ଲାଭ କରି ଅହଲ୍ୟା ଶାପମୁକ୍ତ ହୋଇଥିଲେ ।

ଏହି କଥାକୁ ସ୍ମରଣ କରେଇ କେଉଟ ଜିଦ୍ ଧରିଲେ ଯେ ସେ ତୋ ପାଦ ଧୋଇଦେବା ପରେ ଯାଇ ତୋତେ ତାଙ୍କ ନୌକାରେ ଚଢ଼େଇବେ। ଭାବଗ୍ରାହୀ ତୁ... ଭକ୍ତର ଜିଦ୍ ଆଗରେ ହାରିଯାଇ ତାକୁ ଜିତିଯାଉ ସବୁଦିନ ପାଇଁ...!!

ବଢେଇ ଦେଇଥିଲୁ ନିଜ ପାଦ...!! ଆହା... କି ଆନନ୍ଦ...!! ଯେଉଁ ପାଦପଦ୍ମ ଧୌତ କରିବା ପାଇଁ ସ୍ୱୟଂ ବେଦବ୍ରହ୍ମା ଅକ୍ଷମ ହୋଇଥିଲେ...ସେହି ପାଦ ଫେରେ ଛାର କୈବର୍ତ୍ତ ଧୋଇଲା...!! ମନେ ଅଛି ନା କାଳିଆ...? ମହାଦାନୀ ବଳୀ ରାଜାଙ୍କର ଗର୍ବ ଚୂର୍ଣ୍ଣ କରିବାକୁ ତୁ ବାମନ ଅବତାରରେ କଶ୍ୟପ ମୁନିଙ୍କ ପୁତ୍ର ହୋଇ ଅଦିତି ମାତାଙ୍କଠାରୁ ଜନ୍ମ ନେଇଥିଲୁ...!! ଆଉ ତ୍ରିପଦ ଭୂମି ମାଗିବା ଛଳରେ ଭୂଃ... ଭୁବ... ସ୍ୱହ ନେଇଯାଇଥଲୁ... ବଳୀ ତାଙ୍କ ନିଜ ମସ୍ତକ ଦେଖେଇ ଦେବା ପରେ ତୁ ତାଙ୍କ ଉପରେ ନିଜ କୃପାଶୀର୍ବାଦ ଢ଼ାଳି ଦେଇ ପାତାଳପୁରର ରାଜା ବି କରେଇ ଥିଲୁ...!! ସେତେବେଳେ ତୋର ଯେଉଁ ପାଦ ଭୁବ ଅର୍ଥାତ୍ ନଭକୁ ଆଚ୍ଛାଦିତ କରି ରଖିଥିଲା ସେହି ପାଦକୁ ଧୋଇବା ପାଇଁ ବ୍ରହ୍ମା ନିଜ କମଣ୍ଡଳୁରେ ଗଙ୍ଗାଜଳ ଭର୍ତ୍ତି କରି ଢାଳି ଚାଲିଲେ...!! ହେଲେ ତୋ ଲୀଳା କାରଣରୁ ସେହି ଜଳ ବୃଦ୍ଧାଙ୍ଗୁଳିର କୋଣରେ ହିଁ ରହିଗଲା। ଆଉ ତୋ ପାଦୁକ ଟିକେ ପାଇବା ଆଶା ନେଇ ପ୍ରତୀକ୍ଷା କରିଥିବା ମହାଦେବଙ୍କୁ ନିରାଶ ହେବାକୁ ପଡ଼ିଥିଲା...!! ଆଜି ସେହି ପଦ୍ମଚରଣ ଧୋଇବାକୁ ସକ୍ଷମ ହୋଇଛି ଜଣେ କୈବର୍ତ୍ତ...!! ଏହା ହିଁ ତ ସାର୍ଥକତା ତୋ ପତିତପାବନ ନାମର ରେ କାଳିଆ...!! ତୋ ରାଇଜରେ ଧନ, ସମ୍ପତ୍ତି, ପ୍ରତିପତ୍ତି କିଛି କାମକୁ ଆସେନି। ଏଇଠି କେବଳ ସମ୍ପୂର୍ଣ୍ଣ ସମର୍ପଣ ଆଉ ଅନାବିଳ ଭକ୍ତିର ହିଁ ରାଜୁତି ହୋଇଥାଏ...ପ୍ରମାଣ କରିଦେଲୁ ତୁ...!!

ତୋର ସେହି ପାଦ ଧୋଇଦେଇ ବିଜ୍ଞାନୀ କୈବର୍ତ୍ତ ସେହି ପାଦୁକକୁ ପିଇ ଦେଇଥିଲା ଚରମ ସନ୍ତୋଷରେ...!! ଆଃ...କି ତୃପ୍ତି...!! ସତେ ଯେପରି ଜନ୍ମ ଜନ୍ମାନ୍ତରର ତୃଷ୍ଣା ତାର ମିଟି ଯାଇଥିଲା...!! ଆଉ ସେ ପ୍ରାର୍ଥନା କରି ବସିଥିଲା ତୋତେ...ଯେମିତି ତୋତେ ସେ ନଦୀ ପାର କରେଇ କୂଳରେ ଲଗାଉଛି...ତୁ ମଧ ସେମିତି ଏ ଭବସାଗରରୁ ପାର କରି ତାକୁ କୂଳରେ ଲଗେଇବୁ...!! ସତରେ କାଳିଆ... କେଉଟକୁ ସିନା ସୁଯୋଗ ମିଳିଲା ସେ ନିଜ ପାଇଁ ଉତ୍ତମ ଭବିଷ୍ୟଟେ ବାଛି ଦେଇ ପାରିଲା... ହେଲେ ତୋର ସବୁ ଭକ୍ତ କଣ ସେମିତି କରି ପାରିବେ କି ? ସେଇଥି ପାଇଁ ତ...

ସେଇଥିପାଇଁ ଯେତେବେଳେ ତୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ମାନ ତ୍ୟଜ୍ୟ କରି ତୋ ସହିତ ବଡ ଦେଉଳକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କଲୁ ସେ ତୋ ଆଗରେ ସର୍ତ୍ତ ରଖିଥିଲେ ନା... ଯେ ଯେମିତି ତୋ ମହାପ୍ରସାଦ ଉପରେ ସମସ୍ତଙ୍କ ସମାନ ଅଧିକାର ରହିବ...!! ଧର୍ମ, ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବଡ ଦେଉଳକୁ ପ୍ରବେଶ ଅଧିକାର ପାଇବେ । ଚଣ୍ଡାଳ ହାତରୁ ବ୍ରାହ୍ମଣ ଛଡାଇ ଖାଇବେ ଆଉ ଖାଇସାରି ସମସ୍ତେ ହାତକୁ ମୁଣ୍ଡରେ ପୋଛିବେ...!!

ସତରେ ଅବଢ଼ା କେବେ ଅଇଁଠା ହୁଏନି...!! ଅବଢ଼ା ବଢ଼ା ବି ହୁଏନି...!! ଅବଢ଼ା ନାଁ ନେଇଗଲେ ଆଖି ଆଗରେ ନାଚି ଉଠେ ଘମ୍ ଘମ୍ ବାସ୍ନା ହେଉଥିବା ଠାକୁରର ସେ ମହାପ୍ରସାଦ ଯାହା ପାଟିରେ ଦେବା କ୍ଷଣି ପେଟ ସହିତ ମନ ପୁରିଯାଏ। କାଳିଆରେ... କଦଳୀ ପତ୍ରଟିଏ ପକେଇ ଲେମ୍ବୁ ଲଙ୍କା ଲୁଣ ଟିକିଏ ମନ୍ଥିଦେଲା ପରେ ଗରମ୍ ଗରମ୍ ଅବଢ଼ା ଘିଅ ଅନ୍ନ, କାନିକା, ଖେଚୁଡ଼ି, ଡାଲମା, ମିଠା ଡାଲି, ମହୁର, ବେସର, ଶାଗ, ଖଟା, ପୋଟଳ କଷା ଆଦି ସୁସ୍ୱାଦୁ ବ୍ୟଞ୍ଜନ ଭକ୍ତ ମନକୁ ଆନମନା କରିଦିଏ। ପ୍ରତ୍ୟେକଥର ପାଟିକୁ ଅବଢ଼ା ଗଲାବେଳେ ମା ଅନ୍ନପୂର୍ଣ୍ଣାଙ୍କ ସ୍ନେହ ପରଶ ଅନୁଭବ କରିହୁଏ।ତା ସହିତ ପୋଡପିଠା, କ୍ଷୀରି, ବଲ୍ଲଭ, ପୂଳି, ମିଠା ପୁଳି, ଝିଲ୍ଲି, ଖଜା, ଗଜା, କାକରା, ଆରିସା, ଚକୁଳି, ମାଲପୁଆ ଇତ୍ୟାଦି ଇତ୍ୟାଦି...କଣ ଭାଷାରେ କହିହେବ କି ସେ ଅସରନ୍ତି ସ୍ୱାଦର ସୁଆଦ କଥା...!! କେବଳ ପାଟିର ସୁଆଦ କାହିଁକି ଏହି ଅବଢ଼ା ମନକୁ ବି ସମ୍ପୂର୍ଣ୍ଣ ତୃପ୍ତ କରି ଦେଇଥାଏ।ତୋ ଆନନ୍ଦବଜାର ମହିମା କାହାକୁ ଅଜଣାରେ କାଳିଆ...? ଏଇ ସ୍ଥାନକୁ ଆସିଲେ ଧନୀ, ଗରୀବ... ଜାତି, ଅଜାତି... ପୁରୁଷ, ମହିଳା... ପିଲାଠାରୁ ବୁଢା ଯାଏଁ ସମସ୍ତେ ପେଟପୂରା ଖାଇବାକୁ ପାଆନ୍ତି। କୁହାଯାଏ... ଆନନ୍ଦ ବଜାରରୁ କେହି କେବେ ଖାଲି ପେଟରେ ଫେରି ଆସିନି। ରାତି ହେଉ କି ସଞ୍ଜ ସକାଳ...!! ତୋର ଛପନ ଭୋଗ ଭିତରୁ କିଛି ନିଶ୍ଚୟ ମିଳିଯାଏ। ସକାଳ ବାଳଧୂପଠାରୁ ଆରମ୍ଭ କରି ଶଙ୍କୁଡ଼ି, ନିସଙ୍କୁଡ଼ି ହେଉ କି ଶୁଖିଲା ଭୋଗ...ନିଶ୍ଚୟ ଭକ୍ତର କ୍ଷୁଧା ନିବାରଣ କରି ଦେଇଥାଏ। ବୋଧେ ଏଇଥିପାଇଁ ଯେ ତୁ ଜାଣିଛୁ ଭୋକରେ ରହିଲେ କେତେ କଷ୍ଟ ହୁଏ...!! ଦୁଇଭାଇ ଖାଇବାକୁ ନ ପାଇ କେତେ ହନ୍ତସନ୍ତ ହୋଇଛ...!! ସତରେ ଜଗା... ଖାଦ୍ୟ ପ୍ରିୟ ଠାକୁର ତୁ... ସେଥିପାଇଁ ତ ନୀଳକନ୍ଦର ଛାଡ଼ି ଛୁଟି ଆସିଛୁ ଏଇ ନୀଳାଭ ବେଳାଭୂମିକୁ...!!

ତୋ ମହାପ୍ରସାଦ ବିଷୟରେ ଯେତେ କହିଲେ ମଧ କମ୍ ହେବ। କୁହାଯାଏ ଥରେ ନାରଦ ମୁନି ଶ୍ରୀବିଷ୍ଣୁଙ୍କୁ ଦେଖା କରିବାକୁ



ବୈକୁଣ୍ଠ ଯାଇଥିଲେ। ସେତେବେଳେ ମା ମହାଲକ୍ଷ୍ମୀ ଛପନ ଭୋଗ ପରସି ଦେଇଥିଲେ। ପ୍ରଭୁ ଖାଇବାକୁ ଉଦ୍ୟତ ହେଲାବେଳେ ନାରଦ ଆସି ପହଂଚି ଯିବାରୁ ସେ ସେହିପରି ଅଇଁଠା ହାତରେ ଲକ୍ଷ୍ମୀଙ୍କ ରାନ୍ଧଣାର ସ୍ୱାଦ ନେବାକୁ ତାଙ୍କୁ ନିଜ ଅନ୍ନରୁ କିଛି ଦେଇ ଦେଇଥିଲେ...!! ନାରଦ ସେହି ହରିପ୍ରସାଦ କଣିଏ ଖାଇଦେଇ ପରମାନନ୍ଦରେ ଝୁମି ଝୁମି ହରି କୀର୍ତ୍ତନ କରି ଯାଉଥିବା ବେଳେ ବାଟରେ ଭୋଳାନାଥଙ୍କୁ ଦେଖି ଅଭିବାଦନ ଜଣେଇବାକୁ ମଧ ସମ୍ବିତ ପାଇ ନ ଥିଲେ। ଆଉ ତାଙ୍କର ଏପରି ଅବସ୍ଥା ଦେଖି ଶିବଶମ୍ଭୁ ସେହି ଆନନ୍ଦର କିଛି ଅଂଶ ମାଗି ନିଜେ ପାଇ ଯାଇଥିଲେ।

ନାରଦ ଆଉ ମହାଦେବ ଉଭୟେ ଏପରି ପରମାନନ୍ଦରେ ହରିନାମ ଗାଇ ନୃତ୍ୟ କରୁଥିବା ଦେଖି ଦେବୀ ପାର୍ବତୀ ମଧ ସେହି ଦୁର୍ମୂଲ୍ୟ ହରିପ୍ରସାଦ ପାଇବାକୁ ଚାହିଁଲେ। ହେଲେ ଉଭୟଙ୍କ ପାଖରେ ତାହା ଆଉ କିଛି ବାକି ରହିବା ନ ଦେଖି ସେ ଅତ୍ୟନ୍ତ କ୍ରୋଧ, ଅଭିମାନ ଆଉ ଦୁଃଖର ସହିତ ବିଷ୍ଣୁଙ୍କ ଆରାଧନା କରିବାକୁ ଆରମ୍ଭ କଲେ...!!

ମା ପାର୍ବତୀଙ୍କ କଠୋର ତପ ଦେଖି ତୁ ନିଜେ ଆସି ପ୍ରକଟ ହେବା ସହ ତାଙ୍କ ଆବାହନର ମୂଳ କାରଣ ଜାଣିବାକୁ ପାଇଲୁ। ତୋ ପ୍ରସାଦ ପାଇବା ପାଇଁ ସେ ଏତେ କଷ୍ଟ କରିଥିବା ଦେଖି ତୁ ତାଙ୍କୁ ବିମଳା ସ୍ୱରୁପରେ ଶ୍ରୀମନ୍ଦିରରେ ବିରାଜମାନ ହେବାକୁ ବିନତି କଲୁ। ଆଉ କହିଲୁ ଯେ ପ୍ରତ୍ୟହ ତୋ ପାଇଁ ବଢ଼ା ଯାଇଥିବା ଭୋଗ ମା ବିମଳାଙ୍କ ପାଖରେ ପୁନଃ ଭୋଗ ଲାଗିଲେ ଯାଇ ତାହା ମହାପ୍ରସାଦ ହେବ। ଆଉ ସେଇ ମହାପ୍ରସାଦ ପାଇ ଭକ୍ତମାନେ ଧନ୍ୟ ହେବେ...!! (କ୍ରମଶଃ)

+ଭୁବନେଶ୍ୱର
ମୋ:୯୪୩୮୪୭୦୮୦୭

# ଭ୍ରଷ୍ଟାଚାରରେ ଲିପ୍ତ ଥିବା ବିଶିଷ୍ଟ ଲୋକଙ୍କ ପାଖରେ ସରକାର ନୀରବି ଯାଆନ୍ତି କାହିଁକି ?



ସୁବ୍ରତ କର

ଦେଶରେ ହେଉ ରାଜ୍ୟରେ ହେଉ ଯେଉଠି ଦେଖିବା ଭ୍ରଷ୍ଟାଚାରର ଖବର । ସେ ପୁଣି ବିଚାରପତି ହୋଇପାରନ୍ତି ବା ଆଇ.ଏ.ଏସ୍ ବା କିରାଣୀ । ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ବ୍ୟସ୍ତ କେଉଁ ବାଟରେ ଦୁଇ ନମ୍ବର ପଇସା ଆସି ପାରିବ? ଦୁଃଖର କଥା ଏଥିରୁ କୋର୍ଟର ବିଚାରପତି ମଧ ବାଦ ପଡୁନାହାନ୍ତି । ଏବେକାର ଆହ୍ଲାବାଦ ହାଇକୋର୍ଟର ବିଚାରପତି ବାବୁ ଯଶବନ୍ତ ବର୍ମାଙ୍କ ବାସଭବନରୁ ବିପୁଳ ପରିମାଣରେ ୫୦୦ ଟଙ୍କିଆ ନୋଟ୍ ଜବତ୍ ହେବା ଘଟଣାଠୁ ଆରମ୍ଭ କରି ଧର୍ମଗଡ଼ ଉପ ଜିଲ୍ଲାପାଳ ଧୀମନ ଚକମା ପର୍ଯ୍ୟନ୍ତ । ଏହା ପରେ ପରେ ଆଇ.ଏ.ଏସ୍ ବିଷ୍ଣୁପଦ ସେଠୀଙ୍କ ଭବିଷ୍ୟତ ମଧ ଅଡୁଆରେ । ଏହା ତଳକୁ ତଳକୁ ଅଫିସରଙ୍କ କଥା ନ ଧରିଲେ ଭଲ । ପ୍ରତିଦିନ କେହି ନା କେହି ଭିଜିଲାନ୍ସ ବିଭାଗ ଦ୍ୱାରା ଧରା ପଡୁଛନ୍ତି । ଏହା ପରେ ମଧ କାହାରି ଡର ଭୟ ଥିବାର ଜଣା ପଡୁନାହିଁ । ଏବେ ପ୍ରଶ୍ନ ଉଠୁଛି କେହି ପଇସା ରୋଜଗାର (ଦୁଇ ନମ୍ବର) କରିବାରେ ପଛକୁ ହଟିବାର ନାହିଁ। ଏଇଟା ନିଶ୍ଚିତ ସମସ୍ତଙ୍କୁ ଜେଲ ଯିବାକୁ ପଡୁଛି ଏବଂ ଏହା ପାଇଁ ନିଜର ଆତ୍ମ ସମ୍ମାନ ପରିବାରର ସମ୍ମାନକୁ ବି କାହାର ଖାତିର ନାହିଁ । ଏବେ ଏବେ ଏମିତି ଦେଖା ଦେଇଛି ସରକାରୀ ବାବୁମାନେ ଠିକ୍ ଅବସର ଗ୍ରହଣ କରିବାର ପୂର୍ବତନ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ ଯାଉଛନ୍ତି। ଚିନ୍ତା କରିବା କଥା ଏହା ଦ୍ୱାରା ପରିବାରର ଲୋକେ ଏବଂ ବନ୍ଧୁ ବାନ୍ଧବ ମାନେ କେତେଦୂର ପ୍ରଭାବିତ ହେବେ । ମାନ ସମ୍ମାନ କଥା ଚିନ୍ତା କରିଲେ ଏ ସବୁ କାମ କରିବା ପାଇଁ ସାହସ ହେବା କଥା ନୁହଁ । ଏବେ ସାଧାରଣରେ ପ୍ରଶ୍ନ ଉଠୁଛି ଏସବୁ କରିବା ପାଇଁ ସରକାରୀ ବାବୁମାନେ ସାହସ କେଉଁଠୁ ପାଉଛନ୍ତି ? ଭ୍ରଷ୍ଟାଚାର ମୂଳ ଆପଣମାନେ ଯଦି ଟିକିଏ ଚିନ୍ତା କରିବେ ଦେଖିବେ ଏହା ପଛରେ ସବୁ ରାଜନୈତିକ ଦଳର ଚାନ୍ଦା ଆଦାୟ କରିବା । ଗତ ୨୦୨୪ ଲୋକସଭା ନିର୍ବାଚନରେ ସମସ୍ତ ରାଜନୈତିକ ଦଳ ୩୩୫୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଏହାଛଡ଼ା ଲୋକସଭା ନିର୍ବାଚନ ୯୬୦ଟି ଅସଂଗଠିତ ରାଜନୈତିକ ଦଳ ଲଢ଼ିଥିଲେ । ଏମାନଙ୍କ ଖର୍ଚ୍ଚ ହିସାବକୁ ନିଆ ହୋଇନାହିଁ । ସବୁ ଦଳର ଖର୍ଚ୍ଚ ୩୩୫୨ କୋଟି ଟଙ୍କା ଏହା ମଧ ଠିକ୍ ନ ହେବାର ଯଥେଷ୍ଟ କାରଣ ରହିଛି । ଖର୍ଚ୍ଚ ହେବାର ୭୫ ଦିନ ମଧ୍ୟରେ ସମସ୍ତ ଖର୍ଚ୍ଚ ତଥ୍ୟ ଦାଖଲ କରିବା କଥା କିନ୍ତୁ ବହୁ ଦଳ ଏହାକୁ ନ ମାନି କିଏ ୧୫୪ ଦିନ ନେଇଛନ୍ତି ତ ଆଉ କେହି ୧୬୮ ଦିନ ନେଇଛନ୍ତି । ଏହା ପରେ ମଧ ୨୧ଟି ଦଳ ସେମାନଙ୍କର ନିର୍ବାଚନ ବାବଦକୁ ଖର୍ଚ୍ଚର ହିସାବ ଦେଇ ନାହାନ୍ତି । ସତରେ ଯଦି ସାଧାରଣ ଜନତା ଚାହୁଁଛନ୍ତି ଭ୍ରଷ୍ଟାଚାରରୁ ମୁକ୍ତି ପାଇବା ପାଇଁ ତେବେ ଏହି ଦଳୀୟ ଚାନ୍ଦାକୁ ବନ୍ଦ କରିବାକୁ ପଡ଼ିବ ଏବଂ ଯଦି ଦେଲେ ଏହାର ଟିକିନିଖି ହିସାବ ସରକାରଙ୍କ ପାଖରେ ରହିବା ଉଚିତ। କିନ୍ତୁ ଏହା ଅସମ୍ଭବ ।

## କବିତା କୋଣାର୍କ

## ମୁଁ କିଏ ?

ସଦାଶିବ ବିଶ୍ୱାଳ



କର୍ମନିବୃତ୍ତି ପରେ,
କାମ ନାହିଁ, ଉତ୍ତରଦାୟୀତ୍ୱ ନାହିଁ
ନାହିଁ ସମୟ ସାରଣୀ
ଖାଲି ଅଛି ନିରବୀ ଯାଇଥିବା ଘର
ନୀରବତା ଆପଣେଇ
ଶେଷରେ ମୁଁ ନିଜକୁ
ସେଇଠି ଆବିଷ୍କାର କରେ

ମୁଁ କିଏ ?
ଯିଏ ତିଆରି କଲା ଘରବାଡ଼ି,
ଗଢିଲା ବାଗବଗିଚା,
ଛୋଟ ବଡ଼ ବ୍ୟବସାୟରେ
ନିବେଶ କଲା
ଆଉ ଏବେ,
ନିଜକୁ ବାନ୍ଧି ବସିଛି ଚାରି କାନ୍ଥ
ମଧ୍ୟେ

ସାଇକେଲରୁ ମୋପେଡ,
ବାଇକଠୁ କାର,
ଗତି ପଛେ ଗୋଡେଇଲି
କିନ୍ତୁ ଏବେ, ଧୀରେ ଧୀରେ ଚାଲେ
ଏକୁଟିଆ, ମୋ କୋଠରି ଭିତରେ

ପ୍ରକୃତି ହସେ ଆଉ ପଚାରେ,
ତୁମେ କିଏ ବନ୍ଧୁ !
ମୁଁ ଉତ୍ତର ଦିଏ,
ମୁଁ... ଖାଲି ମୁଁ

କେବେ ମୁଁ ପାଳୁଥିଲି ଜନ୍ମଦିନ,
ବିବାହ ବାର୍ଷିକୀ ମହା ଆଡମ୍ବରରେ
କିନ୍ତୁ ଏବେ, ପଇସା ଗଣେ ବସି
ସଉଦା,
ପନିପରିବା କିଣିବାକୁ ଯାଇ ବଜାରେ

କେବେ ମୁଁ କୁକୁର,
ଗାଈଙ୍କୁ ଖାଇବାକୁ ଦେଉଥିଲି
ମୋର ବଳିଥିବା ଖାଦ୍ୟ
ଏବେ, ସଂଘର୍ଷ କରେ
ଯୋଗାଡିବାକୁ ନିଜ ଖାଦ୍ୟ

ପ୍ରକୃତି ପୁଣି ହସେ ଆଉ ପଚାରେ,
ତୁମେ କିଏ ବନ୍ଧୁ !
ମୁଁ ଉତ୍ତର ଦିଏ,
ମୁଁ... ଖାଲି ମୁଁ

ପ୍ରକୃତି ଧୀରେ ହସେ,
ପୁଣି ପଚାରେ, ତୁମେ କିଏ ବନ୍ଧୁ !
ଏବେ ମୁଁ ଉତ୍ତର ଦିଏ :
ହେ ପ୍ରକୃତି,
ମୁଁ ତୁମେ ଆଉ ତୁମେ ମୁଁ
କେବେ ଆକାଶରେ ଉଡୁଥିଲି,
ଏବେ ଭୂଇଁ ଚାଟି ପଡିଛି
କ୍ଷମାକର ମୋତେ....
ଆଉ ଗୋଟେ ସୁଯୋଗ ଦିଅ
ବଞ୍ଚିବାକୁ
ଗୋଟେ ଟଙ୍କାଯନ୍ତ୍ର ଭାବେ ନୁହେଁ,
ଖାଲି ପ୍ରକୃତ ମଣିଷଟିଏ ପରି
ମୂଲ୍ୟବୋଧ ଥାଇ,
ଭଲ ପାଉଥିବା ସମାଜଟିଏ ପାଇଁ ।

+ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନ କ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର

## ତୁମେ ମୋର

ରଶ୍ମିତା ମହାପାତ୍ର



ସତରେ କ'ଣ ତୁମେ ମୋର ?
କିଏ କହିଲା ତୁମେ ମୋର ବୋଲି ?
ପୂର୍ଣ୍ଣିମା ଆକାଶର ସେ
ଲାଜେଇ ଜହ୍ନ,
ଅମାବାସ୍ୟାର ସେ ଘନ ଅନ୍ଧାର,
ଏ ଡାଳରୁ ସେ ଡାଳକୁ ଉଡ଼ିବୁଲୁଥିବା
ସେ ରଙ୍ଗୀନ୍ ପ୍ରଜାପତି,
ସୁବାସିତ ଫୁଲରୁ ମହୁ ଶୋଷୁଥିବା
ସେ ମହୁମାଛି,
ଆମ ଛୋଟିଆ ବଗିଚାର
ସେ ଶିଶିର ବିନ୍ଦୁ,
ମୋ ଝରକା ସେ ପାଖେ ଝରୁଥିବା
ବର୍ଷା ଟୋପା,
ଆଉ..... ଗାଁ ମନ୍ଦିରରେ ଆମ ବୁଢ଼ୀ
ଠାକୁରାଣୀ,
ସମସ୍ତ ଆପଣାଙ୍କୁ ପଚାରିଲି
ସେମାନେ କାହିଁ ମୁହଁ ଶୁଖେଇଲେ
ମୋର ଏ ପ୍ରଶ୍ନରେ ?
ନା' ସେମାନଙ୍କୁ ମୋ ପ୍ରଶ୍ନର
ଉତ୍ତର ଜଣାନାହିଁ।
ନା' ଆପଣାର ମଣିଷ ବୋଲି ସତ
କହିବାକୁ ଚାହାନ୍ତିନି।

ଏ ପ୍ରଶ୍ନ ବି ଦିନେ ମୁଁ ପଚାରିଥିଲି
ନିଜକୁ,
ଛାତି ତଳେ ଥିବା ହୃଦୟ ଓ ମନ
ଏକ ସଙ୍ଗରେ, କ'ଣ ଉତ୍ତର
ଦେଲେ ଜାଣିଛ ?

ଏ ପ୍ରଶ୍ନ ତୁମକୁ ପଚାରିବାକୁ ମୋର
ଭାରି ଇଚ୍ଛା.....
ସତ କହିଲ,
ସତରେ କ'ଣ ତୁମେ ମୋର ?

+ଅଧ୍ୟାପିକା ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗ, ନୀଳମଣି ମହାବିଦ୍ୟାଳୟ,
ରୂପସା, ବାଲେଶ୍ୱର
ମୋ: ୮୧୪୪୮୮୬୩୬୧

# ଛିଣ୍ଡା ଲଫାପା

**ବିଷ୍ଣୁ ପ୍ରସାଦ ଦାସ**



ପ୍ରତିଦିନ ସକାଳୁ ସକାଳୁ ମହାନଗର ନିଗମର ଅଳିଆ ଗାଡିର ସୁମଧୁର ସଂଗୀତରେ ନିଦ ଭାଙ୍ଗିଯାଏ । ନୀଳ ସବୁଜ ରଙ୍ଗର ଛୋଟ ଟ୍ରକଟିଏ ଜଣେ ଡ୍ରାଇଭର ଏବଂ ଦୁଇ ଜଣ ଅଳିଆ ସଂଗ୍ରହକାରୀ ବାଳକ ବୟସ ସେମିତି କିଛି ବେଶୀ ନୁହେଁ ତେବେ ଖୁବ୍ ଦାୟିତ୍ୱବାନ ସେମାନେ । ମୁଁ ଏଠାରେ କଟକ ମ୍ୟୁନିସିପାଲ କର୍ପୋରେସନର ଗୋଟିଏ ୱାର୍ଡ କଥା ଲେଖୁଛି, ତିନିଜଣ କର୍ମଚାରୀଙ୍କ ନାମ ମୁଁ ଠିକ୍ ଭାବେ କହିପାରିବି ନାହିଁ ତେବେ ପ୍ରତିଦିନ ସେମାନଙ୍କୁ ଦେଖିବା ପାଇଁ ତଥା ଅଳିଆ ଦେବା ପାଇଁ ମୁଁ ତତ୍ପର ହୋଇଯାଏ । ସ୍ୱାସ୍ଥ୍ୟଗତ କାରଣରୁ ତଳକୁ ଯାଇ ନପାରି ବାଲକୋନୀରେ ଚୌକିଟିଏ ପକାଇ ଅଳିଆ ଜରି ଧରି ବସିଥାଏ , ଅଳିଆ ଗାଡି ଆସି ଆମ ଘର ଦୁଆର ମୁହଁରେ ରହିବା ମାତ୍ରେ ପିଲା ଦୁଇଟି ହସ ହସ ମୁହଁରେ ଉପରକୁ ଅନାଇ ଥା'ନ୍ତି , ମୁଁ ସେମାନଙ୍କୁ ବାଲକୋନୀ ଉପରୁ ଧୀରେ କରି ଅଳିଆ ପକାଇ ଦିଏ ଏବଂ ସେମାନେ ଆନନ୍ଦର ସହିତ ନିଜ କର୍ତ୍ତବ୍ୟ କରିଥା'ନ୍ତି । ଟିକିଏ ହସର ବିନିମୟ ଆମ ସମ୍ପର୍କକୁ ସୁନ୍ଦର ଭାବେ ଯୋଡି ପାରିଛି ବୋଲି ମୋର ହୃଦ୍‌ବୋଧ ହୁଏ ।

ଜୀବନ ଜୀବିକାକୁ ନେଇ ସମସ୍ତେ ବ୍ୟସ୍ତ ମୋ ମନରେ କେବେବି ବଡ଼ ଛୋଟର ବିଚାର ଆସିନାହିଁ କିମ୍ବା କୌଣସି କାର୍ଯ୍ୟକୁ ଛୋଟ ଆଖିରେ ଦେଖି ନାହିଁ । କାହିଁକି କେଜାଣି ସେଇ ତିନିଜଣଙ୍କୁ ମୁଁ ଅନ୍ତରରୁ ଭଲ ପାଏ , ହୁଏତ ତାଙ୍କର ସୁନ୍ଦର ବ୍ୟବହାର ବା କାର୍ଯ୍ୟଦକ୍ଷତା ବା ଦୁଇଟିଯାକ ମୋ ମନକୁ କିଣି ନେଇଛି । ଆଉ ଜଣେ ମହିଳା ସଫେଇ କର୍ମଚାରୀ ସେ ମଧ୍ୟ ତା'ର ଦାୟିତ୍ୱ ସୁଚାରୁ ରୂପେ ତୁଲାଇଥାଏ, ବିଚାରୀ କିଛି ବର୍ଷ ତଳେ ତାର ସ୍ୱାମୀକୁ ହରାଇଛି ତଥାପି ସେ ଭାଙ୍ଗି ପଡ଼ିନାହିଁ ତା'ର ଦୁଇ ତିନୋଟି ସନ୍ତାନଙ୍କୁ ନେଇ ସେ ତା'ର ପରିବାର ଚଳାଏ । ପ୍ରତିଦିନ ଠେଲା ଗାଡ଼ିରେ ରାସ୍ତାର ଅଳିଆ ନେବା ସମୟରେ ମୋତେ ବାଲକୋନୀ ଉପରେ ଦେଖି ତା'ର ପାନଖିଆ ପାଟିର ଚେନାଏ ହସ ବିନିମୟରେ ମୋର ହସ, ଆମକୁ ଏକ ସାମାଜିକ ବନ୍ଧନରେ ବାନ୍ଧିଲା ପରି ମନେ ହୁଏ । ସାଧାରଣତଃ ଲୋକମାନେ ସଫେଇ କର୍ମଚାରୀ ମାନଙ୍କୁ ଖୁବ୍ ଘୃଣା ଚକ୍ଷୁରେ ଦେଖନ୍ତି, ତୁ, ତାକର, କରି କଥା କୁହନ୍ତି ସତରେ ଏହି ପ୍ରକାର ବ୍ୟବହାର ସେମାନଙ୍କ ହୃଦୟକୁ ଖୁବ୍ କଷ୍ଟ ଦିଏ, ସେମାନେ ସହି ଯା'ନ୍ତି ମନେ ମନେ ଅବିବେକୀ ମନୁଷ୍ୟମାନଙ୍କୁ ଧିକ୍କାର କରନ୍ତି କିନ୍ତୁ ପେଟ ଚାଖଣ୍ଡକ ପାଇଁ ଉତ୍ତର ଦେଇ ପାରନ୍ତି ନାହିଁ ।

ଗତ ଜୁନ ମାସ ୧୬ ତାରିଖ ୨୦୨୫ ମସିହା କଥା ସେଦିନର ଏକ ଛୋଟ ଘଟଣା ମୋର ମନକୁ ଛୁଇଁ ଗଲା । ପ୍ରତିଦିନ ପରି ସୁମଧୁର ସଙ୍ଗୀତର ତାଳେ ତାଳେ ଅଳିଆ ନେବାପାଇଁ ଗାଡିଟି ଆସି ଆମ ଘର ସମ୍ମୁଖରେ ରହିଲା, ପିଲା ଦୁଇଟି ପ୍ରତ୍ୟେକ ଘରୁ ଅଳିଆ ସଂଗ୍ରହ କରି ଗାଡ଼ିରେ ପକାଉ ଥିଲେ ଟିକେ ହସର ବିନିମୟ ସହିତ ମୋର ଅଳିଆ ମଧ୍ୟ ମୁଁ ଦେଇ ଦେଇଥିଲି ।



ହଠାତ୍ ପିଲାଟି ଅଳିଆ ଗାଡି ଉପରକୁ ଚଢ଼ି ଯାଇ ଅଳିଆ ମଧ୍ୟରୁ ଗୋଟିଏ କାଗଜ ପୁଟୁଳି ବାହାର କରି ଖୋଲିବାକୁ ଲାଗିଲା । ମୁଁ ବାଲକୋନୀ ଉପରେ ଥିଲି ତେଣୁ ମୋତେ ସବୁ କାର୍ଯ୍ୟକଳାପ ପ୍ରାଞ୍ଜଳ ଭାବେ ଦୃଷ୍ଟିଗୋଚର ହେଉଥିଲା , ସତ କହିବାକୁ ଗଲେ ମୋର ମଧ୍ୟ ଜାଣିବାର ଇଛା ହେଉଥିଲା ଯେ ପିଲାଟି କ'ଣ ଖୋଜୁଛି ? ଗାଡି ଉପରେ ବସି ପିଲାଟି ଉତ୍ସୁକତା ବଶତଃ କାଗଜ ପୁଟୁଳି ଖୋଲିବାକୁ ଉପକ୍ରମ କଲା , କାଗଜ ପୁଟୁଳି ଭିତରେ କୌଣସି ବ୍ୟକ୍ତିଙ୍କ ବିଭାଘରେ ମିଳିଥିବା ଉପହାର ଟଙ୍କା ଥିବା ଛିଣ୍ଡା ରଙ୍ଗ ବେରଙ୍ଗର ଲଫାପା ଗୁଡିଏ ଥିଲା । ପିଲାଟି ଖୁବ୍ ଆଶାବାଦୀ ହୋଇ ଗୋଟିଏ ପରେ ଗୋଟିଏ ଛିଣ୍ଡା ଲଫାପା ଗୁଡିକୁ ଖୋଲୁଥିଲା ଏବଂ ଶେଷରେ କିଛି ନ ପାଇ ଅଳିଆ ଭିତରକୁ ଫିଙ୍ଗି ଦେଉଥିଲା, ମୁଁ ନିଶ୍ଚିତ ଭାବେ ଜାଣି ପାରିଲି ତା ମନରେ ଅନେକ ଆଶା ଥିଲା ହୁଏତ କେହି ଭୁଲ ବଶତଃ କିଛି ଉପହାର ଟଙ୍କା ଲଫାପାରୁ ନ କାଢି ଫିଙ୍ଗି ଦେଇଥିବେ ଏବଂ ସେ ଯଦି ପାଇବ ହୁଏତ ତିନି ଜଣ ସମାନ ଭାବେ ବାଣ୍ଟି ନେବେ, ଟିକିଏ ମଜା କରିବେ ବା କିଛି କିଣି ଖାଇ ଦେବେ । ଗରୀବର ଆଶା ଅନେକ ସମୟରେ ଆଶାରେ ହିଁ ଶେଷ ହୁଏ, କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକଙ୍କ ଯଦି ଆଶା ଅଛି ଲୋଭ ଅଛି ତେବେ ଏହି ସ୍ୱଳ୍ପ ବେତନ ଭୋଗୀ ନିରୀହ ସଫେଇ କର୍ମଚାରୀ ମାନେ ବଞ୍ଚିବା ପାଇଁ ସଂଗ୍ରାମ କରୁଥିବା ସମୟରେ କିଛି ଆଶା କରିବା କ'ଣ ଏକ ଅପରାଧ ? ପିଲାଟିର ଆଶା ସତ୍ୟରେ ପରିଣତ ହେଉ ଏବଂ ଭଗବାନ ତାକୁ ସାହାଯ୍ୟ କରନ୍ତୁ ବୋଲି ମୁଁ ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲି । ପିଲାଟି ଗୋଟିକ ପରେ ଗୋଟିଏ ଲଫାପା ଦେଖି ଫୋପାଡ଼ି ଦେବା ସମୟରେ ତା'ର ହତାଶା ଭାବ ମୋ ହୃଦୟକୁ ଆନ୍ଦୋଳିତ କରୁଥିଲା ଖୁବ୍ ଦୁଃଖ ମଧ୍ୟ ଦେଉଥିଲା । ହଠାତ ପିଲାଟି ଟିକେ ହସି ଦେଲା, ଓଃ ! ତାହାଲେ ଭଗବାନ ତା'ର ଡାକ ଶୁଣିଲେ ପିଲାଟି କିଛି ପାଇଛି ନିଶ୍ଚୟ , ହଁ ପାଇଛି, ତେବେ ମାତ୍ର ଗୋଟିଏ ଟଙ୍କାର ମୁଦ୍ରାଟିଏ ଯାହା ହୁଏତ ଆମ କଟକ ସହରରେ ଚଳେ ନାହିଁ, ସମସ୍ତେ ବଡ଼ ମୁଦ୍ରା ନିଅନ୍ତି ଆଉ ଛୋଟ ମୁଦ୍ରା ସବୁ ଏହିପରି ଲଫାପାରେ ଲାଗି ଆସିଥାଏ ।

ଏହି ଦୃଶ୍ୟ ମୋର ମନକୁ ଆନ୍ଦୋଳିତ କରୁଥିଲା, ପିଲାଟିର ସହକର୍ମୀ ପିଲାଟିକୁ ପଚାରିଲା ଆରେ କଣ କିଛି ପାଇଲୁ ? ପିଲାଟି ନିରାଶାର ହସ ଟିକେ ହସିଦେଇ ଟଙ୍କିକିଆ ଛୋଟ ମୁଦ୍ରାଟି ଦେଖାଇ ଗାଡିରୁ ଓହ୍ଲାଇ ଆସିଲା । ମୁଁ ଘର ଭିତରକୁ ଯାଇ ମୋର ମନି ପର୍ସ ଧରି ବାଲକୋନୀକୁ ଫେରିବା ବେଳକୁ ଅଳିଆ ଗାଡ଼ିଟି ଆଗକୁ ଚାଲି ଯାଇଥିଲା । ପିଲାଟିର ନିରାଶାକୁ କିଛି ମାତ୍ରାରେ ଲାଘବ କରିବା ନିମନ୍ତେ ପିଲାଟିକୁ କିଛି ଟଙ୍କା ଦେବାକୁ ଇଚ୍ଛା କରିଥିଲି, କିନ୍ତୁ ସେତେବେଳକୁ ସେ ଅନେକ ବାଟ ଆଗେଇ ଯାଇଥିଲା । ମନଟା ଟିକେ ଦୁଃଖ ହେଲା, କମ୍ପ୍ୟୁଟର ଖୋଲି କିଛି ଲେଖିବାକୁ ଚେଷ୍ଟା କରି ମଧ୍ୟ ଲେଖିପାରୁ ନଥିଲି । ମୋର ସହଧର୍ମିଣୀ ଚା' ନେଇ ଆସିଲେ, ଚା' ପିଇବା ସମୟରେ ଦେଖିଥିବା ଘଟଣାଟି କହିଲି ସେ ମଧ୍ୟ ଦୁଃଖ ପ୍ରକାଶ କଲେ । 'ତେଲିଆ ମୁଣ୍ଡରେ ତେଲ' ବଡ ଲୋକ ମାନେ ଅଜସ୍ର ସମ୍ପତ୍ତିର ମାଲିକ ହେଉଥିବା ସମୟରେ ଗରିବ ଆହୁରି ଗରିବ ହେବା ଆମ ସମାଜ ପାଇଁ ଏକ କଳଙ୍କ କୁହାଯିବ । ମନଟା ଖାଲି ବ୍ୟସ୍ତ ବ୍ୟସ୍ତ ଲାଗୁଥିଲା, ପରଦିନ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା କିପରି କଟିବ ? କିପରି ସେଇ ପିଲଟିକୁ କିଛି ଟଙ୍କା ଦେବି ସେଇ ଚିନ୍ତାରେ ଥିଲି । ସମୟ କାହାକୁ ଅପେକ୍ଷା କରି ନାହିଁ ସେ ତା ବାଟରେ ଆଗେଇ ଚାଲେ, ୧୭ ତାରିଖ ଆସିଗଲା ଅଳିଆ ଗାଡ଼ି ଏବଂ ପିଲାଟିକୁ ମୋ ଆଖି ଖୋଜୁଥିଲା । ନିର୍ଦ୍ଧାରିତ ସମୟରେ ଅଳିଆ ଗାଡ଼ିର ସଙ୍ଗୀତ କର୍ଣ୍ଣ ଗହ୍ୱରରେ ପ୍ରବେଶ କରିବା ସହିତ ମୁଁ ଚଳଚଞ୍ଚଳ ହୋଇଉଠିଲି । ସେଦିନ ମୁଁ ଧୀରେ ଧୀରେ ସୀଢୀ ଓଲ୍‌ହାଇ ତଳକୁ ଯାଇ ଗେଟ ପାଖରେ ପିଲାଟିକୁ ଅପେକ୍ଷା କଲି , ପିଲାଟି ଅଳିଆ ନେବା ସମୟରେ ତା'କୁ ପାଖକୁ ଡାକି ଗତ କାଲିର ଘଟଣା ମନେ ପକାଇ ଦେଲି ସେ ହସିଦେଇ କହିଲା ସାର ଏମିତ ହୁଏ , ଏହା କିଛି ନୂଆ କଥା ନୁହେଁ ଆଜ୍ଞା ମୁଁ ତାକୁ କହିଲି ବାପରେ କିଛି ଖରାପ ଭାବିବୁ ନାହିଁ କିଛି ଟଙ୍କା ଦେଉଛି ତିନିଜଣ ମିଶି ଚା' ଖାଇଦେବ, ସେ ପ୍ରଥମେ ନେବାକୁ ଅମଙ୍ଗ ହେଉଥିଲା ପରବର୍ତ୍ତୀ ସମୟରେ କହିବାରୁ ନେଲା ଏବଂ ତା'ର ମନର ଖୁସି ଦେଖି ସତରେ ମୁଁ ମଧ୍ୟ ଖୁବ ଖୁସି ହୋଇଥିଲି , ଆଜିକାଲି ଚା' ତିନୋଟିର ମୂଲ୍ୟ କିଛି ନୁହେଁ ତଥାପି ସେହି ପିଲାଟିର ଆଖିର ଚାହାଣି ସତେ ଯେମିତି ମୋତେ ଧନ୍ୟବାଦରେ ପୋତି ପକାଉଥିଲା ଓ ସତରେ ସେଦିନ ଭଲପାଇବାର ସଂଜ୍ଞା କ'ଣ ମୁଁ ବୁଝି ପାରିଲି ।


+ସ୍ନେହ କୁଟୀର,ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


# ସତ୍ୟର ସନ୍ତକ

**ପ୍ରଫୁଲ୍ଲ ବାରିକ**






କଥା ଶିବରାତ୍ରି ଦିନର। ସିମିତି କିଛି ନୁହେଁ । ନଭାବିଲେ ସାଧାରଣ । ଭାବିଲେ ବହୁତ କିଛି।

ଗୋଟା ପଞ୍ଚାୟତର ଠିକ ମଝାମଝିକୁ ଶିବମନ୍ଦିର। ସୁନ୍ଦର ଜାଗାଟିଏ ପରିବେଶ ନେଇ। ମନ୍ଦିର ବୀରାଟ ନହେଲେ ବି ସୁଦୃଶ୍ୟ। ପର୍ବ ପର୍ବାଣୀରେ ଗୋଟା ପଞ୍ଚାୟତର ଲୋକ ସେଇଠି। ଏଥର ଶିବରାତ୍ରିକୁ ବେଶ ସାଜସଜ୍ଜା ହେଇଥିଲା ମନ୍ଦିର ଓ ଏହାର ସାମ୍ନା ପରିବେଶ ।

ଦିନ ଦଶଟାକୁ ସ୍ନାନଶୌଚ ସାରି ଗଲି ପ୍ରଭୁଙ୍କ ଦର୍ଶନରେ। ସକାଳର ଭିଡ଼ କମି ଶାନ୍ତ ପଡି ଆସିଥିଲା। ଦର୍ଶନ ସାରି ବାହାରେ ଆସି ଠିଆହେଲି। ମନ ଚାହିଁଲା ବସି ମୁହୂର୍ତ୍ତେ ଅତିବାହିତ କରିବାକୁ। ମନ୍ଦିର ସାମ୍ନାକୁ ସିମେଣ୍ଟରେ ଷଣ୍ଢମୂର୍ତ୍ତି । ଦେଖିଲାଭଳି, ବୀରାଟ । ଅନେଇ ଶୋଇଛି ପ୍ରଭୁମୁହାଁ ହେଇ। ପାଖକୁ ଲାଗି ବରଗଛ। ଗଛ ଚାରିପାଖେ ସିମେଣ୍ଟ ପିଣ୍ଡି । ପିଣ୍ଡିରେ ଅଧା ଛାଇ ଅଧା ଖରା ଦେଖି ବସିଲି। ମହିଳାମାନେ କଦଳୀ ନଡ଼ିଆ ବେଲପତ୍ର ସହ ଧୂପ ଦୀପ ଧରି ଡାଲା ହାତରେ ଆସୁଥାଆନ୍ତି। ପୂଜାସାରି ଦଳଦଳ ଫେରୁଥାଆନ୍ତି। ମନ୍ଦିର ବେଢା ବାହାରେ ଦୁଇ ତିନିଟି ଦୀପ ଦୋକାନ। ଘିଅ ଦୀପବି ନେଉଥାଆନ୍ତି ଭକ୍ତମାନେ ଜାଳିବାକୁ ପ୍ରଭୁଙ୍କ ପାଖରେ।

ଆଖି ପଡିଲା ପିଲାଟି ଉପରେ। ଘିଅଦୀପ ବିକୁଥିବାର। ବେଢାଠୁ ବେଶ ଦୂରତାରେ ବସିଛି ଦୋକାନ ଦେଇ। ଦୋକାନ ବୋଲି ଗାମୁଛା ପାରି ସଜେଇଛି ଦୀପପୁଞ୍ଜେ । କପଡା ଖଣ୍ଡିଏ ପକେଇ ବସିଛି ଚକାମାଡି ଭୂଇଁରେ । ପାଖରେ ପ୍ଲାଷ୍ଟିକ ବ୍ୟାଗଟିଏ । ତା ଭିତରେ ତା ସାଜସମାନ । ଦୀପ ସରି ଆସିଲେ ବ୍ୟାଗରୁ କାଢି ଘିଅ ବଳିତା ଦେଇ ରଖି ପୂରଣ କରୁଛି ଖାଲି ସ୍ଥାନ। ଦୃଶ୍ୟରେ ଅବଶ୍ୟ ନାହିଁ ନୂତନତ୍ୱ । କି ବିଶେଷତା। ତେବେବି କାଇଁକି କିଜାଣି ପିଲାଟି ଉପରୁ ଫେରୁ ନଥାଏ ମୋ ଦୃଷ୍ଟି। ଗରିବୀ ଫୁଟି ଉଠୁଚି ତା ସର୍ବାଙ୍ଗରେ। ବୟସ ଆଠ ନଅ ଭିତରେ । ଦୁର୍ବଳ ଶରୀର । ପୋଷାକ ବୋଲି ମଇଳା ପେଣ୍ଟ ଖଣ୍ଡେରେ ଠା କୁ ଠା ଚିରାସାର୍ଟ ଦେହରେ। ପିଲାଟି କିନ୍ତୁ ହସହସ ସବୁବେଳେ। ତା ବେପାରର ସନ୍ତୁଷ୍ଟି ପ୍ରକାଶ ପାଉଛି ତା ମୁହଁର ଔଜଲ୍ୟରୁ। ମୁଁ ଅନେଇ ରହିଥାଏ ତାକୁ । ବାରଟା ବାଜିଲା। ଫେରିଲି ଘରକୁ। ପିଲାଟି ବସିଥାଏ ଦୋକାନ ଧରି । ସମୟ ସହ ସେ ସମ୍ପର୍କହୀନ। ଭକ୍ତ ସେତେବେଳକୁ କାଁ ଭାଁ । ବିକ୍ରିବି ତଦନୁଯାଇ। ସମସ୍ତଙ୍କୁ ପଛକରି ମୁଁ ହେଲି ଘରମୁହାଁ।

ଖାଇ, ଖରାବେଳେ ବିଶ୍ରାମ ଅନ୍ତେ ପୁଣି ଗଲି ମନ୍ଦିର ପାଖକୁ । ମନ୍ଦିର ପାଖରୁ ଘର ଆମର ବେଶୀ ଦୂର ନୁହେଁ । ଯାଇ ଦେଖିଲି ମେଲା ପଡିଛି ଦୋକାନ । ପିଲା ନାଇଁ। ଭାବିଲି ପାଖ ଜଳଖିଆ ଦୋକାନକୁ ଯାଇଥିବ ଭୋକ ମେଣ୍ଟେଇବାକୁ । କି ଯାଇଥାଇପାରେ ଏକ। ଅଧଘଣ୍ଟା ବିତିଲା । ଦୋକାନ ମେଲା। ମାଲିକ ନାହିଁ । ଦୀପ ପାଇଁ ଫେରୁଥାଆନ୍ତି ଲୋକ । ମନରେ ଅନୁସନ୍ଧିତ୍ସା,ଗଲା କୁଆଡେ ? ଆଖି ବୁଲେଇଲି ପରିବେଶ ଉପରେ । ବେଳଓଳି ଜମି ଆସୁଥାଏ ଭିଡ଼ । ଆଖି ପଡିଲା ଭିଡ଼ ଭିତରେ ଖୋଜିଲା ଖୋଜିଲା ହେଇ କିଛି ଗୋଟେ ଦରାଣ୍ଡୁଚି ସିଏ । ଅନଉଛି ସମସ୍ତଙ୍କ ମୁହଁକୁ । ପୁଣି ଫେରେଇ ଆଣୁଚି ଦୃଷ୍ଟି । ଭାବିଲି ନିଶ୍ଚିତ କେହି ଦୀପନେଇ ଦାମ ନଦେଇ ଚାଲିଯାଇଛି । ଖୋଜୁଛି ଭିଡ଼ଭେଦି ସବୁଠି ତାକୁ । ଶେଷକୁ ଆସି ବସିଲା ତା ଜାଗାରେ । ନିରାଶ ଓ କ୍ଲାନ୍ତି ଫୁଟି ଉଠୁଥିଲା ତା ମୁହଁରେ । ଗଲି ତା ପାଖକୁ। ପଚାରିଲି, କେହି ପଇସା ନଦେଇ ପଳେଇଚିକି ?

-- ନା, ସିମିତି ନୁହେଁ ।

ପିଲାଟି କହିଲା ।

--ତେବେ ଦରାଣ୍ଡୁଥିଲୁ ଭିଡରେ କାହାକୁ ? କେତେ ଫେରିଲେଣି ଗରାଖ ଜାଣୁ ?

-- ଜଣକୁ ପଇସା ଫେରେଇବାର ଥିଲା । ଖୋଜୁଥିଲି ତାଙ୍କୁ ।

-- କେତେ ଫେରେଇବାର ଥିଲା ? ଆସିକି ନିଜେ ନେବେନିକି ?

ପିଲାଟି କହିଲା,ଦୀପ ନେଇ ମୋତେ ପଚାସ ଟଙ୍କିଆ ନୋଟ ଦେଲେ । ମୁଁ ବାକୀ ଟଙ୍କା କାଢି ବଢେଇବା ବେଳକୁ ସେ ଚାଲି ଯାଇଥିଲେ ମନ୍ଦିରକୁ । ଭାବିଲି ଫେରି ନେବେ । ପଇଁଚାଳିସ ଟଙ୍କା ସେ ପାଇବେ ମୋ ପାଖରୁ । ନା ସିଏ ଆସିଲେ, ନା ମୁଁ ପାଉଛି ତାଙ୍କୁ । ଖୋଜିଲିଣି ବହୁତ । ବଳକା ଟଙ୍କା ନପାଇଲେ ଭାବିବେ ମୋତେ ଚୋର ଠକ ବୋଲି । ପରଧନ ମାରିବା ମୋ ଚରିତ୍ର ନୁହେଁ । କଣ କରିବି ମୁଁ ?

ମୁଁ ସ୍ତମ୍ଭିଭୂତ ପିଲାଟିର ମାନସିକତାରେ । ଦେଖିଲି ସେବେଠୁ ସେ ଅଥୟ । ବିକି ପାରୁନି ଶାନ୍ତିରେ ଦୀପ । ବଲବଲ ଅନଉଛି ସମସ୍ତଙ୍କ ମୁହଁକୁ । ମୋ ମୁଣ୍ଡକୁ ପଶିଲା କଥାଟିଏ। ଅନତି ଦୂରରେ କମିଟିର ଘୋଷଣା ଟେବୁଲ। ଟେବୁଲ ଉପରେ ଥୁଆ ହେଇଚି ମାଇକ। ଯାଇ ଘୋଷଣା କରିଦେଲି କଥାଟାକୁ । ଅନୁରୋଧ କଲି ଆସି ଫେରସ୍ତ ନେବାକୁ ଟଙ୍କା । ଫେରି ଦେଖେତ ଲୋକଟିଏ ସ୍ମିତ ହସରେ କଥା ହଉଚି ତା ସହ। ସନ୍ଦେହରେ ପଚାରିଲି, ଆପଣଙ୍କର ଟଙ୍କା ଫେରସ୍ତ ପାଇବାର ଥିଲା ?

---- ହଁ, ପାଇବାର ଥିଲା ପଇଁଚାଳିସ ଟଙ୍କା।

ଉତ୍ତର ଦେଲା ଲୋକଟି ।

--- ନନେଇ ଚାଲିଗଲେ ? ସେବେଠୁ ସେ ସାରା ମନ୍ଦିର ଖୋଜୁଛି ଆପଣଙ୍କୁ । ତା ବେପାର ଚୌପଟ ଘଣ୍ଟେ ହେଲା । କେତେ ଗରାଖ ଫେରିଲେଣି ।

ଲୋକଟି ହସିହସି କହିଲା, ଦୁଃଖିତ ମୁଁ । ଟଙ୍କା ନେବାର ଥିଲେ ମୁଁ ନେଇ ନଥାଆନ୍ତି ? ସେ ଟଙ୍କା ମୋର ନେବାର ନଥିଲା । ଜାଣିଜାଣି ଛାଡି ଯାଇଥିଲି । ପିଲାଟାର ସରଳତା ଓ ଦାରିଦ୍ର୍ୟ ଦେଖି ଅନ୍ତତଃ ଏତିକି କରିଥିଲି । ସେତେବେଳକୁ ଆମ କଥା ଉପରେ ଧ୍ୟାନ ନଦେଇ ପିଲାଟି ବ୍ୟାଗରୁ ଟଙ୍କା କାଢି ବଢ଼େଇ ସାରିଥାଏ । ତା ହାତରୁ ଟଙ୍କା ନେଇ ସେଥିରେ ଆଉ ଗୋଟିଏ ଶହେ ଟାଙ୍କିଆ ନୋଟ ମିଶେଇ ସେ ବଢ଼େଇଲେ ପିଲାଟି ହାତକୁ । କହିଲେ, ମୋ ପାଇଁ ସାରିଥିବା ସମୟର କ୍ଷତି ପୂରଣ । ପିଲାଟି ନବୁଝି ପାରି ଥ ଥ ହେଉଥିବାର ଦେଖି ମୁଁ କହିଲି, ରଖ ତୋ ବକ୍ସିସ । ବାବୁ ଦେଲେ ତୋ ଉପରେ ଖୁସି ହେଇ। ପିଲାଟି ଅନିଚ୍ଛା ସତ୍ୱେ ଧରିଲା । ଲୋକଟି ହଜିଗଲା ପୁଣି ଭିଡ଼ ଭିତରେ। ମୁଁ ଫେରି ଆସିଲି ମୋ ବସିବା ସ୍ଥାନକୁ । ଭାବୁଥାଏ ଇଏ ହଉଚି ସତ୍ୟର ସନ୍ତକ । ସତ୍ୟ ନାଇଁ ବୋଲି କିଏ କହିଲା ? ଆଖିରେ ତ ଦେଖୁଚି...।


+ଚନ୍ଦନବିନ୍ଧା, ଚାନ୍ଦବାଲି,
ଭଦ୍ରକ
ମୋ. ୯୨୩୮୯୨୦୪୦୫


# ଜୋଇଁପୁଅ

**ଘନଶ୍ୟାମ ପଲେଇ**



ବର୍ଷକୁ ଥରେ ଦୁଇଥର ଶଶୁରଘରକୁ ଆସିବାଟା ଥୟ। ଏଥର କିନ୍ତୁ ସେ ଆଉ ଜୋଇଁପୁଅ ନୁହଁ... ଆସିଛି ପୁଅ ହୋଇ। ବହୁତ ହେଲା ଜୋଇଁପୁଅର ସମ୍ମାନ। ଜୋଇଁପୁଅ ଶବ୍ଦଟା ତାକୁ ଭାରି ଭାରି ଲାଗେ... ଅଡୁଆ ଲାଗେ। ପରାଧିନ ପରାଧିନ ଅନୁଭବ କରେ। ସେଇଥିପାଇଁ ମନସ୍ଥ କରିଛି ଆଜିଠୁ ସେ ଚଳିବ ଏଇ ଘରର ଜଣେ ସାଧାରଣ ପୁଅ ହିସାବରେ।

ବାଡି ବଗିଚାରେ ବୁଲୁଥିଲା ବେଳେ ... କୋଉ ଗଛର ପତ୍ର ସୁଖିଲା ଦେଖିଲେ ସଙ୍ଗେ ସଙ୍ଗେ ଛିଣ୍ଡାଇ ଫିଙ୍ଗି ଦେଉ ଥିଲା। ଫୁଲ ଗଛ ମୂଳରେ ପାଣି ମୁନ୍ଦେ ଢାଳି ଦେଉଥିଲା ଅତି ସ୍ନେହରେ। ଲାର୍ଟିନ ବାର୍ଥରୁମକୁ ବି ନିଜ ହାତରେ ସଫା କରିଦେଉଥିଲା। କେତେବେଳେ ମାର୍କେଟ ଗଲେ କ୍ଷୀର କି ଦହି ପ୍ୟାକେଟଟିଏ କିମ୍ବା ଶାଗ ବିଡାଏ ନେଇ ଆସୁଥିଲା।

ଦୁଇ ଝିଅର ବାହାଘର ସାରି ଏକୁଟିଆ ରହୁଥିବା ବାପା-ମାଆ ଦି'ଜଣ ମନେ ମନେ ଖୁସି ହେଉଥିଲ ଜୋଇଁ ପୁଅର ଏପରି ଭଲ ପାଇବା... ଆପାଣା ପଣକୁ ଦେଖି।

ଦିନେ ସନ୍ଧ୍ୟାରେ ପୁଅ ହିସାବରେ ବାପାଙ୍କୁ ପଚାରିଲା—ବାପା !...ଆପଣଙ୍କ ଏଇଠି କିଛି ଅସୁବିଧା ହେଉ ନାହିଁ ତ... ନ ହେଲେ ଚାଲ... ଆମ ପଖରେ ରହିବ।



--- ନାଁରେ ବାପା !...ହାତଗୋଡ଼ ଚାଲୁଛି ତ ଆମେ ଠିକ୍। ଅସୁବିଧା ... କିଛି ନାହିଁ। ଖାଲି ଯାହା ବୁଢାବୁଢୀବେଳକୁ ଚୋର ଖଣ୍ଟକୁ ଜଗିରଖି ଚଳିବା କଥା।

ଦୁଇଦିନ ରହିଲା ଭିତରେ ଏଣିକି ଘରର ଜୋଇଁ ପୁଅ ନୁହଁ... ପାଲିଟି ସାରିଛି ଗୋଟାପଣେ ପୁଅ।

ଦିନେ ସକାଳୁ ସକାଳୁ ଶଶୁର ଯାଇଥିଲେ ପାର୍କ ଆଡେ ଚାଲିବା ପାଇଁ... ମା' ଥିଲେ କାମରେ ବ୍ୟସ୍ତ। ମୁନସିପାଲଟି ଗାଡି ହୁଇସିଲ ମାରିଲା ଅଳିଆ ନେବାକୁ। ଜୋଇଁପୁଅ ଘର ଭିତରକୁ ଯାଇ ବାପାଙ୍କ ରୁମରେ ପଡିଥିବା ଅନେକ ବର୍ଷର ଅଳିଆ ଗଦାର ପଟିଟା ସହ କିଛି ଛିଣ୍ଡା ଲୁଗାପଟାକୁ ଗୋଟେଇ ଆଣି ଥୋଇଦେଲା ଆବର୍ଜନ ବୁହା ଡାଲାରେ।

କିଛି ସମୟ ପରେ ପୁଅ ଜଳଖିଆ ଖାଉଥାଏ। ବାପା ତାଙ୍କ ରୁମରେ କିଛି ଖୋଜାଖୋଜି କରୁଥାନ୍ତି। ଢଣ ଢ଼ାଣ ଶବ୍ଦ ଶୁଣାଯାଉଥାଏ। ବଡ ବ୍ୟସ୍ତ ହେଇ ଶାଶୁମା'ଙ୍କୁ ଡାକ ଛାଡିଲେ--- ହୋଇ ହୋ... ଅଳିଆ ପେଟିଟା ରଖିଥିଲି...ଦେଖିଛ କି...? ଶାଶୁ ମା' କିଛି କହିବା ଆଗରୁ ଜୋଇଁପୁଅ କହିଲା--- ବାପା !... ତମେ ବ୍ୟସ୍ତ ହୁଅ ନାହିଁ ... ମୁଁ ଆପଣଙ୍କ ରୁମକୁ ପୁରାପୁରି ସଫା କରିଦେଇଛି... ସଜାଡିଲା ବେଳେ ଯେତକ ଅଳିଆ ଥିଲା ସବୁ ସେଇ କାର୍ଟୁନ ପେଟିଟାରେ ପୁରେଇ ମୁନସିପାଲଟି ଗାଡିରେ ଫିଙ୍ଗିଦେଲି...। ବେଡ୍ ? ବି ଠକ୍ ? ଦିଗରେ ନ ଥିଲା ତାକୁ ପୂର୍ବ ମୁହାଁ କରି ରଖି ଦେଇଛି..।

ବାପାଙ୍କ ଆଖିରୁ ଲୁହଧାର ଠପ୍ ଠପ୍ ? ଗଳିପଡିଲା... ବାଷ୍ପରୁଦ୍ଧ ହେଇଗଲା କଣ୍ଠ। କିଛି ଅନୁଚ୍ଚୋରିତ ଶବ୍ଦ ଉଚ୍ଚାରଣ ସହ ପାଗଳ ଭଳି ଦୌଉଡିଲେ... ମୁନସିପାଲଟି ଗାଡିର ଚକ ଗଡିଥିବା ଦିଗରେ।

ମାଆ ବି କାନ୍ଦକାନ୍ଦ। ଜୋଇଁପୁଅ ମା'କୁ ପଚାରିଲା --- ମା'ଙ୍କ କ'ଣ ପାଇଁ ବାପା ଦୌଉଡିଲେ।

--- ସବୁ ସରିଗଲାରେ ବାପା... ତୋ ବାପା ଚୋର ଦାଉରୁ ରକ୍ଷାପାଇଁ ସେଇ ଅଳିଆ ଗଦାରେ ହିଁ ଘରର ସମସ୍ତ ସୁନାଗହଣା ଲୁଚେଇ ରଖିଥିଲେ... ସବୁ ସରିଗଲା।

ଏକଥା ଶୁଣି ଜୋଇଁପୁଅ ବରଫ ଖଣ୍ଡ ପରି ଥଣ୍ଡା ପଡିଗଲା। ମୁଣ୍ଡରେ ହାତ ଦେଇ ବସିଗଲା। ଆଖିରୁ ଲୁହ ଝରିବା ସହ ତରଳି ଯାଉଥିଲା ମନ ଆଉ ହୃଦୟ। ବରଫ ତରଳି ପାଣି ହେଲା ଭଳି ପାଲଟି ଯାଉଥିଲା ପୁଣିଥରେ ପୁଅରୁ ଜୋଇଁପୁଅକୁ।


+ବଡଆମୁଣି, ଝୁମ୍ପୁରା,
କେନ୍ଦୁଝର-୩୧,
ମୋ- ୯୪୩୭୭୧୮୫୦୦

# ବେଆଇନ ପାର୍କିଂ ଯୋଗୁଁ ହେଉଛି ଜାମ: ଜନସାଧାରଣ ହନ୍ତସନ୍ତ

ଯୋଡ଼ା, ୨୨/୬ (ନି.ପ୍ର): ଜିଲା ଖଣିଜ ପାଣ୍ଠି ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିଲାଲା ବଡ଼ବିଲ-କିରିବୁରୁ ମୁଖ୍ୟ ସଡ଼କ । ଆଶା କରାଯାଉଥିଲା ରାସ୍ତା ନିର୍ମାଣ ହେଲେ ସାଧାରଣ ଜନତା ଙ୍କ ନିମନ୍ତେ ଗମନାଗମନ ସହଜ ହେବ । ତେବେ ଉକ୍ତ ସଡ଼କ ଏବେ ଶିଳ୍ପ ସଂସ୍ଥାଙ୍କ କବଜାରେ ରହିଛି । ଶିଳ୍ପ ସଂସ୍ଥାଙ୍କ ଦ୍ୱାରା ନିୟୋଜିତ ସୁରକ୍ଷା କର୍ମୀ ଏହି ରାସ୍ତାକୁ ନିୟନ୍ତ୍ରଣ କରୁଛନ୍ତି । ଫଳରେ ଏହା ସାଧାରଣ ଲୋକଙ୍କ ଉପକାରରେ ଲାଗି ପାରୁନାହିଁ । ଦିନ ରାତି ୨୪ ଘଣ୍ଟା ରାସ୍ତା କଡରେ ଥିବା ଶିଳ୍ପ ସଂସ୍ଥା ଯଥା - ପିଟିସିଏଲ କାରଖାନା, ଆରୟା କାରଖାନା ଓ ପଞ୍ଚବଟି କାରଖାନା ରେ ନିୟୋଜିତ ଭାରିଯାନ ରାସ୍ତାକୁ ଉଭୟ ପର୍ଶ୍ୱରୁ ଅବରୋଧ କରି ରଖୁଛନ୍ତି । ଏହା ବ୍ୟତୀତ ବିଭିନ୍ନ ସମୟରେ ବେଆଇନ ପାର୍କିଂ ଯୋଗୁଁ ବଲାଣି କାରୋ ପୋଲ ଠାରୁ କଳିଙ୍ଗ ପର୍ଯ୍ୟନ୍ତ ଜାମ ରହୁଥିବାରୁ ଜନ ସାଧାରଣ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ତେବେ ବିଶେଷ କରି ପଞ୍ଚବଟି ଷ୍ଟିଲ କାରଖାନା ଠାରୁ ଚମ୍ପୁଆ ପୋଲ ପର୍ଯ୍ୟନ୍ତ ରାସ୍ତା କଡରେ ଭାରିଯାନ ଗୁଡିକ ବେଆଇନ ପାର୍କିଂ କରୁଥିବାରୁ ରାସ୍ତା ଜାମ ହେବା ସାଧାରଣ ଘଟଣା ପାଲଟିଛି । ଫଳରେ କିରିବୁରୁ, ବଲାଣି ତଥା ବାଲାଗୋଡ଼ା ପଂଚାୟତ ଅଂଚଳର ଜନ ସାଧାରଣ ଯାତାୟତ କରିବାରେ ଅସୁବିଧା ଭୋଗୁଛନ୍ତି । ଏପରିକି ବିଭିନ୍ନ ସମୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ବଡ଼ବିଲ ଆଇଟିଆଇ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ଯାଉଥିବା ଛାତ୍ରଛାତ୍ରୀ ଘଣ୍ଟା ଘଣ୍ଟା ଧରି ଜାମରେ ଅଟକି ରହୁଛନ୍ତି । ଏହାବ୍ୟତୀତ ଆମ୍ବୁଲାନ୍ସ, ଦମକଳ ଗାଡି ବ୍ୟତୀତ ଜରୁରୀ ସେବା ପ୍ରଦାନ କାରୀ ବାହାନ ଗୁଡିକ ମଧ ଜାମ ରେ ଫସି ରହୁଛନ୍ତି । ଏହି ରାସ୍ତାରେ ଥିବା ପିଟିସିଏଲ, ଆରୟା ଏବଂ ପଞ୍ଚବଟି ଭଳି କାରଖାନା ଗୁଡିକର କଞ୍ଚାମାଲ ଓ କାରଖାନା ମାନଙ୍କରୁ ବାହାରୁଥିବା ଖଣିଜ ପଦାର୍ଥର ପରିବହନ ନିମନ୍ତେ ବ୍ୟବହାର ହେଉଥିବା ଭାରିଯାନ ଗୁଡିକ ସ୍ୱେଚ୍ଛାଚାରିତା ତଥା ଏହି କରଖାନା ଗୁଡିକର ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଦିନକୁ ଦିନ ଉକ୍ତ ରାସ୍ତାରେ ଜାମ ହେବା ଓ ରାସ୍ତା ଉପରେ ବେଆଇନ ପାର୍କିଂ ଯୋଗୁଁ ରାସ୍ତାଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ପାଲଟିଛି । ସ୍ଥାନୀୟ ପୁଲିସ କାଁ ଭାଁ ଯାଞ୍ଚ କରୁଥିଲେ ସୁଦ୍ଧା ଶିଳ୍ପ ସଂସ୍ଥା ପ୍ରତି ପୁଲିସର କହଳ ମନୋଭାବ ଯୋଗୁଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ତେବେ ଏ ନେଇ ଯଥାଶୀଘ୍ର ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନକଲେ ଦୁର୍ଘଟଣା ସହ ଜନଅସନ୍ତୋଷକୁ ରୋକାଯାଇ ପାରିବ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମାତ୍ର ଦୁଇ ବର୍ଷ ପୂର୍ବେ କେନ୍ଦୁଝର ପୁଲିସ ପକ୍ଷରୁ ଜିଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ୬ଟି ପିସିଆର ଭେନ, ୧୦ଟି ପିସିଆର ବାଇକ କିଣାଯିବା ସହ ୭ ଜଣ ପୁଲିସ ଅଧିକାରୀ,୬ ଜଣ ହାବିଲଦାର,୨୦ ଜଣ କନେଷ୍ଟବଳ ଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ଏକକ ଗଠନ କରାଯାଇଥିଲା । ଏହି ସ୍ୱତନ୍ତ୍ର ଦଳ ଖଣି ଅଂଚଳରେ ଖଣିଜ ପଦାର୍ଥ ପରିବହନ ସମୟରେ ଉପୁଜୁଥିବା ଟ୍ରାଫିକ ସମସ୍ୟାର ସମାଧାନ କରିବାକୁ ଉଦ୍ଦିଷ୍ଟ ଥିଲା । ତେବେ ବିଭିନ୍ନ ସମୟରେ ଏହି ରାସ୍ତା ସହିତ ଅନ୍ୟାନ୍ୟ ଖଣି ଅଞ୍ଚଳ ମାନଙ୍କର ସଡ଼କ ଗୁଡିକ ଜାମ ହେବା ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ସ୍ୱତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ଏକକ କୁଆଡେ ଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ବାଲେଶ୍ୱର ହୋଟେଲ ଆସୋସିଏସନ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ




ବାଲେଶ୍ୱର , ୨୨/୬ (ନି.ପ୍ର): ଚଳିତ ମାସ ଏକୋଇଶ ତାରିଖରେ ସାରା ଭାରତରେ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶନିବାର ଦିନ ବାଲେଶ୍ୱର ହୋଟେଲ ଆସୋସିଏସନ ଅନୁକଲ୍ୟରେ ସ୍ଥାନୀୟ ଏକ ହୋଟେଲ ପ୍ରାଙ୍ଗଣରେ ଶତାଧିକ ମହିଳା ପୁରୁଷ ଓ ହୋଟେଲ ଆସୋସିଏସନର କର୍ମକର୍ତା ଓ ସେମାନଙ୍କର ପରିବାର ସଦସ୍ୟ ମାନେ ଦୀର୍ଘ ଦୁଇ ଘଂଟା ଧରି ଯୋଗ ପ୍ରାଣାୟାମ କରିଥିଲେ । ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ରର ମିଳିତ ଆନୁକୂଲ୍ୟରେରେ ସ୍ଥାନୀୟ ହରି ପ୍ଲାଜା ହୋଟେଲରେ ଆୟୋଜିତ ଯୋଗ ଦିବସରେ ବରିଷ୍ଠ ଯୋଗ ପ୍ରଶିକ୍ଷଜ ସୁଜିତ କୁମାର ଜେନା ଯୋଗ ଶିବିରରେ ଉପସ୍ଥିତ ନରନାରୀଙ୍କୁ ଯୋଗସନ, ପ୍ରାଣାୟାମ ଶିଖାଇବା ସହ କେଉଁ ରୋଗ ଲାଗି କି ପ୍ରକାର ଯୋଗ କରିବା ଆବଶ୍ୟକ ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ସୂର୍ଯ୍ୟ ନମସ୍କାରଠାରୁ ଆରମ୍ଭ କରି ବକ୍ରାସନ, ଉଷ୍ଟ୍ରାସନ, ଧନୁରାସନ, ମତ୍ସ୍ୟସାନଆଦି ପନ୍ଦର ପ୍ରକାର ଆସନର ପ୍ରଶିକ୍ଷଣ ଦେଇଥିଲେ ଯୋଗ ପ୍ରଶିକ୍ଷକ ଶ୍ରୀ ଜେନା । ଏହି ଅବସରରେ ଶ୍ରୀ ଜେନା ଦର୍ଶାଇ ଥିଲେ କି ରୋଗ ଗୁଡିକର ନିଦାନ ଔଷଧ ନୁହେଁ ପ୍ରତିଦିନ ସୁଖାଦ୍ୟ ଖାଇବା ସହ ଶାରୀରିକ ପରିଶ୍ରମ ଓ ଉଭୟ ଓଳି ଯୋଗ ଓ ପ୍ରାଣାୟାମ କଲେ କୌଣସି ରୋଗ ହେବ ନାହିଁ । ଆଜି ସକାଳୁ ଯୋଗ ପାଇଁ ସଚେତନତାର ବାର୍ତା ବାଂଟିବା ଲାଗି ଉଭୟ ସଂସ୍ଥାର ସଦଶ୍ୟ ସଦସ୍ୟା ମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ହୋଲିଷ୍ଟିକ ହିଲିଙ୍ଗ ଯୋଗଶିକ୍ଷା କେନ୍ଦ୍ରରେ ଯୋଗାସନ କରାଯିବା ପରେ ବାଲେଶ୍ୱର ହୋଟେଲ ଆସୋସିଏସନ ପକ୍ଷରୁ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯୋଗ ଗୁରୁ ଶ୍ରୀ ଜେନାଙ୍କ ସମେତ ହୋଲିଷ୍ଟିକର ସଭାପତି ଜୟସ୍ମିତା ନାୟକ, ସମ୍ପାଦକ ରଞ୍ଜନ କୁମାର ସାହୁ, ବାଲେଶ୍ୱର ହୋଟେଲ ଆସୋସିଏସନର ସଭାପତି ସରୋଶ ବୋଧନ ଓ୍ୱାଲା, ସମ୍ପାଦକ ଆଦର୍ଶ ଭଟ୍ଟର, କ୍ୟାସିୟର ମନୋରଞ୍ଜନ ସାହୁ ଓ ସଂଗ୍ରାମ ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ଶିଶୁ ଶ୍ରମିକ ନିରାକରଣ ଓ ସଚେତନତା ପଦଯାତ୍ରା

ଜୟପୁର, ୨୨/୬ (ନି.ପ୍ର): ଚଳିତ ମାସ ପନ୍ଦର ଦିନ ବ୍ୟାପୀ ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ, କୋରାପୁଟ ତରଫରୁ ଶିଶୁ ଶ୍ରମିକ ନିରାକରଣ ଓ ସଚେତନତା ପଦଯାତ୍ରା ଆଜି ସକାଳ ୮ଟା ରେ ସୁଶ୍ରୀ ସସ୍ମିତା ମେଲେକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୋରାପୁଟ, ଲଲାଟ ରଞ୍ଜନ ସେଠି, ପୌରପାଳିକା ଅଧକ୍ଷ କୋରାପୁଟ, ଜିଲ୍ଲାପାଳ କୋରାପୁଟ ଭି. କୀର୍ତ୍ତି ଭାଶନ, ଆରକ୍ଷୀ ଅଧିକ୍ଷକ କୋରାପୁଟ, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କୋରାପୁଟ, ଉପଜିଲ୍ଲାପାଳ କୋରାପୁଟ, ଆରକ୍ଷୀ ଅଧିକ୍ଷକ ଅବକାରୀ ବିଭାଗ କୋରାପୁଟଙ୍କ ଉପସ୍ଥିତିରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା ଓ ଉକ୍ତ ପଦ ଯାତ୍ରା ପୋଲିସ ପଡିଆ, କୋରାପୁଟ ଠାରୁ ଆରମ୍ଭ ହୋଇ କୋରାପୁଟ ସହର ପରିକ୍ରମା କରି ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଶେଷ ହୋଇଥିଲା । ଶିଶୁ ଶ୍ରମିକ ଆଇନ ସମ୍ବନ୍ଧୀୟ ପୋଷ୍ଟର , ବେନର, ପ୍ଲା କାର୍ଡ, ପ୍ରଚାର ପତ୍ର , ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଥିଲା । ଏହି ପଦଯାତ୍ରା କାର୍ଯ୍ୟକ୍ରମରେ ପ୍ରଭଓଗୀୟ ଶ୍ରମ ଆୟୁକ୍ତ ଜୟପୁର , ଜିଲ୍ଲା ଶ୍ରମ ଅଧିକାରୀ ଜୟପୁର ଏବଂ ଜୟପୁର ଓ କୋରାପୁଟ ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ, କୋରାପୁଟ ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଟାଉନ ଥାନା ଅଧିକାରୀ, ସେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବଣିକ ସଂଘର କର୍ମକର୍ତ୍ତା, ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଜାତିଆଣା ଅକ୍ଷେପ ଓ ଜୀବନରୁ ମାରିଦେବାକୁ ଧମକ ମାମଲାରେ ପୁଲିସ ନୀରବ: ଏସପିଙ୍କୁ ଭେଟିଲେ ପୀଡିତା ପରିବାର

କୋରେଇ, ୨୨/୬ (ନି.ପ୍ର): ଜାତିଆଣା ଆକ୍ଷେପ ଓ ଅଶ୍ଳୀଳ ଗାଳିଗୁଲଜ ଓ ଜୀବନରୁ ମାରିଦେବାକୁ ଧମକ ମାମଲାରେ ପୁଲିସ କେବଳ ମାମଲା ରୁଜୁ କରି ନୀରବତା ଅବଲମ୍ବନ କରିବାରୁ ଶେଷରେ ପିଡିତା ପରିବାର ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୁକ୍ତ ମାନେ ରାଜନୈତିକ ଭାବେ ପ୍ରଭାବଶାଳୀ ହୋଇଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହୋଇଛି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ପଂଚାୟତର ନୂଆପଡା ଗ୍ରାମର ଶରତ ଯେନାଙ୍କ ସ୍ତ୍ରୀ ରଂଜିତା ଯେନା ଏଭଳି ଅଭିଯୋଗ ଆଣିବା ସହ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସ୍ୱାମୀ ସହିତ ପହଂଚି ମାମଲାର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପ୍ରକାଶ ଯେ ରଂଜିତାଙ୍କ ଅଭିଯୋଗ ମୁତାବକ ସରକାରଙ୍କ ପକ୍ଷରୁ ତାଙ୍କ ଗ୍ରାମରେ ଷ୍ଟ୍ରିଟ ଲାଇଟ ଲାଗୁଥିଲା । ଜନବସତି ଅଂଚଳରେ ଏହା ନଲାଗି ରାସ୍ତାରେ ଲଗାଯାଉଥିବା ନେଇ ଶରତ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଫଳରେ ସରପଂଚଙ୍କ ସ୍ୱାମୀ କୈଳାସ ପହୀ ଆସି ଶରତଙ୍କ ଅନୁପସ୍ଥିତରେ ଗତ ୫ ତାରିଖ ଧମକ ଓ ଅଶ୍ରାବ ଜାତିଆଣା ଆକ୍ଷେପ କରି ଗାଳି ଗୁଲଜ କରିଥିଲେ । କାହିଁକି ଅଭିଯୋଗ କଲ ବୋଲି ଏଥି ପାଇଁ ସ୍ୱାମୀ ସ୍ତ୍ରୀକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପରଦିନ ସରପଂଚ ସସ୍ମିତା ପହୀ ପହଂଚି ଅନୁରୂପ ବ୍ୟବହାର କରିଥିଲେ । ଫଳରେ ବାଧ୍ୟ ହୋଇ ଏନେଇ ରଂଜିତା ଥାନାରେ ଅଭିଯୋଗ କରିଥିଲେ । ଏନେଇ ଏକ ମାମଲା ୨୦୦/୨୫ ରୁଜୁ କରାଯାଇଥିଲା । ହେଲେ କେବଳ ମାମଲାରେ ଏହା ସିମୀତ ରହିଛି । ଫଳରେ ନ୍ୟାୟ ପାଇଁ ସସ୍ତ୍ରୀକ ଏସପି ଅଫିସରେ ପହଂଚି ନ୍ୟାୟ ଭିକ୍ଷା କରିଛନ୍ତି ।

# ମଣ୍ଡିରେ ପଡିଛି ଧାନ: ତୁରନ୍ତ କ୍ରୟ କରିବାକୁ ଦାବି

ଜୟପୁର, ୨୨/୬ (ନି.ପ୍ର): ରବି ମଣ୍ଡିରେ ଧାନ ଉଠୁନଥିବାରୁ ଆଜି ଅପରାହ୍ନ ୧ ଘଂଟା ସମୟରେ ଚାଷି ମାନେ ଜୟପୁର ସ୍ଥିତ ଉପ ଜିଲାପାଳ କାଯ୍ୟାଳୟ ଓ ଜିଲା ଯୋଗାଣ ଅଧିକାରିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ଓଡିଶା କୃଷକ ସମାଜର ଜିଲା ସମ୍ପାଦକ ସମ୍ପାଦକ ନବିନ ନାୟକଙ୍କ ନେତୃତ୍ୱରେ ଚାଷୀମାନେ ଏକତ୍ରିତ ହୋଇ ଘେରାଉ କରିଛନ୍ତି । ଜିଲା ମୁଖ୍ୟ ଯୋଗାଣ ଅଧିକାରିଙ୍କ ସହ ଆଲୋଚନା କରିଛନ୍ତି ।

# ଧର୍ମଶାଳାରେ ଝାଡାବାନ୍ତି ରୋଗ ସ୍ଥିର

ଧର୍ମଶାଳା, ୨୨/୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ପୁର୍ବପେକ୍ଷା କମୁଥିବା ଦେଖିବାକୁ ମିଳିଛି । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪୮ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣ ରସୁଲପୁର ବ୍ଲକର ହୋଇଥିବା ଜଣେ ଢେଙ୍କାନାଳ ଜିଲା ନିହଲ ପ୍ରସାଦର ହୋଇଥିବା ଜଣାପଡିଛି । ତେବେ ଧର୍ମଶାଳା ବ୍ଲକ ଅଂଚଳର ୩୬ ଜଣ ଆକ୍ରାନ୍ତ ଏବେ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି । ତେବେ ପାଣି ପାଇଁ ଡାରିଆ ରୋଗ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯିବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଟେଲ ଜଳଖିଆ ଦୋକାନରୁ ପାଣି ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଲ୍ୟାବକୁ ପଠାଯାଇଥିଲା । ସେଥି ମଧ୍ୟରୁ ଆସିଥିବା ରିପୋର୍ଟରେ ଇ କୋଲାଇ ବ୍ୟାକ୍ଟେରିଆ ଆସିଥିବା ଦୋକାନ ଗୁଡିକୁ ପ୍ରଶାସନ ପକ୍ଷରୁ ସିଲ କରି ଦିଆଯାଇଛି । ତେବେ ସ୍ଥିତିରେ ସୁଧାର ଆସୁଥିବା ବେଳେ ଗୁଜବ ପ୍ରତି ସଚେତନ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଆଜି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମସ୍ତ ଆକ୍ରାନ୍ତଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି । ଗଲା କିଛିଦିନ ହେଲା ଝାଡାବାନ୍ତି ସ୍ଥିତି ଉଦବେଗଜନ ରହିଥିବା ବେଳେ ଏବେ ସ୍ଥିତି ଧିରେ ଧିରେ ସୁଧୁରୁଥିବା ଲକ୍ଷ କରାଯାଉଛି ।

# ବୈଶିଙ୍ଗା ହୋଟେଲରୁ ଦୁଇ ଶିଶୁ ଶ୍ରମିକ ଉଦ୍ଧାର

ବୈଶିଙ୍ଗା , ୨୨/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ଦୁଇଜଣ ଶିଶୁଶ୍ରମିକଂକୁ ବୈଶିଙ୍ଗା ବଜାର ସ୍ଥିତ ସାହୁ ଫାଷ୍ଟ ଫୁଡ୍‌ରୁ ଉଦ୍ଧାର କରି ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି ବୋଲି କହିଛନ୍ତି ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ପାନମଣି ସୋରେନ । ଏହି ଚଢ଼ାଉରେ ସହଯୋଗ କରିଥିଲେ ଯଶିପୁରର ସହକାରୀ ଶ୍ରମ ଅଧିକାରୀ ଶ୍ରୀ ସୈମିତ୍ ମହାନ୍ତ ବସ୍ତିଏରିଆ ଡେଭଲପମେ କାଉନସିଲ ଏନଜିଓର ଅନ୍ୟ ସମସ୍ତ ସାଥି ବନସ୍ମିତା ନାୟକ, ଅଙ୍କିତା ବାରିକ୍ ଆଦି ସହଯୋଗ କରିଥିଲେ ଉଦ୍ଧାର ହୋଇଥିବା ଦୁଇଜଣ ପିଲା ବଡ଼ସାହି ବ୍ଲକ ବଦଲିଗାଁ ଅଞ୍ଚଳର ବୋଲି ଜଣାପଡିଛି । ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ସମେତ ଅନ୍ୟ ଅଧିକାରୀମାନେ ସମସ୍ତେ ବୈଶିଙ୍ଗ ଥାନାଧିକାରୀ ବାରିଣି କୁମାର ଦାସଙ୍କୁ ସାକ୍ଷାତ କରିଥିଲେ ।

# ଓଏସ୍‌ଓୟୁରେ ଅନ୍ତର୍ଜାତୀୟ ଯୋଗ ଦିବସ



ବାଲେଶ୍ୱର, ୨୨/୬ (ନି.ପ୍ର): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ବିଶ୍ୱ ସ୍ତରୀୟ ବିଷୟବସ୍ତୁ ଅଧିନରେ ବିଶ୍ୱବିଦ୍ୟାଳୟର ଆଧାତ୍ମିକ, ଶାରୀରିକ ଏବଂ ବୌଦ୍ଧିକ ସୁସ୍ଥତାକୁ ମିଶ୍ରଣ କରି ଦୁଇଟି ପର୍ଯ୍ୟାୟ ଉତ୍ସବ ଆୟୋଜନ ହୋଇଥିଲା । ଏଥିରେ ଅଧାପକ, କର୍ମଚାରୀମାନେ ଏକତ୍ରିତ ଯୋଗାଭ୍ୟାସ କରିଥିଲେ । ବିଶ୍ୱବିଦ୍ୟାଳୟ ପରିସରରେ ଏକ ଯୋଗ ଅଭ୍ୟାସ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଇଂଲିସ ଏବଂ ଓଡ଼ିଆ ବିଭାଗ ମଧରେ ଏକ ସାର୍ବଜନୀନ ଯୋଗ ସଚେତନତା ଲିଫଲେଟ୍ ପ୍ରସ୍ତୁତ କରିବା ପାଇଁ ଏକ ସହଯୋଗମୂଳକ ପଦକ୍ଷେପ ପ୍ରସ୍ତାବ ଦେଇଥିଲେ ।

# ଉତ୍କଳ ମ୍ୟୁଜିକ ଅନୁଷ୍ଠାନ ପକ୍ଷରୁ ଭଦ୍ରକରେ ବିଶ୍ୱ ସଂଗୀତ ଦିବସ ପାଳିତ

ଭଦ୍ରକ, ୨୨/୬ (ନି.ପ୍ର): ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ମ୍ୟୁଜିକ ଅନୁଷ୍ଠାନ ତରଫରୁ ଭଦ୍ରକରେ ବିଶ୍ୱ ସଂଗୀତ ଦିବସ ପାଳିତ ହୋଇଯାଇଛି । ଭଦ୍ରକ ସହୀଦ ସ୍ମୃତି ଭବନରେ ବିଶ୍ୱ ସଂଗୀତ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲପାଳ ଦିଲ୍ଲୀପ ରାଉତରାୟ ଯୋଗ ଦେଇଥିଲେ । ନାଟ୍ୟ ନିର୍ଦ୍ଦେଶକ ଲଳିତେନ୍ଦୁ ମହାପାତ୍ର, ନିଖିଳ ଘୋଷ, ଆଇନଜୀବୀ ଲମ୍ୱୋଦର ମହାପାତ୍ର ଉପସ୍ଥିତ ଥିଲେ । ମୁଖ୍ୟବକ୍ତା ଭାବେ ଲଲାଟେନ୍ଦୁ ମହାନ୍ତି , ଆଇନଜୀବୀ ଲମ୍ୱୋଦର ନାୟକ, ଉତ୍କଳ ମିଉଜିକ ଅନୁଷ୍ଠାନର ପ୍ରତିଷ୍ଠାତା ସୁବୋଧ ନାୟକ ଉପସ୍ଥିତ ରହି ଆଜିର ଏହି ବିଶ୍ୱ ସଂଗୀତ ଦିବସ ବିଷୟରେ ଆଲୋଚନା କରିଥିଲେ । ମଣିଷ ସମାଜରେ ସଂଗୀତ ବିନା ଜୀବନ ଅଧୁରା, ସଂଗୀତ ଓ ଯୋଗ ଉଭୟ ପରିପୂରକ ଯୋଗ ମାଧ୍ୟମରେ ଯେପରି ରୋଗ ଭଲ ହୁଏ ଠିକ ସେହିପରି ସଂଗୀତ ମାଧ୍ୟମରେ ରୋଗ ମଧ ଭଲ ହୋଇଥାଏ । ସଂଗୀତ ମାନସିକ ଅବସାଦ ଦୂର କରିଥାଏ ବୋଲି ନିଜ ବକ୍ତବ୍ୟରେ ଜିଲ୍ଲାପାଳ କହିଥିଲେ । ଭଦ୍ରକ ରେ ମଠ ସାହି ରେ ଦୀର୍ଘ ୨୫ ବର୍ଷ ଧରି ଗଢି ଉଠିଥିବା ଉତ୍କଳ ମ୍ୟୁଜିକ ଅଂନୁଷ୍ଠାନର ପ୍ରତିଷ୍ଠାତା ସୁବୋଧ ନାୟକ ଙ୍କୁ ପ୍ରଶଂସା କରିଥିଲେ ।

# କର୍ମଚାରୀଙ୍କୁ ସଡ଼କ ନିରାପତ୍ତାର ଶପଥ ପାଠ କରାଇଲେ ନଗର ଉନ୍ନୟନ ସଚିବ

ଭୁବନେଶ୍ୱର, ୨୨/୬ (ନି.ପ୍ର): ସଡ଼କ ନିରାପତା ସୁନିଶ୍ଚିତ କରିବା ପାଇଁ ଏହାର ଅତୁଟ ପ୍ରତିବଦ୍ଧତାର ଏକ ଅଂଶ ଭାବରେ, ରାଜଧାନୀ ଅଂଚଳ ସହରାଂଚଳ ପରିବହନ (କୁଟ୍) 'ଶୂନ ଦୁର୍ଘଟଣା ଦିବସ' ପଦକ୍ଷେପ ଅଧୀନରେ ଏହାର ପ୍ରୟାସକୁ ତୀବ୍ର କରିଛି । ସମସ୍ତ ସିଆରୟୁଟି ଡିପୁ ଏବଂ କାର୍ଯ୍ୟକ୍ଷମ ଟର୍ମିନାଲରେ ଦୈନିକ କାଉନସେଲିଂ ଅଧିବେଶନ ଏବଂ ସଡ଼କ ସୁରକ୍ଷା ପ୍ରତିଶ୍ରୁତିର ପ୍ରଶାସନ ଶୃଙ୍ଖଳିତ ଭାବରେ ପରିଚାଳିତ ହେଉଛି । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ କୁଟ୍ ନରାଜ ଡିପୋକୁ ପରିଦର୍ଶନ କରି ଏକ ଇଂଟରାକ୍ଟିଭ୍ ଅଧିବେଶନରେ କ୍ୟାପଟେନ ଏବଂ ଗାଇଡମାନଙ୍କ ସମେତ ଅନ୍ୟ ସଦସ୍ୟ ମାନଙ୍କ ସହ ଯୋଗ ଦେଇଥିଲେ । ସେ ସେବା ଓ ନିରାପତାର ସର୍ବୋଚ୍ଚ ମାନ ବଜାୟ ରଖିବାକୁ କର୍ମଚାରୀଙ୍କୁ ଅବଗତ ଓ ପରାମର୍ଶ ଦେଇ ସଡ଼କ ନିରାପତା ଶପଥ ପାଠ କରାଇଥିଲେ ।

ସୁରକ୍ଷା ଆମ ସମସ୍ତଙ୍କଠାରୁ ଆରମ୍ଭ ହୋଇଥାଏ । ଆଗଧାଡିର ସେବା ପ୍ରଦାନକାରୀ ଭାବରେ, କ୍ୟାପଟେନ ଏବଂ ଗାଇଡମାନେ ପ୍ରତିଦିନ ହଜାର ହଜାର ନାଗରିକଙ୍କ ବିଶ୍ୱାସ ବହନ କରନ୍ତି । ପ୍ରତ୍ୟେକ ଯାତ୍ରା ଯେପରି ଠିକ୍ ସମୟରେ ନିରାପଦ ଏବଂ ନିର୍ଭରଯୋଗ୍ୟ ହୁଏ ତାହା ନିଶ୍ଚିତ କରିବାକୁ ଆମେ ଶପଥ ନେବା ' ବୋଲି ଶ୍ରୀମତୀ ପାଢୀ କହିଛନ୍ତି ।

ଶ୍ରୀମତୀ ପାଢୀ 'ନିରାପଦରେ ଘରକୁ ଆସ' ବାର୍ତା ଉପରେ ଆଲୋକପାତ କରିଥିଲେ । କେବଳ ଯାତ୍ରୀଙ୍କ ସୁରକ୍ଷା ନୁହେଁ, ବରଂ କୁଟ୍ ସଦସ୍ୟ ଏବଂ ସେମାନଙ୍କ ପରିବାରର କଲ୍ୟାଣ ଉପରେ ମଧ ଗୁରୁତ୍ୱାରୋପ କରିଥିଲେ । ସେ ସମସ୍ତ କର୍ମଚାରୀଙ୍କୁ ଏପରି ସେବା ପ୍ରଦାନ କରିବାକୁ ଆହ୍ୱାନ ଦେଇଛନ୍ତି ଯାହା କେବଳ ଦକ୍ଷ ନୁହେଁ, ବରଂ ଯାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ଭରସା ମଧ ସୃଷ୍ଟି କରେ । ଜିରୋ ଆକ୍ସିଡେଂଟ୍ ଡେ ଅଭିଯାନ ମାଧ୍ୟମରେ କୁଟ୍ ର ଲକ୍ଷ୍ୟ ହେଉଛି ସଡ଼କ ଦୁର୍ଘଟଣା ହ୍ରାସ କରିବା, ଡ୍ରାଇଭିଂ ଶୃଙ୍ଖଳାରେ ଉନ୍ନତି ଆଣିବା ଏବଂ ରାଜଧାନୀ ଅଂଚଳରେ ସାମଗ୍ରିକ ଯାତାୟାତ ଅଭିଜ୍ଞତାକୁ ବୃଦ୍ଧି କରିବା । କୁଟ୍ ଏହାର କର୍ମଚାରୀ ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହିତ ସମସ୍ତଙ୍କ ପାଇଁ ନିରାପଦ, ବିଶ୍ୱସନୀୟ ଏବଂ ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନ ଯୋଗାଇବା ପାଇଁ ଏହାର ଦୃଢ ସଂକଳ୍ପକୁ ଦୋହରାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମାନ୍ୟବର ପ୍ରଧାନମନ୍ତ୍ରୀ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ ଅଧୀନରେ ୧୦୦ ଟି ବିଦ୍ୟୁତ ଚାଳିତ ବସ୍ ର ଶୁଭାରମ୍ଭ କରିଛନ୍ତି । ପୁରୀ, ଭୁବନେଶ୍ୱର ଓ କଟକର ୧୧ଟି ରୁଟ୍ ରେ ପୂର୍ବରୁ "ଆମ ବସ" ସେବା ଜାରି ଥିବା ବେଳେ, ଏହି ୧୦୦ଟି ବସ୍ ଯୋଡି ହେବା ପରେ କ୍ୟାପିଟାଲ ରିଜିଅନରେ ଆଉ ୮ଟି ନୂଆ ରୁଟ୍ ରେ "ଆମ ବସ୍" ସେବା ପ୍ରଦାନ କରାଯିବ । ନୂତନ ଭାବେ ନିର୍ମିତ ନରାଜ ଇଲେକ୍ଟ୍ରିକ୍ ବସ୍ ଡିପୋ ମଧ ଉଦଘାଟିତ ହୋଇଛି । ଏହି ୧୦୦ଟି ନୂଆ ଇଲେକ୍ଟ୍ରିକ୍ ବସ୍ ନରାଜ ଡିପୋରୁ ହିଁ ଚଳାଚଳ କରିବ ।ଏହି ନରାଜ ବସ୍ ଡିପୋ ସମ୍ପୂର୍ଣ୍ଣ ଭାବେ ଅତ୍ୟାଧୁନିକ ଗ୍ରିନ ବିଲ୍‌ଡିଙ୍ଗ ଟେକ୍ନୋଲୋଜିର ନିର୍ମାଣ ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦୁପତ୍ର ସଂଘ

ଭୁବନେଶ୍ୱର, ୨୨/୬ (ନି.ପ୍ର): ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜିନାଲ ଷ୍ଟାଫଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠିରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରିଥିବାରୁ ଆଜି ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ବିଭିନ୍ନ ଜିଲ୍ଲାରୁ ଶହ ଶହ ସଂଖ୍ୟାରେ ଆସିଥିବା ଓଡିଶା କେନ୍ଦୁପତ୍ର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ । ବରଗଡ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ସଂଘର ସଦସ୍ୟମାନଙ୍କ ସହିତ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟର ୨୨ଟି ଜିଲ୍ଲାରେ ୧୯ଟି ଡିଭିଜନ ଅଧିନରେ ପ୍ରାୟ ୯ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାର ମାଧ୍ୟମ ହେଉଛି କେନ୍ଦୁପତ୍ର । ମୁଖ୍ୟମନ୍ତ୍ରୀ ନିକଟରେ ଦେବଗଡ ଗସ୍ତ ସମୟରେ ରାଜ୍ୟର କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜିନାଲ ଷ୍ଟାଫଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ । ଏହି ସହାୟତାରେ ସେମାନଙ୍କ ପାଇଁ ଚପଲ, କେରି ବନ୍ଧା କପଡା, ଟୋପି, ମଶାରି ଓ କମ୍ବଳ ବାବଦକୁ ଅର୍ଥ ରାଶି ରହିଛି । ରାଜ୍ୟର ୨୨ଟି ଜିଲ୍ଲାରୁ ଆସିଥିବା ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଆପଣଙ୍କ ବିକାଶ ଓ କଲ୍ୟାଣ ପାଇଁ ତତ୍ପର ଅଛନ୍ତି । ନୂଆ ସରକାର ଗରିବ କଲ୍ୟାଣ ପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିଛନ୍ତି ।

# ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ବାର୍ଷିକ ମଧବର୍ତ୍ତୀକାଳୀନ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨୨/୬ (ନି.ପ୍ର): ବୟସ୍କମାନଙ୍କୁ ବୋଝ ନ ଭାବି ସମ୍ମି ଭାବେ ସମ୍ମାନ ପ୍ରଦର୍ଶନ କରିବା ଉପରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ଶନିବାର ହାଇଟେକ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ୍ ଠାରେ ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ବାର୍ଷିକ ମଧବର୍ତୀକାଳୀନ ସମ୍ମିଳନୀକୁ ରାଜ୍ୟପାଳ ଉଦଘାଟନ କରି ଏହା କହିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଆମ ପରିବାର, ସମାଜ ଓ ରାଷ୍ଟ୍ର ପ୍ରତି ଅପାର ଅବଦାନ ରଖିଥିବା ବୟସ୍କ ନାଗରିକମାନେ ସର୍ବୋଚ୍ଚ ସମ୍ମାନ, ଯତ୍ନ ଏବଂ ମର୍ଯ୍ୟାଦା ପାଇବାର ହକଦାର । କିନ୍ତୁ ପରିତାପର ବିଷୟ ଯେ, ବର୍ତମାନ ସମୟରେ ପରିବାରରେ ବୟସ୍କମାନଙ୍କ ପ୍ରତିଥିବା ସମ୍ମାନର ମୂଲ୍ୟବୋଧ କ୍ଷୟ ପାଇବାରେ ଲାଗିଛି । ଆଜିକାଲି ବୟସ୍କମାନେ ପରିବାରରେ ତଥା ସମାଜରେ ଅବହେଳା, ଏକଲାପଣ ଏବଂ ନିର୍ଯ୍ୟାତନାର ସମ୍ମୁଖୀନ ହେଉଛନ୍ତି । ଏହା କେବଳ ଏକ ସାମାଜିକ ଚିନ୍ତାର ବିଷୟ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ନୈତିକ ଆହ୍ୱାନ ଭାବେ ଉଭା ହୋଇଛି । ବାର୍ଦ୍ଧକ୍ୟ ଏକ ଅପରିବର୍ତ୍ତନୀୟ ଏବଂ ପ୍ରାକୃତିକ ପ୍ରକ୍ରିୟା ଯାହା ମାନବ ଶରୀରର ସମସ୍ତ ଅଙ୍ଗକୁ ପ୍ରଭାବିତ କରେ । ବୟସ୍କ ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ରୋଗ ପ୍ରାୟତଃ ଉଚ୍ଚ ରକ୍ତଚାପ, ମଧୁମେହ, ହାଇପରଥାଇର ଏଡ଼୍‌ଜିମ୍, ଡିମେନ୍ସିଆ ଏବଂ ପାର୍କିନସନ୍ସ ଇତ୍ୟାଦି ରୋଗରେ ପୀଡିତ ହୁଅନ୍ତି । ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସହିତ ଯଥେଷ୍ଟ ଆର୍ଥିକ ଯୋଜନା କିମ୍ବା ସହଯୋଗ ଅଭାବରୁ ଅନେକ ବୟସ୍କ ନାଗରିକ ଘରୋଇ ନିର୍ଯ୍ୟାତନା, ଅବହେଳା ଏବଂ ଆର୍ଥିକ ନିର୍ଭରଶୀଳତାର ସମ୍ମୁଖୀନ ହୁଅନ୍ତି । ଚିନ୍ତା, ଅବସାଦ, ଏକଲାପଣ ଏବଂ ପାରିବାରିକ କଳହ ଭଳି ପରିସ୍ଥିତି ବାର୍ଦ୍ଧକ୍ୟର ବୋଝକୁ ବହୁଗୁଣିତ କରେ ବୋଲି ରାଜ୍ୟପାଳ କହିବା ସହିତ ବୟସ୍କଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏହି ସମସ୍ୟାର ନିରାକରଣ ଏକାନ୍ତ ଜରୁରୀ ବୋଲି କହିଥିଲେ । ରାଜ୍ୟପାଳ ପୁଣି କହିଥିଲେ ଯେ ଏ କ୍ଷେତ୍ରରେ ଚିକିତ୍ସା ବିଶେଷଜ୍ଞ ଭାବରେ ଜେରିଆଟ୍ରିକ୍ସଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । କେବଳ ବୃଦ୍ଧାବସ୍ଥାରେ ରୋଗର ଚିକିତ୍ସା ନୁହେଁ ବରଂ ବୟସ୍କମାନଙ୍କ ଶାରୀରିକ, ଭାବନା ଏବଂ ମାନସିକ ଆବଶ୍ୟକତାକୁ ବୁଝିବା ଜରୁରୀ । ଜେରିଆଟ୍ରିକ୍ ପ୍ରଫେସନାଲମାନେ ବୟସ୍କ ରୋଗୀମାନଙ୍କୁ ସମ୍ବେଦନଶୀଳତାର ସହ ଯତ୍ନ ନେବାର ଗୁରୁ ଦାୟିତ୍ୱ ବହନ କରନ୍ତି ବୋଲି ରାଜ୍ୟପାଳ କହିଥିଲେ । ଏହି ସମ୍ମିଳନୀ ବୟସ୍କ ସ୍ୱାସ୍ଥ୍ୟ ସେବାରେ ବିକଶିତ ଧାରାର ପ୍ରତିଫଳନ ହେବ ଏବଂ କ୍ଲିନିକାଲ୍ ଓ ଗୋଷ୍ଠୀ ଆଧାରିତ ହସ୍ତକ୍ଷେପ ପାଇଁ ଅଭିନବ କୌଶଳ ସମ୍ପର୍କରେ ଆଲୋଚନା କରିବା ପାଇଁ ସମୟ ଉପଯୋଗୀ ମଞ୍ଚ ହେବ ବୋଲି କହିବା ସହିତ ଏ ଦିଗରେ ପ୍ରୟାସ ପାଇଁ ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆକୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହ ପ୍ରଶଂସା କରିଥିଲେ । ଏହି ସମାରୋହରେ ଏମ୍ସ, ଅବନ୍ତିପୁରା (ଜମ୍ମୁ ଓ କାଶ୍ମୀର)ର ଏକଜିକ୍ୟୁଟିଭ ଡିରେକ୍ଟର ତଥା ସି.ଇ. ଓ. ଡ଼ା. ସଚ୍ଚିଦାନନ୍ଦ ମହାନ୍ତି, ହାଇଟେକ୍ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟର ଚେଆରମ୍ୟାନ ଡ଼ା. ତିରୁପତି ପାଣିଗ୍ରାହୀ, ଜି.ଏସ.ଆଇ.ର ପ୍ରେସିଡେଣ୍ଟ ଡ଼ା. ଅତୁଲ କୁଳଶ୍ରେଷ୍ଠ, ସେକ୍ରେଟାରୀ ଜେନେରାଲ ଡ଼ା. ଓମ୍ ପ୍ରକାଶ ଶର୍ମା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଆୟୋଜକ କମିଟିର ଚେଆରମ୍ୟାନ୍ ଡ଼ା. ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ବେତନଟୀ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଆସନ୍ତା ୨୫ରେ

ବୈଶିଙ୍ଗା , ୨୨/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସାଧାରଣ ଲୋକଙ୍କ ଅଭାବ ଅଭିଯୋଗ ଶୁଣିବା ପାଇଁ ଜିଲ୍ଲାପାଳ ମହୋଦୟ ପ୍ରତି ମାସ ୪ଟି ସୋମବାର ରେ ସବଡିଭିଜନ ସ୍ତରୀୟ ଜନଶୁଣାଣୀ ଶିବିର ଯଥା ବାରିପଦା,କପ୍ତିପଦା, କରଞ୍ଜିଆ ଓ ରାଇରଙ୍ଗପୁର ଠାରେ କରିଥାନ୍ତି । ବେତନଟୀ ବ୍ଲକର ଉପାନ୍ତ ଅଞ୍ଚଳରୁ ସଦର ମହକୁମା ବାରିପଦା ଯିବା ପାଇଁ ୫୫/୬୦କିଲୋମିଟର ରାସ୍ତା ଅତିକ୍ରମ କରି ଯିବାକୁ ପଡିଥାଏ, ଫଳରେ ବହୁଲୋକ ଯାଇ ପାରନ୍ତି ନାହିଁ। ସେ ସବୁକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବେତନଟୀ ଠାରେ ଏହି ଜନ ଶୁଣାଣି ଶିବିର ଆୟୋଜନ ର ନିର୍ଦ୍ଦେଶ ଦେଇଥିବା ଖବର ପାଇ ଅଞ୍ଚଳବାସୀ ନିଜ ଦୁଃଖ ଜଣାଇବା ପାଇଁ ଖୁସି ଥିବା ଜଣାଯାଇଛି। ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ପାଇଁ ବୁଧବାର ୨୫ ଜୁନ ଦିନ ଧାର୍ଯ୍ୟ କରଯାଇଛି। ଏହିଦିନ ୧୦ ଟା ଠାରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଜିଲ୍ଲାପାଳ , ଏସ୍ ପି , ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସମେତ ବଡ଼ସାହି ବ୍ଲକ୍ ର ସମସ୍ତ ଅଧିକାରୀ ଙ୍କୁ ନେଇ ଏହି ଜନ ଶୁଣାଣି ଆୟୋଜିତ ହେବାକୁ ଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ବେତନଟୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ମାନଙ୍କରେ ସରକାରଙ୍କ ପକ୍ଷରୁ ଚାଲିଥିବା କାର୍ଯ୍ୟରେ ବ୍ୟାପକ ଆର୍ଥିକ ତୋଷରପାତ ଅଭିଯୋଗ ହୋଇଛି। ମନରେଗା ଯୋଜନାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକରେ ଗରିବ ଦିନ ମଜୁରିଆଙ୍କୁ କାମରେ ନଲଗାଇ ଜେସିବି ସମେତ ଅନ୍ୟାନ୍ୟ ମେସିନ ସହାୟତାରେ କାମ ଚାଲିଥିବାବେଳେ ବିଡ଼ିଓ ସୁଶାନ୍ତ କୁମାର ସୁତାର ନିଜେ ଗୋଟିଏ ପୋଖରୀ ଖନନ କାମ କରୁଥିବା ସମୟରେ ଫଟୋ ଉଠାଇ ଜନମତକୁ ବିଭ୍ରାନ୍ତ କରିବା ପାଇଁ ଏହାକୁ ଭାଇରାଲ କରୁଥିବାର ଅଭିଯୋଗ ମଧ୍ୟ ଆସୁଛି। ଲୋକପ୍ରତିନିଧିଙ୍କ ମତାମତ ନନେଇ ଗ୍ରାମସଭାରେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ବାବଦରେ ସହମତି ନଥାଇ ଶାସକ ଦଳର କର୍ମୀମାନଙ୍କ ଚାପରେ ପ୍ରକଳ୍ପ ଅନୁମୋଦନ କରାଯାଉଥିବା ପ୍ରତିବାଦରେ ନିକଟରେ ହାତୀଝୁରୀ ପଞ୍ଚାୟତର ଆଠ ଜଣ ୱାର୍ଡ ସଭ୍ୟ ବିଡ଼ିଓଙ୍କୁ ଇସ୍ତଫା ପତ୍ର ଦେଇଥିବା ଘଟଣା ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି। ଅନ୍ୟପକ୍ଷରେ ସପ୍ତାହେ ତଳେ ବିଧାୟକଙ୍କ ଅନୁଗତ ଗୋଷ୍ଠୀ ଓ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ମଧ୍ୟରେ ବ୍ଲକ ପରିସରରେ ଠିକା କାମକୁ ନେଇ ପରସ୍ପର ମଧ୍ୟରେ ଆକ୍ରମଣ ଘଟଣାରେ ଲହୁ ଲୁହାଣ ହେବାପରେ ବେତନଟୀ ଥାନାରେ କେସ୍ ରୁଜୁ ହୋଇ ତଦନ୍ତ ଚାଲିଛି। ସେହିଭଳି ବୈଶିଙ୍ଗା ଡାହିବାଡି ସାପ୍ତାହିକ ହାଟରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ଆର୍ଥିକ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଥିବା ଘଟଣା ସମୂହ ପାଇଁ ଆଗାମୀ ଜନଶୁଣାଣୀ ଶିବିର ଅତ୍ୟାବଶ୍ୟକ ଥିବା ବେଳେ ଏହା କିନ୍ତୁ ଖୁବ୍ ଆକ୍ରାମକ ହେବାନେଇ ରାଜନୈତିକ ତଥ୍ୟାଭିଜ୍ଞ ମହଲରେ ପୂର୍ବାନୁମାନ କରାଯାଉଛି। ଜିଲ୍ଲାପାଳ ଙ୍କ ଚିଠିରେ ବିଧାୟକ ଙ୍କ ନାମ ଉଲ୍ଲେଖ ନ ଥିଲେ ମଧ୍ୟ ବିଧାୟକ ଉପସ୍ଥିତ ରହିବେ ବୋଲି ଶୁଣାଯାଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ତୃତୀୟ ବିଶ୍ୱଯୁଦ୍ଧ...

କୌଣସି ରେଡିଓ ଆକ୍ଟିଭ୍ ନିର୍ଗମନ ହୋଇନି । ଯାହା ଆମେରିକାର ଗୁଇନ୍ଦା ସଂସ୍ଥାର ବିଫଳତାକୁ ପଦାରେ ପକାଇଛି ବୋଲି ସେ ଦାବି କରିଛନ୍ତି । ଭାରତର ଶାନ୍ତି ବାର୍ତ୍ତା । ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦୀ । ଫୋନ୍‌ରେ ମସୁଦ ପେଜେସିକଆନଙ୍କ ସହ ଯୁଦ୍ଧ ବାବଦରେ ଆଲୋଚନା କରିଛନ୍ତି । ଏନେଇ ସୋସିଆଲ ମିଡିଆରେ ପୋଷ୍ଟ କରି ସୂଚନା ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଇରାନକୁ ତିକ୍ତତା କମ୍ କରି ଶାନ୍ତି ଦିଗରେ କାମ କରିବାକୁ ଭାରତ ଅପିଲ କରିଛି । କ୍ଷେତ୍ରିୟ ଶାନ୍ତି, ସୁରକ୍ଷା ଓ ସ୍ଥିରତା ଉପରେ ଗୁରୁତ୍ୱ ଦେଇ କୂଟନୀତି ଆଲୋଚନରେ ତିକ୍ତତାର ସମାଧାନ କରିବାକୁ ଭାରତ ଇରାନକୁ ଅପିଲ କରିଛି । ଏଥିସହ ଯୁଦ୍ଧ ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଛି ଭାରତ ।

### ତ୍ରୁଟିଶୂନ୍ୟ ରଥଯାତ୍ରାକୁ ...

୧୦ ହଜାର ସୁରକ୍ଷା କର୍ମୀ ମୁତୟନ ହେବେ । ସୁରକ୍ଷା ପାଇଁ ଡ୍ରୋନର ସହାୟତା ନିଆଯିବ । ପୁରୀକୁ ଜଗିବ ୨୭୫ଟି ଇଓ କ୍ୟାମେରା । ଆଜି ରଥଯାତ୍ରା ସମ୍ପର୍କିତ ସ୍ୱତନ୍ତ୍ର ସମୀକ୍ଷା ବୈଠକ ପରେ ଏହି ସୂଚନା ଦେଇଛନ୍ତି ପୋଲିସ ଡିଜି ୱାଇ.ବି. ଖୁରାନିଆ । ରଥଯାତ୍ରା ପାଇଁ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ । ୧୦ ହଜାର ସୁରକ୍ଷାକର୍ମୀ ମୁତୟନ ହେବେ । କୁଇକ୍ ରେସପନ୍ସ ଟିମ୍ ଓ ଡ୍ରୋନର ସହାୟତା ନିଆଯିବ ବୋଲି ଡିଜିପି କହିଛନ୍ତି ।

### ମାଓବାଦୀଙ୍କ ସହ କୌଣସି ...

ଏହା ସହିତ ନକ୍ସଲଙ୍କ ସହ କୌଣସି ପ୍ରକାରର ଆଲୋଚନା କରିବାକୁ ମନା କରି ଦେଇଛନ୍ତି। ନକ୍ସଲଙ୍କ ସହ ଆଲୋଚନାର କୌଣସି ଆବଶ୍ୟକତା ନାହିଁ।ନକ୍ସଲ ହତିଆର ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ସେ ନକ୍ସଲଙ୍କୁ ଆତ୍ମ ସମର୍ପଣ କରି ସରକାରଙ୍କ ଆତ୍ମ ସମର୍ପଣ ନୀତିର ଲାଭ ନେବାକୁ ଅପିଲ୍ କରିଛନ୍ତି। ଏମିତି ହେଲେ ମୁଁ ସେମାନଙ୍କୁ ହୃଦୟରୁ ସ୍ୱାଗତ କରିବି। ମୁଁ ସେହି ସମସ୍ତ ଲୋକଙ୍କୁ ଭରସା ଦେବାକୁ ଚାହୁଁଛି ଯେ, ଛତିଶଗଡ଼ ସରକାର ଓ କେନ୍ଦ୍ର ସରକାର ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାକୁ ଯେ କୌଣସି ସ୍ଥିତିରେ ବି ପୂରା କରାଯିବ। ସବୁ ପ୍ରକାରର ସହଯୋଗ ଦେବାକୁ ଚେଷ୍ଟା କରିବୁ।

### ପହଲଗାମ ଆତଙ୍କୀଙ୍କୁ ଘରେ...

ଏମାନଙ୍କୁ ପଚରାଉଚରା ବେଳେ ଏମାନେ ପହଲଗାମ ଆତଙ୍କୀ ଆକ୍ରମଣରେ ସାମିଲ ତିନିଜଣ ଆତଙ୍କବାଦୀଙ୍କ ପରିଚୟ ଓ ଠିକଣା ବାବଦରେ ସୂଚନା ଦେଇଛନ୍ତି । ଏହାକୁ ନେଇ ଏନ୍‌ଆଇଏ ପକ୍ଷରୁ କୁହାଯାଇଛି ଯେ, "ଏନ୍‌ଆଇଏ ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଏକ ବଡ଼ ସଫଳତା ହାସଲ କରିଛି । ଆତଙ୍କବାଦୀଙ୍କୁ ଶରଣ ଦେଇଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି । ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କ ଜୀବନ ଚାଲିଯାଇଥିଲା ଓ ୧୬ ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ଆତଙ୍କବାଦୀଙ୍କ ପରିଚୟ ବାବଦରେ ସୂଚନା ଦେଇଛନ୍ତି । ଏମାନେ ପାକିସ୍ତାନର ନାଗରିକ ଥିଲେ, ଯେଉଁମାନେ ପ୍ରତିବନ୍ଧିତ ଆତଙ୍କୀ ସଂଗଠନ ଲସ୍କର-ଏ-ତୋଏବା ସହ କାମ କରନ୍ତି ।" ପରବେଜ ନାମକ ବ୍ୟକ୍ତି ଜମ୍ମୁ-କାଶ୍ମୀରର ବଟକୋଟ ଅଧିବାସୀ । ବଶୀର ପହଲଗାମ୍‌ର ହିଲ୍‌ପାର୍କରେ ରହି ଆସୁଥିଲା । ଏନ୍‌ଆଇଏ ଯାଞ୍ଚ ମୁତାବକ ପରବେଜ ଓ ବଶୀର ଆକ୍ରମଣ ପୂର୍ବରୁ ଜାଣିଶୁଣି ତିନି ଜଣ ସଶସ୍ତ୍ର ଆତଙ୍କବାଦୀଙ୍କୁ ପହଲଗାମ ହିଲ୍‌ପାର୍କ ନିକଟରେ ଏକ ଝୁପୁଡ଼ିରେ ଶରଣ ଦେଇଥିଲେ । ଏହାପରେ ଏପ୍ରିଲ ୨୨ ତାରିଖରେ ଆତଙ୍କବାଦୀମାନେ ବୈସରନ ଘାଟିରେ ବର୍ବରକାଣ୍ଡ ଘଟାଇଥିଲେ । ଟଇଚଇ ଧାରା ୧୯ ମୁତାବକ ଦୁଇ ଜଣଙ୍କୁ ଗିରଫ କରିଛି ଏନ୍‌ଆଇଏ ।

# ଭାରତର ବିଜ୍ଞାନ ଓ ଦର୍ଶନ ବିଶ୍ୱବାସୀଙ୍କୁ ଅବଗତ କରାଇବା ପାଇଁ ଯୋଗ ଦିବସ ହିଁ ସୃଷ୍ଟି କରିଛି କ୍ଷେତ୍ର : ପ୍ରମିଳା ପଣ୍ଡା




ଉଦଳା , ୨୨/୬ (ନି.ପ୍ର): ଭାରତର ବିଜ୍ଞାନ ଓ ଦର୍ଶନ ବିଶ୍ୱବାସୀଙ୍କୁ ଅବଗତ କରାଇବା ପାଇଁ ଯୋଗ ଦିବସ ହିଁ କ୍ଷେତ୍ର ସୃଷ୍ଟି କରିଛି ବୋଲି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ବ୍ୟକ୍ତ କରିଛନ୍ତି । ଏକଲ ଅଭିଯାନ ପୂର୍ବଭାଗ ବାରିପଦା ଅଂଚଳର ନେତୃତ୍ୱରେ ପୋଡ଼ାଶୋଳ ଠାରେ ଏବଂ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ହୋଟେଲ ସିପ୍ରନଇନ ପରିସରରେ ଆୟୋଜିତ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉତ୍ସବରେ ନଗରପାଳ ଶ୍ରୀମତି ପଣ୍ଡା ଅତିଥି ଭାବରେ ଯୋଗ ଦେଇ ଏହା ବକ୍ତବ୍ୟ ମାଧ୍ୟମରେ କହିଥିବାର ଜଣାଯାଇଛି । ବିଶ୍ୱବାସୀଙ୍କ ପାଇଁ ଏହିଭଳି ଏକ ସୁଯୋଗ ସୃଷ୍ଟି କରିବାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରସଂଶା କରିଛନ୍ତି । ପୋଡ଼ାଶୋଳ ଠାରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗଗନବିହାରି ପାଢ଼ି, କାର୍ତିକ ଜେନା, ଅଜିତ ମହାନ୍ତି, ହରିହର ତ୍ରିପାଠୀ ଓ ଇତି ମିଶ୍ର ଯୋଗ ଦେଇଥିବା ବେଳେ ଉଦଳାରେ ବିଧାୟକ ଭାସ୍କର ମଢ଼େଇ, ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା, ସମନ୍ୱିତ ଆଦିବାସି ଉନ୍ନୟନ ବିଭାଗର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଯୋଗ ଶିକ୍ଷକ ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିବାର ଜଣାଯାଇଛି ।

## ୩୭ ପଞ୍ଚାୟତ ବୁଲିଲା ବିକାଶ ବାହନ ରଥ

ଖଇରା, ୨୨/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ବାର୍ତ୍ତାକୁ ଜନସାଧାରଣ ନିକଟରେ ପହଞ୍ଚାଇବାକୁ ୧୨ ତାରିଖରୁ ପରିକ୍ରମା କରୁଥିବା ବିକାଶ ବାହନ ରଥ ୧୨ ତାରିଖରେ ଶୁଭାରମ୍ଭ ହୋଇ ୨୧ତାରିଖରେ ଶେଷ ହୋଇଛି । ୩୭ ପଞ୍ଚାୟତରେ ମୋଟ ୧୬୩ଜଣଙ୍କୁ ଖାଦ୍ୟ ସରକ୍ଷା କାର୍ଡ ଓ ୧୪୯ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ଶେଷ କାର୍ଯ୍ୟକ୍ରମ ଭାବେ ରଥ ଡଗରପଡା ପଞ୍ଚାୟତରେ ପହଞ୍ଚିବା ପରେ ସରପଞ୍ଚ ରତ୍ନାକର ଦଳେଇ ଓ ସମିତିସଭ୍ୟ ବିଦ୍ୟାଧର ଦଳେଇ, ଅଙ୍ଗନୱାଡି ସୁପରଭାଇଜର ସ୍ୱାଗତ କରିଥିଲେ ।

## ଅଣ୍ଡା ଭାତଖାଇ କଳାକନା ବୁଲାଇଲେ ଦୁର୍ବୃତ୍ତ

ନୀଳଗିରି, ୨୨/୬ (ନି.ପ୍ର): ନୀଳଗିରିରେ ପୁଣି ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ଘରେ କେହିନଥିବା ସମୟରେ ତାଲାଭାଙ୍ଗି ଘରେ ପଶିବା ସହ ଘରେ ଅଣ୍ଡାଭାତ ରାନ୍ଧି ଖାଇବା ସହ ସବୁ ସୁନାଗହଣା ଲୁଟି ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ। ସୂଚନା ମୁତାବକ ନୀଳଗିରି ଥାନା ଅଧୀନ ନରସିଂହପୁର ପଞ୍ଚାୟତ ତିନିଦେଶ ଗ୍ରାମର କନକଲତା ମହାପାତ୍ର ପରିବାର ସହିତ ଘରୋଇ କାର୍ଯ୍ୟରେ ୨ ଦିନ ପାଇଁ ବାହାରକୁ ଯାଇଥିବା ସମୟରେ କେହି ଦୁର୍ବୃତ୍ତ ଘରେ ପଶି ଘରେ ଥିବା ସମସ୍ତ ସୁନାଗହଣା ଓ ବାସନ ଲୁଟିନେଇଛନ୍ତି। କେବଳ ସେତିକି ନୁହେଁ ଚୋରମାନେ ଘରେ ପଶି ଅଣ୍ଡା ଓ ଭାତ ରାନ୍ଧି ଖାଇବା ସହ ଘରେ ସମସ୍ତ ସୁନାଗହଣା ଲୁଟିନେଇଥିଲେ। ନୀଳଗିରିରେ ବାରମ୍ବାର ଚୋରି ହେଉଥିବା କାରଣରୁ ପୋଲିସ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି ଅଞ୍ଚଳବାସୀ।

# କମୁଛି ସୁବର୍ଣ୍ଣରେଖା ନଦୀର ବନ୍ୟା: ବଢ଼ିଛି ଲୋକଙ୍କ ଦୁର୍ଦ୍ଦଶା

## ମିଳିଲା ନିଖୋଜ ଯୁବକର ମୃତଦେହ



ବାଲିଆପାଳ , ୨୨/୬ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ବାଲିଆପାଳ ବ୍ଲକର ବ୍ୟାପକ ଅଂଚଳରେ ଗତ ଦୁଇଦିନ ଧରି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଆଜି ସୁବର୍ଣ୍ଣରେଖା ନଦୀର ଜଳସ୍ତର ହ୍ରାସ ପାଇ ଏହାର ସତର୍କ ସଙ୍କେତ ତଳେ ପ୍ରବାହିତ ହେଉଥିଲେ ମଧ୍ୟ ନିମ୍ନ ଅବବାହିକାରେ ଥିବା ବାଲିଆପାଳ ବ୍ଲକର ଆଜି ମଧ୍ୟ ବନ୍ୟା ପରିସ୍ଥିତି ଅପରିବର୍ତିତ ରହିଛି ।ତେବେ ବନ୍ୟାରେ ଭାସିଯାଇ ନିଖୋଜ ହୋଇଯାଇଥିବା ଭୋଗରାଇ ବ୍ଲକ କୁହ୍ଲା ଗ୍ରାମର ମହେଶ୍ୱର ପିଳା ଙ୍କ ମୃତ ଦେହ କୁ ଏନଡିଆଏଏଫ ଟିମ ଉଦ୍ଧାର କରିଛନ୍ତି ।ପ୍ରଶାସନ ପକ୍ଷରୁ ମୃତକ ଙ୍କ ପରିବାରକୁ ୨୫ ହଜାର ଟଙ୍କାର ରେଡକ୍ରସ ସହାୟତା ଯୋଗଇଦେବା ସହ ଡଗରା ବେଳାଭୂମିରେ ଶବଦାହର ବ୍ୟବସ୍ଥା କରାଯାଇଥିଲା ।ତେବେ ଏହି ବନ୍ୟାରେ ପ୍ରଭାବିତ ଗ୍ରାମର ଲୋକଙ୍କ ଦୁର୍ଦ୍ଦଶା ବଢିଛି । ଏହି ବନ୍ୟାରେ ବାଲିଆପାଳ ବ୍ଲକର ୧୦ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମ ବିଶେଷ ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ଏବେବି ଏହିସବୁ ଗ୍ରାମାରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି । କୁଦମାନସିଂ, ଆଠବାଟିଆ, ରାଉତୁରାପୁର, ତଳ ବାଲିଆପାଳ, ଶୁଙ୍ଘମୁହଁ, ପାଳଚମ୍ପେ, ବିଷ୍ଣୁପୁର, ଇକଡପାଳ, ଚୌଧୁରିକୁଦ, କୁହ୍ଲାଚଡ, ବଡତାଳପଦା , ନଖପାଳ ପ୍ରଭୃତି ଗ୍ରାମ ସଂପୂର୍ଣ୍ଣ ରୂପେ ବାହ୍ୟ ଜଗତରୁ ବିଛିନ୍ନ ହୋଇଛି । ବନ୍ୟା ଯୋଗୁଁ ଗତ ୨ ଦିନ ହେଲା ଗ୍ରାମର ଅନେକ ଲୋକଙ୍କ ଘରେ ଚୁଲି ଜଳିନଥିବା ବେଳେ ସେମାନେ ଭୋକ ଉପବାସରେ ଦିନ ବିତାଉଛନ୍ତି । ପିଇବା ପାଣି ପାଇଁ ଲୋକେ ସବୁଠାରୁ ଅଧିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ନଳକୂପ ଗୁଡିକ ପାଣିରେ ବୁଡି ରହିଥିବାରୁ ଲୋକେ ଦୁଷିତ ପାଣି ପିଇବାକୁ ବାଧ ହେଉଛନ୍ତି । ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଲୋକମାନେ ଟ୍ୟାଙ୍କର ପାଖକୁ ପାଣି ନେବାପାଇଁ ଅଣ୍ଟେ ପେଟେ ପାଣିରେ ପଶି ରାସ୍ତା ଉପରକୁ ଆସିବାକୁ ପଡୁଛି ।ତେବେ ଏହା ପର?ୟାପ୍ତ ନୁହଁ ବୋଲି ବହୁ ବିପନ୍ନ ଅଭିଯୋଗ କରିଛନ୍ତି । ବନ୍ୟା ଯୋଗୁଁ ଗୃହପାଳିତ ପଶୁ ଘରୁ ପଦାକୁ ବାହାରି ନପାରି ଭୋକିଲା ଅଛନ୍ତି । ବନ୍ୟାପାଣି ହ୍ରାସ ହେଉଥିଲେ ମଧ୍ୟ ବାଲିଆପାଳ ବ୍ଲକରେ ବନ୍ୟାପାଣି ସମ୍ପୂର୍ଣ୍ଣ ଛାଡିବାକୁ ଆହୁରି ଦିନେ ଦୁଇଦିନ ଲାଗିବ । ତେବେ ପ୍ରଶାସନ ପକ୍ଷରୁ ଲୋକମାନଙ୍କ ପାଖରେ ରିଲିଫ ପହଂଚାଇ ନପାରିବା ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି । ତେବେ ବନ୍ୟାପରେ ଗ୍ରାମବାସୀ ମାନେ ଝାଡାବାନ୍ତି ରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଥିବାରୁ ପ୍ରସାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ନଳକୂପ ଏବଂ ଗ୍ରାମ ଗୁଡିକ ବିଶୋଧନ ପାଇଁ ଦାବି ହୋଇଛି । ।ସେହିପରି ଶହ ଶହ ଏକର ଜମିରେ ହୋଇଥିବା ପରିବା ଚାଷ ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି । ବାଲେଶ୍ୱର ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ଜ୍ୟୋସ୍ନାରାଣି ନାୟକ ବିଭିନ୍ନ ବନ୍ୟାଅଂଚଳ ବୁଲି ସ୍ଥିତି ଉପରେ ନଜର ରଖିଛନ୍ତି । ପ୍ରଶାସନ ପକ୍ଷରୁ ୬ଟି ପଞ୍ଚାୟତର ୧୮ ହଜାର ଲୋକଙ୍କ ପାଇଁ ୯୫ କୁଇଣ୍ଟାଲ ଚୁଡା ୧୦ କୁଇଣ୍ଟାଲ ଗୁଡ ଏବଂ ପାଣି ବୋତଲ ଯୋଗାଇ ଦିଆଯାଇଥିବା ବାଲିଆପାଳ ବ୍ଲକ ବନ୍ୟା ଦାୟିତ୍ୱରେ ଥିବା ବାଲେଶ୍ୱର ଉପଜିଲ୍ଲାପାଳ ଡା ମଧୁସ୍ମିତା ସାମନ୍ତରାୟ କହିଛନ୍ତି ।ସେହିପରି ବିଭିନ୍ନ ସ୍ଥାନରେ ୬ଟି ପାଓାର ବୋଟ ନିୟୋଜିତ ହୋଇଛି ।ବିପନ୍ନ ଙ୍କ ପାଖରେ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ସାମଗ୍ରୀ ପହଂଚାଇବା ପାଇଁ ବ୍ଲକ ତଥା ପଞ୍ଚାୟତର ସମସ୍ତ ଅଧିକାରୀ ମାନଙ୍କୁ ନେଇ ଏକାଧିକ ଟିମ ଗଠନ କରାଯାଇଥିବା କହିଛନ୍ତି ।ସେହିପରି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ୬ଟି ଟିମ କରାଯାଇ ବିଭିନ୍ନ ଅଂଚଳରେ ସ୍ୱାସ୍ଥ୍ୟସେବା ତଦାରଖ କରାଯାଉଥିବା ଉପଜିଲ୍ଲାପାଳ ଡ.ସାମନ୍ତରାୟ କହିଛନ୍ତି ।ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଗ୍ରାମ ଗୁଡିକର ସ୍ଥିତି ଅନୁଧ୍ୟାନ କରି ଲୋକଙ୍କୁ ସହାୟତା ଯୋଗଇ ଦେବାକୁ ଦାବି ହେଉଛି ।

# କୁଅଁରପୁର ଆୟୁଷଗ୍ରାମ ଓ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ୧୧ତମ ଅନ୍ତର୍ଜାତିକ ଯୋଗଦିବସ ପାଳନ



ବାଲେଶ୍ୱର, ୨୨/୬ (ନି.ପ୍ର): କୁଅଁରପୁରସ୍ଥିତ ଆୟୁଷଗ୍ରାମ ଓ ଆୟୁଷ୍ମାନ୍ ଆରୋଗ୍ୟକେନ୍ଦ୍ର ଦ୍ୱାରା ୧୧ତମ ଯୋଗ ଦିବସ ପାଳିତ ହୋଇଯାଇଅଛି। ଆରୋଗ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଲୋପାମୁଦ୍ରା ମହାନ୍ତିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାରେ ଡା. ଜୟନ୍ତ ପ୍ରଧାନ, ଆୟୁର୍ବେଦିକ ଚିକିତ୍ସାଧିକାରୀ ମୁଖ୍ୟଅତିଥି ଓ ଆୟୁଷ ବିକାଶ ମଂଚର ସାଧାରଣ ସଂପାଦକ ହିମାଂଶୁ ଶେଖର ଦାସ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଯୋଗ କେବେବି ଶାରୀରିକ ସୁସ୍ଥତା ଗଠନର ଅଭ୍ୟାସ ନୁହେଁ ଏହା ହେଉଛି ମନ, ଶରୀର ଓ ଚେତନାର ସମନ୍ୱୟ। ଏହା ଆମର ଆତ୍ମାକୁ ଧାର୍ମିକ ପଥରେ ଆଗେଇନେବାର ଏବଂ ସୁସ୍ଥ ସଚେତନ ଜୀବନ ଗଠନ କରିବାର ମୁଖ୍ୟଭୂମିକା ନିର୍ବାହ କରିଥାଏ ବୋଲି ମତପୋଷଣ କରିଥିଲେ। ଯୋଗଶିକ୍ଷକ ମନୋଜ କୁମାର ଦେ ଓ ଶିକ୍ଷୟିତ୍ରୀ ଅନୁପମା ଦେ ଗ୍ରାମବାସୀ ତଥା ବିଦ୍ୟାଳୟର ପିଲାମାନଙ୍କୁ ଯୋଗ ଅଭ୍ୟାସ କରାଇବା ସହିତ ଯୋଗ ଓ ପ୍ରାଣାୟାମର ଉପକାରିତା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଆୟୁଷଗ୍ରାମ ତରଫରୁ ସମସ୍ତ ଅତିଥି ଓ କର୍ମକର୍ତ୍ତାମାନେ ଔଷଧୀୟ ବୃକ୍ଷରୋପଣ କରି ଏହାର ଆବଶ୍ୟକତାକୁ ହୃଦବୋଧ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବାଳକ ଓ ବାଳିକା ଏବଂ ଗ୍ରାମବାସୀଙ୍କ ଦ୍ୱାରା ଏକ ଯୋଗରାଲି ପ୍ରଦର୍ଶନ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମକୁ ସୁଶାନ୍ତ ପରିଡ଼ା, ପ୍ରଶାନ୍ତ ପାଣି, ପ୍ରଶାନ୍ତ ନାୟକ, ଅଙ୍ଗନବାଡ଼ିକର୍ମୀ ସୁଜାତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ନିମନ୍ତେ ଲିଙ୍ଗରାଜ ମନ୍ଦିରରୁ ରାମ ମନ୍ଦିର ପର୍ଯ୍ୟନ୍ତ ବିଶାଳ ସନାତନ ହିନ୍ଦୁ ଏକତା ପଦଯାତ୍ରା ସମ୍ପନ୍ନ

ଭୁବନେଶ୍ୱର, ୨୨/୬ (ନି.ପ୍ର): ପ୍ରସିଦ୍ଧ ବାଗେଶ୍ୱର ଧାମ ପୀଠାଧୀଶ୍ୱର ବାବା ଧୀରେନ୍ଦ୍ର ନାଥ ଶାସ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆଜି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଏକ ଐତିହାସିକ ଓ ଭବ୍ୟ 'ସନାତନ ହିନ୍ଦୁ ଏକତା ପଦଯାତ୍ରା' ଆୟୋଜିତ ହୋଇଥିଲା। ପଦଯାତ୍ରା ଲିଙ୍ଗରାଜ ମନ୍ଦିରରୁ ଆରମ୍ଭ ହୋଇ ରାମ ମନ୍ଦିରରେ ସମାପନ ହୋଇଥିଲା। ଏହି ଐତିହାସିକ ପଦଯାତ୍ରାରେ ଶତାଧିକ ଭକ୍ତ ଓ ଅନ୍ୟ ହିନ୍ଦୁ ସଂଗଠନର ସଦସ୍ୟମାନେ ଅଂଶଗ୍ରହଣ କରି ଏକ ପ୍ରଭାବୀ ମନୋମୋହକ ଦୃଶ୍ୟ ସୃଷ୍ଟି କରିଥିଲେ। ଏହି ପଦଯାତ୍ରା ମାଧ୍ୟମରେ ସଂଘବଦ୍ଧ ଭାବେ ଦାବି ହୋଇଥିଲା ଯେ ଭାରତ ଏକ ହିନ୍ଦୁ ରାଷ୍ଟ୍ର ଏବଂ ଏହି ଦେଶର ମୂଳ ପରିଚୟ ସନାତନ ହିନ୍ଦୁ ଧର୍ମର ଐତିହ୍ୟ ଓ ସଂସ୍କୃତିକୁ ରାଷ୍ଟ୍ରୀୟ ସ୍ୱୀକୃତି ଦେବାର ସମୟ ଆସିଯାଇଛି। ସନାତନ ଧର୍ମ ହିଁ ଭାରତର ମୂଳ ଆଧାରଶିଳା ଏବଂ ଆଧ୍ୟାତ୍ମିକ ଆଦର୍ଶ, ଯାହା ଜନମାନସରେ ନୈତିକତା, ଆଶା ଓ ଏକତାର ଦୀପ ପ୍ରଜ୍ୱଳିତ କରେ। ଏହି ପଦଯାତ୍ରା ଦ୍ୱାରା ଆହ୍ୱାନ ଦିଆଯାଇଛି ଯେ ଏହି ଦେଶର ଗରିମା, ସଂସ୍କୃତି ଓ ଧର୍ମୀୟ ଚିହ୍ନକୁ ରକ୍ଷା କରିବା ଏବଂ ଭାରତକୁ ଏକ ଅଧିକ ଗୌରବମୟ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା କରିବାକୁ ସରକାର ଅବିଳମ୍ବେ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ । ପଦଯାତ୍ରାର ଅନ୍ତିମ ସ୍ଥଳୀ ରାମ ମନ୍ଦିର ସମ୍ମୁଖରେ ଅନେକ ସଂଗଠନ ଓ ଧାର୍ମିକ ନେତାଙ୍କ ଉପସ୍ଥିତିରେ ଭବ୍ୟ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କାର୍ଯ୍ୟକ୍ରମର ଆବାହକ ଦେବାଶିଷ ନାୟକ ଏହି ଆନ୍ଦୋଳନକୁ ଭବିଷ୍ୟତରେ ଜନ ଆନ୍ଦୋଳନର ରୂପ ଦେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଓଡ଼ିଶା ମୁଖ୍ୟ ଜେନେରାଲ୍ ଦୀନବନ୍ଧୁ ଷଡ଼ଙ୍ଗୀ ସାରା ବିଶ୍ୱରେ ହିନ୍ଦୁ ଧର୍ମର ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ସହ ସନାତନୀ ହିନ୍ଦୁ ମାନଙ୍କର ସୁରକ୍ଷା ନିମନ୍ତେ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ନିକଟରେ ବାଂଲାଦେଶର ହିନ୍ଦୁମାନଙ୍କ ଗଣହତ୍ୟା ବେଳେ ଭାରତ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଆନୁଷ୍ଠାନିକ ପଦକ୍ଷେପ ଗ୍ରହଣ କରାଯାଇନଥିବା କ୍ଷୋଭର ବାତାବରଣ ସୃଷ୍ଟି କରିଥିଲା । ଏଥିପାଇଁ ସମ୍ବିଧାନର ସିକୁଲାର୍ ଶବ୍ଦ ହିଁ ସମସ୍ୟା କରିଥିଲା ବୋଲି ସେ ଅଭିଯୋଗ କରିଥିଲେ । ରାଷ୍ଟ୍ରୀୟ ହିନ୍ଦୁ ମହାସଙ୍ଘ, ଓଡ଼ିଶା ପକ୍ଷରୁ ପଣ୍ଡିତ ବିଶ୍ୱେଶ୍ୱର ପାଣିଗ୍ରାହୀ ଏହି ବିଶାଳ ସମାବେଶର ସମର୍ଥନ କରିବା ସହ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ପାଇଁ ନିଜ ସଂଗଠନ ପକ୍ଷରୁ ସମର୍ଥନ ଜଣାଇଥିଲେ ।

# ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖା ପକ୍ଷରୁ ବାର୍ଷିକ ସମ୍ମିଳନୀ ଓ ଆଇନ ସଚେତନତା ଶିବିର ଅନୁଷ୍ଠିତ

ବାଲିଆପାଳ , ୨୨/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ରବିବାର ପୂର୍ବାହ୍ନରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖା ପକ୍ଷରୁ ବାର୍ଷିକ ସମ୍ମିଳନୀ ଓ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସୂଚନା ଅଧିକାର ଆଇନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବାଲେଶ୍ୱର ଜିଲ୍ଲାର ପୂର୍ବତନ ଆଇନଜୀବୀ ସଙ୍ଘର ସଭାପତି ମନୋଜ ନାୟକ, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ମାନବ ଅଧିକାର କର୍ମୀ ଏବଂ ଆଇନଜୀବି ଶ୍ରୀ ଅଖଣ୍ଡ ପ୍ରମୁଖ ଯୋଗ ଦେଇ ସୂଚନା ଅଧିକାର ଆଇନ ର ବିଭିନ୍ନ ଦିଗ ଓ ଆଜିର ସମାଜରେ ଏହାର ଆବଶ୍ୟକତା ବିଷୟରେ ଆଲୋଚନା କରିଥଲେ। ଏହାଛଡା ଏହି ଆଇନ ବଳରେ ସମାଜର ସ୍ୱଚ୍ଛତା ନିଶ୍ଚିତ ଆସିବ ବୋଲି ମଧ୍ୟ କହିଥିଲେ। ପରିଶେଷରେ କଳିପଦା କୃଷକ ମୋର୍ଚ୍ଚା ସଭାପତି କୁଶଧ୍ୱଜ ଜେନା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ସଦସ୍ୟ ଗୋପାଳ ଗଙ୍ଗାଇ, ଶରତ ପାତ୍ର,ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ କୁମାର ଚୌଧୁରୀ, ଅଶୋକ ଦତ୍ତ, ଅବସର ପ୍ରାପ୍ତ ଶିକ୍ଷକ ଭୃଗୁରାମ ବିଶ୍ୱାଳ, କାହ୍ନୁ ଚରଣ ପାତ୍ର, ବିପିନ ଦାସ, ପ୍ରହ୍ଲାଦ ଘଡାଇ, ରାଜକିଶୋର ପାତ୍ର ପ୍ରମୁଖ ସମସ୍ତ କାର?ୟ ପରିଚାଳନା ରେ ସହଯୋଗ କରିଥିବା ବେଳେ ବହୁ ଜନସାଧାରଣ ଏହି ଶିବିର ରେ ଅଂଶ ଗ୍ରହଣ କରିଥିଲେ।

B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
Course Offers : Diploma Engg.
- Mechanical Engineering
- Electrical Engineering
- Civil Engineering
- E. & T.C. Engineering
- Comp. Sc. & Engineering

100% Placement

ITI Trade
- Electrician
- Welder
- Fitter
- R & AC

FREE Admission for SC / ST Students

Walk-In-Interview on Dated - 23.06.25 (Monday)

Faculty Recruitment
- Lecture in all above Branches.
- Lab Technician in all above Branches.
- Clerk & Hostel Superintendent.

Contact No.- 9861947995, 8270317712
Place of Interview- IET Samalpur, Balasore

# ଦିବ୍ୟାଙ୍ଗ ପୂର୍ଣ୍ଣଚନ୍ଦ୍ରଙ୍କ ଚିକିତ୍ସାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆକୁଳ ନିବେଦନ

ନୀଳଗିରି, ୨୨/୬ (ନି.ପ୍ର): ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ଦ୍ୱାରିକା ଗ୍ରାମ ଗୁଡିଖୋଲା ସାହିର ଦିବ୍ୟାଙ୍ଗଙ୍କୁ ସରକାରୀ ଅବହେଳା। ଆଜି ପର୍ଯ୍ୟନ୍ତ ମିଳିନାହିଁ ଅନଲାଇନ୍ ଭିନ୍ନକ୍ଷମ ସାର୍ଟିଫିକେଟ ନା ମିଳିଛି ବର୍ଦ୍ଧିତ ଭତ୍ତା। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂ(୮୨) ପକ୍ଷାଘାତ ରୋଗରେ ପୀଡିତହୋଇ ଭିନ୍ନକ୍ଷମ ଅଟନ୍ତି।ତାଙ୍କୁ ଅପଲାଇନ୍ ଭିନ୍ନକ୍ଷମ ସାର୍ଟିଫିକେଟ ମିଳିଥିଲେ ହେଁ ଆଜି ପର୍ଯ୍ୟନ୍ତ ସରକାରୀ ଅବହେଳା ପାଇଁ ମିଳିପାରିନି ଅନଲାଇନ ଭିନ୍ନକ୍ଷମ ସାର୍ଟିଫିକେଟ। ଫଳରେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ପୂର୍ଣ୍ଣଚନ୍ଦ୍ର।ତୁରନ୍ତ ତାଙ୍କୁ ଅନଲାଇନ ଭିନ୍ନକ୍ଷମ ସାର୍ଟିଫିକେଟ ସହ ବର୍ଦ୍ଧିତଭତ୍ତା ପ୍ରଦାନ କରିବାକୁ ଦାବୀ କରିଛନ୍ତି। ଦୀର୍ଘ ୨୫ବର୍ଷଧରି ଶଯ୍ୟାଶାୟୀ ହୋଇଥିବାରୁ ଭତ୍ତାଟଙ୍କା ଉପରେ ନିର୍ଭରଶୀଳ।ଗତ ଜାନୁଆରୀ ୫ତାରିଖ ନୀଳଗିରି ବ୍ଲକ ଭିନ୍ନକ୍ଷମ ଶିବିରରେ ଆବେଦନ କରିବା ସହ ଅନଲାଇନରେ ମଧ ଆବେଦନ କରିଥିଲେ ମଧ ଅଦ୍ୟାବଧି ସୁଦ୍ଧା ଭିନ୍ନକ୍ଷମ ସାର୍ଟିଫିକେଟ ମିଳିପାରିନାହିଁ।ହେଁ ଆଜି ପର୍ଯ୍ୟନ୍ତ ତାଙ୍କୁ ଭିନ୍ନକ୍ଷମ ସାଟିଫିକେଟ ମିଳିନାହିଁ। ଫଳରେ ଜାନୁଆରୀ ମାସରେ ପାଇଥିବା ବର୍ଦ୍ଧିତ ଭତ୍ତାକୁ ସରପଞ୍ଚ ଫେରାଇନେଇଥିବା ଜଣାପଡ଼ିଛି। ଆର୍ଥିକ ଅନାଟନରେ କାଳାତିପାତ କରୁଥିବା ପୂର୍ଣ୍ଣଚନ୍ଦ୍ର ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ସହାୟତା ଯୋଗାଇଦେବା ସହ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ପ୍ରଶାସନ ତୁରନ୍ତ ଦୃଷ୍ଟିଦେବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଏଦିଗରେ ସହଯୋଗ କରିବାକୁ ଗଣମାଧ୍ୟମରେ ଅନୁରୋଧ କରିଛନ୍ତି।



# ଖୁସି ଫାଉଣ୍ଡେସନ ପକ୍ଷରୁ ଅସହାୟ ଲୋକଙ୍କୁ ସହାୟତା

ବାସୁଦେବପୁର, ୨୨/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ଚକ ଗ୍ରାମରେ ବାସ କରି ରହୁଥିବା ଗରିବ ଅସହାୟ ଲୋକ ଗୁଡ଼ିଆ ବିବି ଓ ତାଙ୍କର ତିନୋଟି ଝିଅ ଙ୍କୁ ଖୁସି ଫାଉଣ୍ଡେସନ ପକ୍ଷରୁ ସହାୟତା ଯୋଗାଇ ଦିଆ ଯାଇଛି। ଗୁଡିଆ ବିବିଙ୍କ ସ୍ୱାମୀ ମୃତ୍ୟୁ ପରେ ପରିବାର ଅନେକ ଦୁଃଖ କଷ୍ଟ ରେ ଚଳୁଛି। ତେଣୁ ଏହି ଅବସରରେ ଖୁସି ଫାଉଣ୍ଡେସନ ସାହାଯ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ଆର୍ଥିକ ରାଶି ପାଞ୍ଚ ହଜାର ଟଙ୍କା ଓ ରେସନ ସାମଗ୍ରୀ ଡାଲି, ତେଲ, ଶୁଖିଲା ଖାଦ୍ୟ, ଆଳୁ ବାଇଗଣ ପ୍ରଭୃତି ତାଙ୍କ ପରିବାର ବର୍ଗ ଙ୍କୁ ଦିଆ ଯାଇଛି। ଗୁଡିଆ ବିବିଙ୍କ ପରିବାରଙ୍କୁ ସରକାରୀ ସାହାଯ୍ୟ, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ୟାନ୍ୟ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଯୁବ ନେତା ଓ ସମାଜ ସେବୀ ତାଜୁ ଖାଁ ଓ ଶେଖ୍ ଅହମ୍ମଦ ଏହି ଅବସରରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଖୁସି ଫାଉଣ୍ଡେସନର ସଭାପତି ରାଜେଶ କୁମାର ମଲ୍ଲିକ, ବିଜୟ କୁମାର ମହାନ୍ତି, ଶରତ ନାୟକ, ଦୀପ୍ତି ରଞ୍ଜନ ସେଠି, ଅଜୟ, ହରିହର, ରଞ୍ଜନ, ଗୁଡ୍ଡୁ, ବିଜୟ, ହରେକୃଷ୍ଣ, ବାପୁଲୁ, କିଟୁ, ରାଜ, ବନ୍ଧନ ପ୍ରମୁଖ ଯୋଗ ଦେଇଥିଲେ ଓ ସହଯୋଗ କରିଥିଲେ।




# ମାଙ୍କଡା ବୋଝେଇ ଟ୍ରାକ୍ଟର ଜବତ



ଖଇରା, ୨୨/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ରାଜସ୍ୱ କ୍ଷେତ୍ର ଅଧୀନ କୁପାରୀ କଲେଜ ପଟେ ବେଆଇନ ଭାବେ ମାଙ୍କଡା ବୋଝେଇ କରୁଥିବା ବେଳେ କନିଷ୍ଠ କୃଷି ଅଧିକାରୀ ଅଭିଷେକ ବେହେରା ଉକ୍ତ ଗାଡିକୁ ଜବତ କରି ଖଇରା ତହସିଲରେ ରଖିଛନ୍ତି । ପ୍ରତ୍ୟେକ ରାତିରେ କଲେଜ ପାଖ, ବରପଦା, ହରିପୁର, କଳମଚୁଆ ଇତ୍ୟାଦି ଅଞ୍ଚଳରୁ ମାଙ୍କଡା ଲୁଟ ହେଉଥିବା ନେଇ ଅଭିଯୋଗ ହେଉଥିଲା । ରବିବାର ସକାଳେ ଏକ ଟ୍ରାକ୍ଟର (ଓଡି୨୨ଇ୧୨୭୬) ସରକାରୀ ଜମିରେ ମାଙ୍କଡା ବୋଝେଇ କରୁଥିବା ବେଳେ କନିଷ୍ଠ ଅଧିକାରୀ ଗାଡିକୁ କାବୁ କରିଥିଲେ । ବର୍ତ୍ତମାନ ବ୍ୟାପକରୂପେ ଚୋରାକାରବାର ହେଉଥିବା ବରପଦା ଖଣିରେ ଚଢାଉ ପାଇଁ ଦାବି ହୋଇଛି ।

# ଉତ୍ତର ବାଲେଶ୍ୱର ସଂସ୍କୃତରେ ମେଧାବୀ ବିଦ୍ୟାର୍ଥୀଙ୍କର ସମ୍ବର୍ଦ୍ଧନା ସମାରୋହ ସହିତ ପୁସ୍ତକ ଉନ୍ମୋଚନ ଉତ୍ସବ



ଜଳେଶ୍ୱର, ୨୨/୬ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଉତ୍ତର ବେଲେଶ୍ୱରର ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠି, ଭୋଗରାଇ ଦେବଭାଷା ବିକାଶ ପରିଷଦ ଓ ବାଲିଆପାଳ ବେଦଚେତନ ସଂସ୍କୃତ ବିକାଶ ପରିଷଦ ମିଳିତ ସହଯୋଗରେ ସଂସ୍କୃତ ଉଚ୍ଚ ମାଧମିକ ଓ ସ୍ନାତକ ରେ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ସହିତ ପୁସ୍ତକ ଉନ୍ମୁଚନ ଉତ୍ସବ ଭୋଗରାଇ ଦେବଭାଷା ବିକାଶ ପରିଷଦର ସଭାପତି ଡ. ଶ୍ରୀଶ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟକ ତଥା ପ୍ରାକ୍ତନ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଅଧକ୍ଷ ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ବିବେକାନନ୍ଦ ସାହୁ ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ବେଦଚେତନ ସଂସ୍କୃତ ବିକାଶ ପରିଷଦର ସଭାପତି ସୁବାସ ଚନ୍ଦ୍ର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଲତାଯୋଡ଼ି ବାଲିଆପାଳ ଧ୍ରୁବଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ପଣ୍ଡା ମଞ୍ଚ ଆହ୍ୱାନ କରିଥିଲା ବେଳେ ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ସତିଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ.ନୀଳକଣ୍ଠ ଖଣ୍ଡା, କବି ଶ୍ରୀ କୁମାର ଘୋଷ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ପଦ୍ମଲାଭ ପ୍ରଧାନ, ଗଣେଶ ଚନ୍ଦ୍ର ପରିଡ଼ା,ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୁରୁପ୍ରସାଦ ରାଉଳ, ରବି ନାରାୟଣ ମିଶ୍ର, ପଣ୍ଡିତ ଜନାର୍ଦ୍ଦନ ମିଶ୍ର ଉପସ୍ଥିତ ଥିଲେ। କିରଣ କୁମାର ଦାଶ, ପ୍ରିୟଙ୍କା ପଣ୍ଡା ଓ ସଂଗୀତା ଜେନା ପ୍ରମୁଖ ଛାତ୍ରଛାତ୍ରୀ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଇଂରାଜୀ ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର, ଓଡ଼ିଆ ଅଧ୍ୟାପକ ସମରବଲ୍ଲଭ ସାହୁ, ଇତିହାସ ଅଧ୍ୟାପିକା ସୁଜାତା ରାଣୀ ଦାସ, ସାହିତ୍ୟ ଅଧ୍ୟାପକ ଡ.ଗୁରୁପ୍ରସାଦ ରାଉଳ ଓ ଦେବେନ୍ଦ୍ର ଭୂୟାଁ,ଅଣ କର୍ମଚାରୀ ଅଶୋକ କୁମାର ପାଣିଗ୍ରାହୀ, ତ୍ରିଲୋଚନ ବେହେରା ଓ ରାମକୃଷ୍ଣ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଉତ୍ତରାଖଣ୍ଡରେ ବନ୍ଧକ ରହିଥିବା ୩୫ ନେପାଳୀ ନାଗରିକ ମୁକ୍ତ

କାଠମାଣ୍ଡୁ, ୨୨/୬ (ନି.ପ୍ର): ଭାରତର ଉତ୍ତରାଖଣ୍ଡରେ କିଛି ଦିନ ଧରି ବନ୍ଧକ ରଖାଯାଇଥିବା ୩୫ ଜଣ ନେପାଳୀ ନାଗରିକଙ୍କୁ ସୁରକ୍ଷିତ ଭାବରେ ମୁକ୍ତ କରାଯାଇଛି। ଏହି ଯୁବକମାନଙ୍କୁ ଚାକିରିର ଆଶ୍ୱାସନା ଦେଇ ବନ୍ଧକ ରଖାଯାଇଥିଲା। ରବିବାର ଦିନ ଆଇନଗତ ପ୍ରକ୍ରିୟା ପୂର୍ଣ୍ଣ ହେବା ପରେ ସେମାନଙ୍କୁ ନେପାଳ ପଠାଇବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଉତ୍ତରାଖଣ୍ଡର କାଶୀପୁରରେ ସ୍ଥାନୀୟ ପୋଲିସ ଏକ ଅଂଚଳରେ ରେଡ କରି ୩୫ ଜଣ ଯୁବକଙ୍କୁ ମୁକ୍ତ କରିଛି। ନୂଆଦିଲ୍ଲୀରେ ଥିବା ନେପାଳୀ ଦୂତାବାସ କହିଛି ଯେ ଏହି ଯୁବକମାନେ ବନ୍ଧକ ହେବାର ସୂଚନା ମିଳିବା ପରେ ସେମାନଙ୍କୁ ମୁକ୍ତି କରାଯାଇଛି ।

# ଆମ୍ବଗଡ଼ିଆ ବିକାଶ ପରିଷଦ ତରଫରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବୈଶିଙ୍ଗା, ୨୨/୬ (ନି.ପ୍ର): ଆମ୍ବଗଡ଼ିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ଭଗବାନପୁର ବୈଠକ ବଙ୍ଗଳାରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଯୋଗ ପ୍ରଶିକ୍ଷକ ଭାବରେ ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜି ଯୋଗଦାନ କରି ଯୋଗ ପ୍ରଶିକ୍ଷଣ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ପୂର୍ବତନ କୃଷି ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର ଓ ଗଛ ମଣିଷ ରବୀନ୍ଦ୍ର ବେହେରା ଏବଂ ଉପଦେଷ୍ଟା ଭାବରେ ଚକ୍ରଧର ଆଚାର୍ଯ୍ୟ ଯୋଗଦାନ ଦେବା ସହ ଯୋଗ କରିବାର ତାତ୍ପର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ଏହି ଯୋଗ କାର୍ଯ୍ୟକ୍ରମରେ ଅଶୋକ କୁମାର ଝା , ବାଦଲ ସାହୁ, ବିଜୟ କୁମାର ବାରିକ, ଟୁନା ଗିରି, ବିକାଶ ଦାସ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଏହି ଶିବିରକୁ ସଞ୍ଚାଳନ କରିଥିଲେ। ବିଶ୍ୱନାଥ ମହାନ୍ତ, ସଂଯୁକ୍ତା ମହାପାତ୍ର, ସସ୍ମିତା ମହାପାତ୍ର, ଜୟସ୍ମିତା ମହାପାତ୍ର, ଶୁଭଙ୍କର ମହାପାତ୍ର, ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦାନ କରିବା ସହ ଯୋଗ ପ୍ରଶିକ୍ଷଣ ନେଇଥିଲେ । ଶେଷରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।



# ଶ୍ରୀନଅରକୁ ବିଜେ ହେଲା ରାଜପ୍ରାସାଦ

ପୁରୀ, ୨୨/୬ (ନି.ପ୍ର): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁ ଦିବ୍ୟସ୍ନାନ କରି ଜ୍ୱରରେ ପିଡୀତ ହୋଇଥିବା ବେଳେ ଗତକାଲି ଏକାଦଶୀ ତିଥିରେ ଖଳିଲାଗି ଓ ଦଶମୂଳ ମୋଦକ ସେବନ କରି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଅଣସରର ରବିବାର ଦ୍ୱାଦଶୀ ତିଥିରେ ଶ୍ରୀଜିଉ ମାନଙ୍କର ଅନୁଷ୍ଠିତ ହୋଇଛି ରାଜପ୍ରାସାଦ ବିଜେ ନୀତି। ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଫିଟିବା ସହ ଶ୍ରୀମନ୍ଦିରରୁ ଶ୍ରୀନହରକୁ ରାଜପ୍ରସାଦ ବିଜେ କରାଯାଇଛି। ମହାପ୍ରଭୁ ଏବେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ବେଳେ ଏହି ଖବର ଗଜପତି ମହାରାଜାଙ୍କୁ ସୂଚିତ କରାଇବା ନିମନ୍ତେ ଦଇତାପତି ଓ ବିଦ୍ୟାପତି ଶ୍ରୀଜୀଉଙ୍କ ପ୍ରସାଦ ରୂପେ କରାଳ, ଚନ୍ଦନ, ପାଟବସ୍ତ୍ରକୁ ନେଇ ଶ୍ରୀମନ୍ଦିରରୁ ଶ୍ରୀନହରକୁ ବିଜେ କରିଛନ୍ତି।

# ସୁସ୍ଥହେଲେ ମହାପ୍ରଭୁ: ଶ୍ରୀନଅର ଯାଇ ରାଜାଙ୍କୁ ମହାପ୍ରଭୁଙ୍କ ସୁସ୍ଥଖବର ଦେଲେ ସେବାୟତ

ନୀଳଗିରି , ୨୨/୬ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଜ୍ୱରରୁ ସୁସ୍ଥହେଲେ ମହାପ୍ରଭୁ। ଏନେଇ ନୀଳଗିରିର ବଂଶାନୁକ୍ରମିକ ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ଏବଂ ରାଣୀ ମନୋଜା ମଞ୍ଜରୀ ଦେବୀଙ୍କୁ ଖବର ଜଣାଇଲେ ଜଗନ୍ନାଥ ମନ୍ଦିର ସେବାୟତ।ରାତ୍ରି ପ୍ରାୟ ୮ଟା ସମୟରେ ମହାପ୍ରଭୁଙ୍କ ସୁସ୍ଥଖବର ନେଇ ନୀଳଗିରି ରାଜନଅରରେ ପହଞ୍ଚି ରାଜାଙ୍କୁ ସୂଚିତ କରିଛନ୍ତି ସେବାୟତ ବ୍ରହ୍ମା ସରୋଜ ନନ୍ଦ, ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ, ପୂଜକ ହରିବନ୍ଧୁ କର, ପ୍ରହରାଜ ହର ନାରାୟଣ ନନ୍ଦ, ବ୍ରଜେନ୍ଦ୍ର ମିଶ୍ର, ଲମ୍ବୋଦର ଆଚାର୍ଯ୍ୟ, ଖୁଣ୍ଟିସେବକ ଖଗେନ୍ଦ୍ର ବେହେରା ଓ ଅନ୍ୟ ସେବାୟତ। ମନ୍ଦିରରୁ ଆଜ୍ଞାମାଳ ସହିତ ଜ୍ୱରରେ ପୀଡ଼ିତ ସମୟରେ ଉପଚାରରେ ବ୍ୟବହୃତ ହେଉଥିବା ଚନ୍ଦନ, ତୁଳସୀ, ଫୁଲୁରିତେଲର ଅବଶିଷ୍ଟାଂଶ ନେଇ ରାଜାଙ୍କୁ ପ୍ରଦାନ କରିବା ସହିତ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଜଣାଇଥିଲେ। ଏବଂ ରଥଯାତ୍ରା ପାଳନପାଇଁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରିଥିଲେ।ମହାପ୍ରଭୂ ସୁସ୍ଥହେବା କଥା ମନ୍ଦିର ସେବାୟତଙ୍କ ଠାରୁ ଶୁଣି ବେଶ ଖୁସୀ ହୋଇଛନ୍ତି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଏବଂ ରାଣୀ ମନୋଜା ମଞ୍ଜରୀ ଦେବୀ। ଆଜି ଶ୍ରୀଜିଉଙ୍କ ଅନବସର ଦ୍ୱାଦଶୀ। ଏହି ଅବସରରେ ଚାଲିଛି ରାଜପ୍ରାସାଦ ବିଜେ ନୀତି। ଗୁପ୍ତ ଉପଚାର ପରେ ଜ୍ୱରରେ ପୀଡ଼ିତ ଶ୍ରୀଜିଉ ଏବେ ସମ୍ପୂର୍ଣ୍ଣ ସୁସ୍ଥ।ମହାପ୍ରଭୁଙ୍କ ନବଯୌବନ ପ୍ରାପ୍ତି ପୂର୍ବରୁ ଅଣସର ପିଣ୍ଡିରେ ଚାଲିଥିଲା ଗୋପନ ସେବା।ଶନିବାର ମହାପ୍ରଭୁଙ୍କ ଅଣସର ନୀତି ଚକା ଉପରେ ସଂପନ୍ନ ହୋଇଥିଲା। ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ନୀତି ଅନୁଷ୍ଠିତ ହୋଇଯାଇଛି। ଚକା ଉପରେ ବିଜେ ଅବସ୍ଥାରେ ମହାପ୍ରଭୁ ନାଳିରଙ୍ଗର ବସ୍ତ୍ର ପରିଧାନ କରିଥିଲେ। ଆଜି ସନ୍ଧ୍ୟା ଆରତି ନୀତି ସଂପନ୍ନପରେ ଅସୁସ୍ଥ ମହାପ୍ରଭୁ ସୁସ୍ଥ ଅନୁଭବ କରୁଛନ୍ତି। ମହାପ୍ରଭୁଙ୍କ ପସନ୍ଦର ତୁଳସୀ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବା କହିଛନ୍ତି ସେବାୟତ।

# ଗୋଚର ଜମି ଜବରଦଖଲ: ଉଚ୍ଛେଦ ଦାବିକଲେ ଗରସଙ୍ଗ ଗ୍ରାମବାସୀ

ଖଇରା, ୨୨/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଗରସଙ୍ଗ ମୌଜାରେ ପାଖାପାଖି ୭ଏକର ଜମିକୁ ଜବରଦଖଲ କରି ବାଡଘେରି ରଖିବା ସହ ବେଆଇନ ନିର୍ମାଣ କରୁଥିବା ରୁ ଗୋରୁଗାଈଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି ହୋଇଛି । ୨୦୧୯ ମସିହାରୁ ଗ୍ରାମବାସୀ ୪ଥର ବିଭିନ୍ନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ସାରିବା ପରେ ପୁନଶ୍ଚ ଶୁକ୍ରବାର ଖଇରା ଅତିରିକ୍ତ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି । ହେଲେଁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏଭଳି ଅବରୋଧ ଜାରି ରହିଲେ ରେକର୍ଡରୁ ସରକାରୀ ଜମି ଶୁନ ହୋଇଯିବ ବୋଲି ଗ୍ରାମବାସୀ ମାନେ କହିଛନ୍ତି । ଗରସଙ୍ଗ ମୌଜାର ଖାତା ନମ୍ବର ୯୧୩ ପ୍ଲଟ ନମ୍ବର ୫୭୯ ,ପ୍ଲଟ ନମ୍ବର ୨୭୪ ଓ ପ୍ଲଟ ନମ୍ବର ୬୬୦ ଗୋଚର କିସମ ଜମି ହୋଇଥିବା ବେଳେ ଏହାକୁ ୬ଜଣ ବ୍ୟକ୍ତି ନିଜ କବଜାରେ ରଖିଛନ୍ତି । କିଛି ବେଆଇନ ଘର ନିର୍ମାଣ କରିଥିବା ବେଳେ ଆଉ କିଛି ପୋଖରୀ ଖୋଳି ମାଛଚାଷ କରୁଛନ୍ତି । ରାଜ୍ୟ ସରକାର ସରକାରୀ ଜମି ଜବରଦଖଲମୁକ୍ତ ପାଇଁ ବାରମ୍ବାର ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଥିବା ବେଳେ ତଳସ୍ତରରେ ଏହା କାର୍ଯ୍ୟକାରୀ ହେଉନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କୁ ଯୋଗାଯୋଗ କରିବାରେ ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## କାମାକ୍ଷାନଗରରେ ତିଆରି ହେବ ନୂଆ ଆଲୁମୁନିୟମ ପ୍ଲାଂଟ

ଭୁବନେଶ୍ୱର, ୨୨/୬ (ନି.ପ୍ର): ଶିଳ୍ପର ହବ୍ ହେବ ଢେଙ୍କାନାଳ । କାମାକ୍ଷାନଗରରେ ନୂଆ ଆଲୁମୁନିୟମ ପ୍ଲାଂଟ ତିଆରି ହେବ । ପ୍ଲାଂଟ ନିର୍ମାଣ ପାଇଁ ନିବେଶ ହେବ ୧ ଲକ୍ଷ ୨୮ ହଜାର କୋଟି ଟଙ୍କା । ପ୍ରାୟ ୪୦ ହଜାର ଯୁବକ ଯୁବତୀଙ୍କୁ ରୋଜଗାର ମିଳିବ । ଗତ ୧୬ ତାରିଖ ରେ ଏଥିପାଇଁ ଅନୁମୋଦନ ଦେଇଛନ୍ତି ରାଜ୍ୟ ସରକାର । ଖୁବ ଶୀଘ୍ର ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିବେ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର ସୂଚନା ଦେଇଛନ୍ତି । ସେହିପରି ସୋଲାର ପ୍ରୋଜେକ୍ଟ କମ୍ପାନୀ ଓ୍ୱାରେ ଢେଙ୍କାନାଳ ଛାଡିବା କଥାକୁ ଖଣ୍ଡନ କରିଛନ୍ତି ମନ୍ତ୍ରୀ । ଓଡିଶା ଛାଡିବା ନେଇ କମ୍ପାନୀ କେବେ କହି ନ ଥିଲା ।

# ଭଦ୍ରକ ଜିଲ୍ଲା ନ୍ୟାୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭଦ୍ରକ , ୨୨/୬ (ନି.ପ୍ର): ଭଦ୍ରକ ଜିଲ୍ଲା ନ୍ୟାୟାଳୟ ପରିସର ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦୌରାଜଜ୍, ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏହି ଯୋଗଦିବସ ପାଳନ ଅବସରରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ଜିଲ୍ଲା ଓ ଦୌରାଜଜ, ଭଦ୍ରକ, ଶ୍ରୀ ଅରବିନ୍ଦ ରଥ, ବିଚାରପତି ପରିବାର ଅଦାଲତ, ପ୍ରଭାତ କୁମାର ରାଜଗୁରୁ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଏବଂ ସ୍ୱତନ୍ତ୍ର ଜଜ୍, ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-ତଥା-ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ), ନିବେଦିତା ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଓ ସହକାରୀ ଦୌରାଜଜ୍, ଚିନ୍ମୟୀ ପଣ୍ଡା, ବରିଷ୍ଠ ଦେଓ୍ୱାନୀ ବିଚାରପତି, ପୁଣ୍ୟଶ୍ଳୋକ ରଥ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ, ଶ୍ରୀମତୀ ଶିବାନୀ, ଅତିରିକ୍ତ ବିରଷ୍ଠ ଦେଓ୍ୱାନୀ ବିଚାରପତି, ଭଦ୍ରକ, ଅରୋଲିପି ପରିଜା, ବରିଷ୍ଠ ଦେଓ୍ୱାନୀ ବିଚାରପତି, (ଏଲଆରଏଣ୍ଡ, ଏଲଟିଭି) ସ୍ୱଜାଲି ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ, ଉମାକାନ୍ତ ବେହେରା, କନିଷ୍ଠ ଦେଓ୍ୱାନୀ ବିଚାରପତି, ସୁବାସିନୀ ବେହେରା, ଜୁଡ଼ିସିଆଲ ମାଜିଷ୍ଟ୍ରେଟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ନ୍ୟାୟାଳୟ (୧), ଶ୍ରୀ ମନୋଜ କୁମାର ଦାସମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ନ୍ୟାୟଳୟର ଏସ୍.ଏସ୍.ପାଢ଼ି ଓ ଅମ୍ଳାନ ରଥ, ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ଦ୍ୱିତୀୟ ଶ୍ରେଣୀ ତଥା କୋର୍ଟର କର୍ମଚାରୀ ଗଣ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚାରୀମାନେ ମଧ ଏହି ଯୋଗ ଦିବସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପୁଣ୍ୟଶ୍ଳୋକ ରଥ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଭାବରେ ଯୋଗ ଦିବସ ନିମିତ୍ ସଚେତନତା କାର୍ଯ୍ୟକ୍ରମ ଶିଶୁଯତ୍ନ ଗୃହ, ଓଡ଼ିଶା ବଳାଳାଶ୍ରମ, ଗରଦପୁର, ଭଦ୍ରକ, ସ୍ୱୟଂ ସହାୟକ ଗୋଷ୍ଠୀ, କାଦବରାଙ୍ଗ, ବନ୍ତ ବ୍ଲକ, ପ୍ୟାନେଲ ଓକିଲ, ପାରାଲିଗାଲ ସ୍ୱେଚ୍ଛାସେବୀମାନେ ମଧ ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳନ ଅବସରରେ ଅଂଶ ଗ୍ରହଣ କରି ଯୋଗାଭ୍ୟାସ ଦ୍ୱାରା ହେଉଥିବା ସଫଳ ସମ୍ବନ୍ଧରେ ଏକ ବାର୍ତ୍ତା ଯାହାକି ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଉପରେ ସଚେତନତା କରାଇଥିଲେ।



# ଛାତ୍ରଙ୍କ କୃତିତ୍ୱ



ସାଇକିଶନ ତ୍ରିପାଠୀ neet ୨୦୨୫ରେ ୫୪୯ନମ୍ବର ୧୨୦୦ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ହାଇସ୍କୁଲ ୨୦୨୨ ମସିହାରେ ବେଷ୍ଟ ୧୦ଜଣଙ୍କ ମଧ୍ୟରେ ଜିଲ୍ଲାରେ ଓ ବାଲିଆପାଳ ବ୍ଲକରେ ଦ୍ୱିତୀୟ ହୋଇଥିଲେ। +2 CHSE ୨୦୨୪ରେ ବାଲେଶ୍ୱର ଜିଲ୍ଲା ଟପ୍ପର ଓ ରାଜ୍ୟରେ ସପ୍ତମ ସ୍ଥାନ ପାଇଥିଲେ । ଜାମକୁଣ୍ଡା ଗ୍ରାମର ସରୋଜ ତ୍ରିପାଠୀ ଓ ସ୍ୱର୍ଗତ ପୂର୍ଣ୍ଣଶଶୀ ତ୍ରିପାଠୀଙ୍କ ପୁତ୍ର ଅଟନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida